RNI No.ODIODI/2010/33031
୧୭ ବର୍ଷ Volume-17
ISSUE -211 ସଂଖ୍ୟା-୨୧୧
ଭୁବନେଶ୍ୱର,ଶନିବାର ୦୭ ନଭେମ୍ବର ୨୦୨୬
Bhubaneswar, Saturday 07 November, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



କେନ୍ଦୁଝର ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ଦେଲେ ଦୀପାବଳି ଭେଟି

- ୧୨୯୨ କୋଟିର ୩୩୦ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ
- ଧରଣୀଧର ବିଶ୍ୱବିଦ୍ୟାଳୟ ଦକ୍ଷିଣ କ୍ୟାମ୍ପସ ଉଦ୍‌ଘାଟିତ
- ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ବସ୍ କାର୍ଡ ଶୁଭାରମ୍ଭ
- ସ୍ଥାପନହେବ ୬୩୦ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ, କେନ୍ଦୁଝର ପାଇଁ ୩୫
- ୧୫ ମହଲା ଟେକ୍-ବିଜନେସ୍ ପାର୍କର ଶୁଭାରମ୍ଭ, ଖର୍ଚ୍ଚ ହେବ ୨୩୭ କୋଟି

ଭୁବନେଶ୍ୱର,୬ା୧୧(ନି.ପ୍ର.): ଆଜି କେନ୍ଦୁଝର ମାଟିରୁ ଏକାଧାରରେ ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ଭିତ୍ତିଭୂମି କ୍ଷେତ୍ରରେ ଏକ ଅଭୂତପୂର୍ବ ଓ ଐତିହାସିକ ପରିବର୍ତ୍ତନର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଗସ୍ତରେ ଯାଇ ରାଜ୍ୟ ସରକାରଙ୍କ ପ୍ରମୁଖ ଶିକ୍ଷା ଯୋଜନା 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା'ର ତୃତୀୟ ପର୍ଯ୍ୟାୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସୂଚନାଯୋଗ୍ୟ ଯେ ସରକାରଙ୍କ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଏହି ପର୍ଯ୍ୟାୟରେ ରାଜ୍ୟବ୍ୟାପୀ ୬୩୦ଟି ସ୍କୁଲର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିବାବେଳେ ଏଥିରେ କେନ୍ଦୁଝର ଜିଲ୍ଲାର ୩୫ଟି ବିଦ୍ୟାଳୟ ସାମିଲ ରହିଛି। ପ୍ରାୟ ୪୦୦୦ କୋଟି ଟଙ୍କା ବ୍ୟୟରେ ଏହି ସମସ୍ତ ବିଦ୍ୟାଳୟ ନିର୍ମାଣ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମୁଦାୟ ୧୪ କୋଟି ବ୍ୟୟରେ ଧରଣୀଧର ବିଶ୍ୱବିଦ୍ୟାଳୟର ଦକ୍ଷିଣ କ୍ୟାମ୍ପସର ଉଦ୍ ?ଘାଟନ କରିଥିଲେ। ଅନ୍ୟାନ୍ୟ ପ୍ରକଳ୍ପ ମଧ୍ୟରେ ଉତ୍ତର ଓଡ଼ିଶାର ସବୁଠାରୁ ଆଧୁନିକ ବୈଷୟିକ ବାଣିଜ୍ୟିକ ପ୍ରତିଷ୍ଠାନର ମଧ୍ୟ ଆଜି ଶିଳାନ୍ୟାସ ହୋଇଛି । ପ୍ରାୟ ୫.୫୧ ଏକର ଜମି ଓ ୨୩୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୧୫ ମହଲା ବିଶିଷ୍ଟ ଟେକ୍-ବିଜନେସ୍ ପାର୍କ୍ ଉତ୍ତର ଓଡ଼ିଶାରେ ଯୁବବର୍ଗଙ୍କ ପାଇଁ ପ୍ରଚୁର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଆଜିର ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ କେନ୍ଦୁଝରର ଯୁବପିଢ଼ିଙ୍କୁ ଆଉ ବାଙ୍ଗାଲୋର କିମ୍ବା ହାଇଦ୍ରାବାଦ ଯିବାକୁ ପଡ଼ିବ ନାହିଁ, ବରଂ ନିଜ ମାଟିରେ ହିଁ ନିଯୁକ୍ତି ଓ ପ୍ରଗତିର ଅସୀମ ଦ୍ୱାର ଖୋଲିଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଏଥିସହିତ ଧରଣୀଧର ମେଡିକାଲ କଲେଜ ପରିସରରେ ଉଗର ସହଯୋଗରେ ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ରାଜ୍ୟର ପ୍ରଥମ ସମ୍ପୂର୍ଣ୍ଣ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ଭିତ୍ତିକ 'ପ୍ରିଭେଣ୍ଟିଭ୍ କ୍ୟାନସର୍ ସ୍କ୍ରିନିଂ କେନ୍ଦ୍ର' ଲୋକାର୍ପିତ ହୋଇଛି, ଯେଉଁଠାରେ ସମସ୍ତ ସେବା ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ଶିକ୍ଷାକୁ ବ୍ୟାପକ କରିବା ପାଇଁ ୫୮ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟରେ ୭ ମହଲା ବିଶିଷ୍ଟ ଡେଣ୍ଟାଲ କଲେଜ ଏବଂ ୬୩ କୋଟି ଟଙ୍କା ବ୍ୟୟରେ ୧୦ ମହଲା ବିଶିଷ୍ଟ ନର୍ସିଙ୍ଗ୍ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ କେନ୍ଦୁଝର ଠାରେ ଏକ ସରକାରୀ ଫାର୍ମାସୀ କଲେଜ ସ୍ଥାପନ ହେବ ବୋଲି ମୁଖ୍ୟମନ୍ତ୍ରୀ ଏହି ସମାରୋହରେ ଘୋଷଣା କରିଥିଲେ।

ଏହା ବ୍ୟତୀତ ୧୦ କୋଟି ଟଙ୍କାରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗ, ୩୨ କୋଟି ଟଙ୍କାରେ ମଡ୍ୟୁଲାର୍ ଓଟି କମ୍ପ୍ଲେକ୍ସ, ମଲ୍ଟି-ୟୁଟିଲିଟି ସେଣ୍ଟର, ପୋଲିସ ଆଉଟପୋଷ୍ଟ ଏବଂ ୩୦-ଜଣିଆ ବାରାକ୍ ମଧ୍ୟ ଲୋକାର୍ପିତ ହୋଇଛି।

ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ଜିଲ୍ଲାର ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ନିମନ୍ତେ ମୋଟ ୧୨୯୨ କୋଟି ଟଙ୍କାର ବ୍ୟୟରେ ୩୩୦ଟି ପ୍ରକଳ୍ପର ମଧ୍ୟ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହା ମଧ୍ୟରୁ ପ୍ରାୟ ୪୧୨ କୋଟି ଟଙ୍କାର ୧୯୮ଟି ପ୍ରକଳ୍ପର ଲୋକାର୍ପଣ ଏବଂ ୮୮୦ କୋଟିରୁ ଅଧିକ ମୂଲ୍ୟର ୧୩୨ଟି ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର



ସ୍ଥାପନ କରାଯାଇଛି।

ସମାବେଶକୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଭାବବିହ୍ୱଳ ହୋଇ ପ୍ରକାଶ କରିଥିଲେ ଯେ ଓଡ଼ିଶା ପାଇଁ ସେ ମୁଖ୍ୟମନ୍ତ୍ରୀ ହୋଇପାରନ୍ତି, କିନ୍ତୁ କେନ୍ଦୁଝରବାସୀଙ୍କ ପାଇଁ ସେ ସେଇ ପୁରୁଣା 'ମୋହନ ଭାଇ'। ନିଜର ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ସେ ଜନ୍ମମାଟିର ସେବା କରିଚାଲିବେ ବୋଲି ଦୃଢ଼ ପ୍ରତିଜ୍ଞା କରିଥିଲେ।

ସେ କହିଥିଲେ ଯେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ହେଉଛି ତାଙ୍କର ଏକ ମାନସ ସନ୍ତାନ। ସେ ଯେତେବେଳେ କେନ୍ଦୁଝରର ବିଧାୟକ ଥିଲେ, ସେତେବେଳେ ପ୍ରାଥମିକ ସ୍ତରରେ ଦିଆଯାଉଥିବା ଶିକ୍ଷାଦାନ ଯଥେଷ୍ଟ ନୁହେଁ ଏବଂ ଗୁଣାତ୍ମକ ଆଦୌ ନୁହେଁ ବୋଲି ନିଜେ ଅନୁଭବ କରି ସରକାରଙ୍କୁ ଅବଗତ କରାଇଥିଲେ। ପ୍ରଥମେ ସେ ବ୍ୟକ୍ତିଗତ ଭାବେ ଡି.ଏମ୍.ଏଫ୍. ସାହାଯ୍ୟରେ ଏହାକୁ ନିଜ ନିର୍ବାଚନ ମଣ୍ଡଳୀ ଏବଂ ପରେ ଜିଲ୍ଲାରେ କାର୍ଯ୍ୟକାରୀ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଇଚ୍ଛା କେବଳ କେନ୍ଦୁଝର ନୁହେଁ, ବରଂ ସାରା ଓଡ଼ିଶାରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଥିଲା। ଏହି ଯୋଜନା ଅନ୍ତର୍ଗତ ବିଦ୍ୟାଳୟଗୁଡ଼ିକ କେବଳ ରଙ୍ଗମରା ବିଦ୍ୟାଳୟ ନୁହେଁ, ବରଂ ପ୍ରାୟ ପାଞ୍ଚ ଏକର ପରିମିତ ଜମିରେ ଏକଦମ ନୂଆ, ବିଶ୍ୱସ୍ତରୀୟ ଢାଞ୍ଚାରେ ନିର୍ମିତ ହେବାକୁ ଥିବା ସ୍କୁଲ ଅଟେ, ଯେଉଁଥିରେ ପ୍ରତି ସ୍କୁଲ ପାଇଁ ପ୍ରାୟ ୫ ରୁ ୮ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ ପ୍ରକାଶ କରିଥିଲେ ଯେ ରାଜ୍ୟ ସରକାର ଶିକ୍ଷାକୁ ସାମାଜିକ ପରିବର୍ତ୍ତନ ଓ ବିକାଶର ସବୁଠାରୁ ବଡ଼ ଆଧାର ଭାବେ ଗ୍ରହଣ କରିଛନ୍ତି, କାରଣ ପ୍ରାଥମିକ ଶିକ୍ଷା ହେଉଛି ଜଣେ ଛାତ୍ରର ଶିକ୍ଷା ଗ୍ରହଣର ମୂଳଦୁଆ ଏବଂ ମୂଳଦୁଆ ଯେତିକି ଶକ୍ତ ହେବ, ପିଲାର ଭବିଷ୍ୟତ ସେତିକି ସୁନ୍ଦର ହେବ। ଏହି ଲକ୍ଷ୍ୟ ନେଇ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତର ଗୋଟିଏ ପ୍ରାଥମିକ ବିଦ୍ୟାଳୟକୁ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ବିକଶିତ କରାଯାଉଛି।

ପ୍ରଥମ ୩ ବର୍ଷରେ ୨ ହଜାର ୨୦୦ ବିଦ୍ୟାଳୟକୁ ସୁଦୃଢ଼ କରିବା ପାଇଁ ୨୦୨୫-୨୬ ରୁ ୨୦୨୮-୨୯ ଆର୍ଥିକ ବର୍ଷ ମଧ୍ୟରେ ପ୍ରାୟ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ଅନ୍ୟୁନ ୫ ଏକର ଜମି ଓ ଗମନାଗମନର ସୁବିଧା ଥିବା ଗ୍ରାମଗୁଡ଼ିକରେ ଏହି ସ୍କୁଲ ସ୍ଥାପିତ ହେଉଛି। ପୂର୍ବରୁ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜନ୍ମସ୍ଥାନ ବାଣପୁରରୁ ୧୧୮ଟି ଏବଂ ଖୋର୍ଦ୍ଧାରୁ ୨୦୪ଟି ସ୍କୁଲର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବାବେଳେ ଆଜି ତୃତୀୟ ପର୍ଯ୍ୟାୟରେ ରାଜ୍ୟରେ ୬୩୦ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି, ଯାହା ମୋଟ ୯୫୨ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ସହ ଶିକ୍ଷାର ରୂପାନ୍ତରଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ଅବସରରେ କେନ୍ଦୁଝର ଜିଲ୍ଲାରେ ୩୫ଟି ଆଦର୍ଶ ବିଦ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଛି।

ଏହି ବିଦ୍ୟାଳୟଗୁଡ଼ିକରେ ଆଧୁନିକ ଶ୍ରେଣୀଗୃହ, ଡିଜିଟାଲ୍ ଉପକରଣ, କ୍ରୀଡ଼ା ଉପକରଣ ସହିତ 'ନିପୁଣ ଓଡ଼ିଶା' ଅଧୀନରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତାକୁ ପ୍ରୋତ୍ସାହିତ କରାଯିବ। କେନ୍ଦୁଝର ଭଳି ଆଦିବାସୀବହୁଳ ଜିଲ୍ଲାରେ ଏହି ବିଦ୍ୟାଳୟଗୁଡ଼ିକ କେବଳ ଶିକ୍ଷାଦାନର କେନ୍ଦ୍ର ନହୋଇ ଗ୍ରାମୀଣ ଓ ଆଦିବାସୀ ଅଞ୍ଚଳର ଶିଶୁମାନଙ୍କ ସ୍ୱପ୍ନ ଓ ଭବିଷ୍ୟତ ଗଠନର ମନ୍ଦିର ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଭୌଗୋଳିକ କିମ୍ବା ଆର୍ଥିକ ସ୍ଥିତି ଯେପରି କୌଣସି ଶିଶୁର ଶିକ୍ଷାଲାଭରେ ବାଧକ ନହୁଏ, ସେଥିପାଇଁ ରାଜ୍ୟରେ ଶିଶୁବାଟିକା ଆରମ୍ଭ କରାଯାଇ ୪୫ ହଜାରରୁ ଅଧିକ ସ୍କୁଲରେ ଖୋଲାଯାଇଛି ଏବଂ ନବମ-ଦଶମ ଶ୍ରେଣୀ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଓ ମାଗଣା ପାଠ୍ୟ ପୁସ୍ତକ ଯୋଗାଇ ଦିଆଯାଉଛି। ଶିକ୍ଷକ ନିଯୁକ୍ତିକୁ ଗୁରୁତ୍ୱ ଦେଇ ଗତ ଅଢେଇ ବର୍ଷ ଭିତରେ ୨୮ ହଜାର ୬୩୯ ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ ଉପସ୍ଥିତ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଏହି ବିଦ୍ୟାଳୟଗୁଡ଼ିକୁ ଜ୍ଞାନ, ସୃଜନଶୀଳତା ଓ ମାନବିକ ମୂଲ୍ୟବୋଧର କେନ୍ଦ୍ର ଭାବେ ଗଢ଼ିତୋଳିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ଆତ୍ମନିର୍ଭର ଭାରତ'ର ସ୍ୱପ୍ନକୁ ଆଧାର କରି ରାଜ୍ୟରେ ଶିଳ୍ପାୟନ ଏବଂ ପୁଞ୍ଜିନିବେଶର ବାତାବରଣ ଦ୍ରୁତ ଗତିରେ ବୃଦ୍ଧି ପାଉଛି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। କେନ୍ଦୁଝରରେ ଟେକ୍ସଟାଇଲ୍ ପାର୍କ, ଡେଣ୍ଟାଲ ଓ ନର୍ସିଂ କଲେଜ ଏବଂ ମେଗାଷ୍ଟିଲ ପ୍ଲାଣ୍ଟ ସ୍ଥାପନ ଦିଗରେ ନିଆଯାଇଥିବା ପଦକ୍ଷେପଗୁଡ଼ିକ ରାଜ୍ୟର ଅର୍ଥନୀତିକୁ ଏକ ନୂତନ ମଜବୁତ ଭିତ୍ତିଭୂମି ପ୍ରଦାନ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି ।

ଏହି ଅବସରରେ ଜନସାଧାରଣଙ୍କ ସୁବିଧା ଏବଂ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଛାତ୍ରଛାତ୍ରୀଙ୍କ ନିମନ୍ତେ ମାଗଣା ବସ୍ ସେବା କାର୍ଡର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଧରଣୀଧର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଏହି କାର୍ଡ ପ୍ରଦାନ କରିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟସେବା ପାଇଁ ଉଗର ପାଣ୍ଠିରୁ ୨୩ଟି ନୂତନ ଆମ୍ବୁଲାନ୍ସ ଏବଂ ସହରାଞ୍ଚଳଗୁଡ଼ିକୁ ପରିଚ୍ଛନ୍ନ ରଖିବା ପାଇଁ କେନ୍ଦୁଝର, ଯୋଡ଼ା ଓ ବଡ଼ବିଲ୍ ପୌରପାଳିକାକୁ ମୋଟ ୨୬ଟି ପରିମଳ ସାମଗ୍ରୀ, ଖଉଠ ଗାଡ଼ି, ଟ୍ରାକ୍ଟର, ସ୍ପ୍ରିଙ୍କଲର ଓ ସେସପୁଲ୍ ଗାଡ଼ି ପ୍ରଦାନ କରାଯାଇଛି। ସଡ଼କ ଭିତ୍ତିଭୂମିକୁ ମଜବୁତ କରିବା ପାଇଁ କେନ୍ଦୁଝରକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକୁ ୬ ଥାକିଆ କରିବା ଏବଂ ବଡ଼ବିଲରେ ରିଙ୍ଗ ରୋଡ୍ ନିର୍ମାଣ କାର୍ଯ୍ୟ ମଧ୍ୟ ହାତକୁ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଭର୍ଚୁଆଲ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀ କଟକରେ ବେଣ୍ଟକାର ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ର ସ୍ମୃତିରଞ୍ଜନ ସାହୁ ଏବଂ ଧାମନଗର ପିଏମଶ୍ରୀ ସହିଦନଗର ହାଇସ୍କୁଲର ଷଷ୍ଠ ଶ୍ରେଣୀର ଛାତ୍ର ଆଶୁତୋଷ କରଙ୍କ ସହିତକଥା ହୋଇଥିଲେ।

ଧନତେରସରେ ଦର ହ୍ରାସ

ନୂଆଦିଲ୍ଲୀ,୬ା୧୧(ନି.ପ୍ର.):: ଧନତେରସ ଅବସରରେ ସୁନା ଓ ରୁପା କିଣିବାକୁ ଯୋଜନା କରୁଥିବା ଗ୍ରାହକଙ୍କ ପାଇଁ ଆସିଛି ଆଶ୍ୱସ୍ତିକର ଖବର। ବଜାରରେ ମୂଲ୍ୟବାନ ଧାତୁର ଦର ହ୍ରାସ ପାଇଛି। ବିଶ୍ୱ ବଜାରରେ ମାନ୍ଦାବସ୍ଥା ଏବଂ ନିବେଶକଙ୍କ ଲାଭ ଉଠାଇବା ପ୍ରବୃତ୍ତି ଯୋଗୁଁ ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ସୁନା ପ୍ରାୟ ୩ ହଜାର ଟଙ୍କା ଏବଂ ରୁପା ୫ ହଜାର ଟଙ୍କାରୁ ଅଧିକ ଶସ୍ତା ହୋଇଛି। ନଭେମ୍ବର ୬ ତାରିଖରେ ୯୯୯ଶୁଦ୍ଧତା ଥିବା ସୁନାର ମୂଲ୍ୟ ୩, ୧୦୬ ଟଙ୍କା ହ୍ରାସ ପାଇଛି। ଫଳରେ ୧୦ଗ୍ରାମ ପ୍ରତି ସୁନା ମୂଲ୍ୟ ୧,୪୧, ୦୨୩ ଟଙ୍କାରେ ପହଞ୍ଚିଛି।

ସୂଚନା ଅନୁଯାୟୀ, ନଭେମ୍ବର ୫ ତାରିଖରେ ୯୯୯ ଶୁଦ୍ଧତା ବିଶିଷ୍ଟ ସୁନାର ଦର ୧୦ ଗ୍ରାମ ପିଛା ୧,୪୪,୧୨୯ ଟଙ୍କା ଥିଲା। କିନ୍ତୁ ନଭେମ୍ବର ୬ ତାରିଖରେ ଏହା ୩,୧୦୬ ଟଙ୍କା ହ୍ରାସ ପାଇ ୧,୪୧,୦୨୩ ଟଙ୍କାରେ ବ୍ୟବସାୟ ଆରମ୍ଭ କରିଥିଲା।ସେହିପରି ରୁପା ଦରରେ ମଧ୍ୟ ବଡ଼ ହ୍ରାସ ଘଟିଛି। ନଭେମ୍ବର ୫ ତାରିଖରେ ରୁପାର ମୂଲ୍ୟ କିଲୋଗ୍ରାମ ପିଛା ୧,୮୭,୩୦୦ ଟଙ୍କା ଥିବାବେଳେ ନଭେମ୍ବର ୬ ତାରିଖରେ ଏହା ୫,୪୩୭ ଟଙ୍କା ହ୍ରାସ ପାଇ ୧,୮୧,୮୬୩ ଟଙ୍କାରେ ପହଞ୍ଚିଛି।

କେବଳ ସୁନା ନୁହେଁ, ରୁପା ଦରରେ ମଧ୍ୟ ବଡ଼ ହ୍ରାସ ଘଟିଛି। ସଦ୍ୟତମ ତଥ୍ୟ ଅନୁସାରେ, ରୁପା କିଲୋଗ୍ରାମ ପିଛା ପ୍ରାୟ ୫୪୩୭ଟଙ୍କା ଶସ୍ତା ହୋଇଛି। ଫଳରେ ଗ୍ରାହକଙ୍କ ପାଇଁ ରୁପା କିଣିବା ଅଧିକ ସୁବିଧାଜନକ ହୋଇଛି। ପାର୍ବଣ ଋତୁରେ ସୁନା ଓ ରୁପା ଦର ହ୍ରାସକୁ ବଜାର ବିଶେଷଜ୍ଞ କିଣାକିଣି ପାଇଁ ଏକ ଭଲ ସୁଯୋଗ ବୋଲି ମତ ଦେଉଛନ୍ତି। ବିବାହ ଋତୁ ଓ ଧନତେରସକୁ ଦୃଷ୍ଟିରେ ରଖି ଗ୍ରାହକମାନେ ଏହି ଦର ହ୍ରାସର ଫାଇଦା ଉଠାଇପାରିବେ। ତେବେ ଅଳଙ୍କାର କିଣିବା ପୂର୍ବରୁ ନିଜ ସହରର ସ୍ଥାନୀୟ ଗହଣା ଦୋକାନରେ ଦର ନିଶ୍ଚିତ କରିନେବା ଆବଶ୍ୟକ। ଜିଏସଟି ଓ ଗଢ଼ା ମଜୁରି ଯୋଗୁଁ ଅନ୍ତିମ ମୂଲ୍ୟରେ ପାର୍ଥକ୍ୟ ରହିପାରେ।

ପୂର୍ବତନ ସାଂସଦ ଭାସ୍କର ରାଓଙ୍କ ଘରେ କ୍ରାଇମବ୍ରାଞ୍ଚର ଚଢ଼ାଉ


ରାୟଗଡ଼ା - ପୂର୍ବତନ ସାଂସଦ ଏନ୍. ଭାସ୍କର ରାଓଙ୍କ ରାୟଗଡ଼ା ସହରର ରାଣିଗୁଡା ସ୍ଥିତ ବାସଭବନରେ କ୍ରାଇମବ୍ରାଞ୍ଚ (ଅର୍ଥନୈତିକ ଅପରାଧ ଶାଖା) ପକ୍ଷରୁ ଚଢ଼ାଉ କରାଯାଇଛି। ଟ୍ରକ୍ ମାଲିକ ସଂଘର ୮୦ କୋଟି ଟଙ୍କା ଆତ୍ମସାତ ଅଭିଯୋଗରେ ଏହି ଚଢାଉ ହୋଇଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ୨୧ ଜଣିଆ ଟିମ୍ ଏହି ଚଢାଉ କରିଛନ୍ତି। ଜଣେ ଅତିରିକ୍ତ ଏସପିଙ୍କ ନେତୃତ୍ୱରେ ୫ ଜଣ ଲେଖାଏଁ ଡିଏସପି, ଇନ୍ସପେକ୍ଟର ଏହି ଚଢ଼ାଉରେ ସାମିଲ ହୋଇଛନ୍ତି। ଇଓଡବ୍ଲୁର ଗୋଟିଏ ବଡ ଟିମ ତଦନ୍ତ ପାଇଁ ଗତକାଲି ରାୟଗଡ଼ା ଆସିଥିଲେ ଓ ଏହି ଟିମ ୨ ଦିନ ହେଲା ରାୟଗଡା ରେ ରହି ଆର୍ଥିକ ଅନିୟମିତତା ଅଭିଯୋଗର ଛାନ ଭିନ କରିବା ପରେ ଆଜି ଚଢ଼ାଉ କରିଛନ୍ତି। ସୂଚନାଯୋଗ୍ୟ ଯେ ଟ୍ରକ ମାଲିକ ସଂଘର ସଭାପତି ୱାଇ ଭେଙ୍କଟେଶ୍ୱର ରାଓ (ମୃତ) ୮୦ କୋଟି ଟଙ୍କା ହଡପ ଅଭିଯୋଗ ଆଣିଥିଲେ। ପୂର୍ବତନ ସାଂସଦ ଶ୍ରୀ ରାଓ ଓ ଅନ୍ୟମାନଙ୍କ ବିରୋଧରେ ଟ୍ରକ ମାଲିକ ସଙ୍ଘର ସ୍ୱର୍ଗତ ଭେଙ୍କଟେଶ୍ୱର ରାଓ ରାୟଗଡା ପୁଲିସରେ ଏହି ଅଭିଯୋଗ କରିଥିଲେ। ରାୟଗଡା ପୁଲିସ ଏହି ମାମଲାକୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। ଏହାପରେ କ୍ରାଇମବ୍ରାଞ୍ଚର ୨୧ ଜଣିଆ ଟିମ ରାୟଗଡ଼ା ଆସି ତଦନ୍ତ କରୁଥିବା ଜଣାପଡିଛି। ତେବେ ଭାସ୍କର ରାଓ ବର୍ତ୍ତମାନ ରାୟଗଡାରେ ଅନୁପସ୍ଥିତ ଥିବା ସୂଚନାରୁ ଜଣାପଡିଛି। ଇ ଓ ଡବ୍ଲୁ ଟିମ ଶ୍ରୀ ରାଓ ଙ୍କ ରାୟଗଡା ସ୍ଥିତ ବାସଭବନରେ ରହି କିଛି ସହାୟକଙ୍କୁ ପଚରାଉଚରା କରୁଛନ୍ତି। ଅଧିକ ତଥ୍ୟ ଦେବାକୁ ଅଧିକାରୀ ମାନେ ମନା କରିଛନ୍ତି।

୩୫ ବର୍ଷର ରେକର୍ଡ ଭାଙ୍ଗିଲା ଷ୍ଟକ୍ ମାର୍କେଟ୍

ମୁମ୍ବାଇ: ଦୀପାବଳି ପୂର୍ବରୁ ଭାରତୀୟ ସେୟାର ବଜାରରେ ଦେଖିବାକୁ ମିଳିଛି ଜବରଦସ୍ତ ଉତ୍ସାହ। ଶୁକ୍ରବାର) କାରବାର ଶେଷରେ ସେନସେକ୍ସ ଓ ନିଫ୍ଟିରେ ବଡ଼ ଧରଣର ବୃଦ୍ଧି ରେକର୍ଡ ହୋଇଛି। ଲଗାତାର ସପ୍ତମ ଦିନ ପାଇଁ ଲାଭରେ ବନ୍ଦ ହୋଇଛି ଘରୋଇ ସେୟାର ବଜାର।

ସେନସେକ୍ସ ୧,୪୮୩.୨୮ ପଏଣ୍ଟ ବା ୨.୧୭ ପ୍ରତିଶତ ବୃଦ୍ଧି ପାଇ ୮୧,୦୨୮.୦୨ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି ନିଫ୍ଟି ୪୯୩.୭୫ ପଏଣ୍ଟ ବା ୨.୦୧ ପ୍ରତିଶତ ବୃଦ୍ଧି ସହ ୨୫,୦୩୦.୩୫ ପଏଣ୍ଟରେ କାରବାର ଶେଷ କରିଛି। ଏହି ଲାଭକୁ ଗତ ୩୫ ବର୍ଷ ମଧ୍ୟରେ ଦୀପାବଳି ପୂର୍ବରୁ ସବୁଠାରୁ ଶକ୍ତିଶାଳୀ ୭ ଦିନିଆ ବଜାର ଉତ୍ଥାନ ବୋଲି କୁହାଯାଉଛି। ଗତ ୭ଟି କାରବାର ଦିନରେ ସେନସେକ୍ସ ୭,୭୮୨ ପଏଣ୍ଟ ବା ୧୦.୬ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ନିଫ୍ଟିରେ ୨,୩୩୧ ପଏଣ୍ଟ ବା ୧୦.୩ ପ୍ରତିଶତ ବୃଦ୍ଧି ହୋଇଛି।ବିଦେଶୀ ସଂସ୍ଥାଗତ ନିବେଶକମାନେ ଭାରତୀୟ ସେୟାର ବଜାରରେ ପୁଣି ଜୋରଦାର କିଣାକିଣି ଆରମ୍ଭ କରିଛନ୍ତି। ୬ଟି ମଧ୍ୟରୁ ୫ଟି କାରବାର ଦିନରେ ସେମାନେ ପ୍ରାୟ ୧୮,୬୬୧ କୋଟି ଟଙ୍କା ନିବେଶ କରିଛନ୍ତି।ପଶ୍ଚିମ ଏସିଆରେ କୂଟନୈତିକ ସମାଧାନ ନେଇ ଆଶା ବଢ଼ିବା ପରେ ବ୍ରେଣ୍ଟ କ୍ରୁଡ୍ ଦର ବ୍ୟାରେଲ୍ ପିଛା ୯୫ ଡଲାର ତଳକୁ ଖସିଛି।ଆମେରିକାର ମଧ୍ୟବର୍ତ୍ତୀ ନିର୍ବାଚନ ଫଳାଫଳ ପରେ ବିଶ୍ୱ ବଜାରରେ ସକାରାତ୍ମକ ମାହୋଲ ସୃଷ୍ଟି ହୋଇଛି।୨୦୨୭ ଫେବୃଆରୀ ବଜେଟ୍‌ରେ ଏଲ୍‌ଟିସିଜି ଓ ଏସ୍‌ଟିସିଜି ଟିକସ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇପାରେ ବୋଲି ବଜାରରେ ଚର୍ଚ୍ଚା ହେଉଛି।ଶୁକ୍ରବାରର ବଜାର ରାଲିରେ ବ୍ୟାଙ୍କିଂ ଓ ଫାଇନାନ୍ସିଆଲ୍ ସେକ୍ଟର ଆଗରେ ରହିଥିଲା। ଐଉରଉ ବ୍ୟାଙ୍କ, ଓଉଓଉଓ ବ୍ୟାଙ୍କ ଓ ଶରସ୍ୱ ବ୍ୟାଙ୍କ ଭଳି ସେୟାରରେ କିଣାକିଣି ବଢ଼ିଥିଲା।ଅନ୍ୟପଟେ ଚୋଲାମଣ୍ଡଲମ ଫାଇନାନ୍ସ ହେଲ୍ଡିଂଗସ ସେୟାର ୭.୦୩ ପ୍ରତିଶତ ବଢ଼ି ୧,୫୧୨ ଟଙ୍କାରେ ପହଞ୍ଚିଥିଲା। କମ୍ପାନୀର ଦ୍ୱିତୀୟ ତ୍ରୈମାସିକ ନିଟ୍ ଲାଭରେ ୧୬.୯ ପ୍ରତିଶତ ବୃଦ୍ଧି ଏହାର ମୁଖ୍ୟ କାରଣ ଥିଲା।

ନୂଆବର୍ଷ ପୂର୍ବରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ହେବ : ମନ୍ତ୍ରୀ



ପୁରୀ,୬ା୧୧(ନି.ପ୍ର.): କାର୍ତ୍ତିକ ବ୍ରତ ପରେ ନୂଆବର୍ଷ ପୂର୍ବରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ। ସେଥିପାଇଁ ସବୁ ପ୍ରକାର ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏକା ସଙ୍ଗେ ୮ଟି ରାମ୍ପରେ ଦର୍ଶନ କରିବେ ଶ୍ରଦ୍ଧାଳୁ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।ଶ୍ରୀ ହରିଚନ୍ଦନ ଆହୁରି କହିଛନ୍ତି ଯେ, ଘଣ୍ଟାଏ ଭିତରେ ପାଖାପାଖି ୧୦ ହଜାର ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଦର୍ଶନ କରିବେ। ସାତ ପାହାଚ ପରେ ପରେ ଗରୁଡ଼ ସ୍ତମ୍ଭ ବାହାର କାଠ ମଧ୍ୟରେ ଏହି ବ୍ୟବସ୍ଥା ଲାଗୁହେବ। ଏହା ଅତ୍ୟାଧୁନିକ ହେବ। କୋଲାପ୍ସ ବ୍ରିଜ୍ ଭଳି ନୀତିକାନ୍ତି ସମୟରେ ତାହା ଖୋଲିଯିବ। ତାପରେ ପୁଣି ଯୋଡ଼ି ହୋଇଯିବ। IIT ଭୁବନେଶ୍ୱର ସହ ସବୁ ଟେକ୍ନିକାଲ ଟିମ୍ ସହଯୋଗରେ ଏହା କରାଯାଇଛି। ଖୁବଶୀଘ୍ର ଛତିଶା ନିଯୋଗ ଏବଂ ଶ୍ରୀମନ୍ଦିର ପରିଚାଳନା କମିଟି ପରିଦର୍ଶନ କରିବା ପରେ ଏହାକୁ ଲାଗୁ କରାଯିବ।

'କର୍ମଭୂମି ଏକ୍ସପ୍ରେସ୍'ରେ ଭୟାବହ ଅଗ୍ନିକାଣ୍ଡ, ଜଳିଗଲା ୪ଟି ବଗି

ନୂଆଦିଲ୍ଲୀ: ଅମୃତସରରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା 'କର୍ମଭୂମି ଏକ୍ସପ୍ରେସ୍'ରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ରାଜପୁରା ରେଳ ଷ୍ଟେସନରେ ନିକଟରେ ଟ୍ରେନ୍ ନମ୍ବର ୧୨୪୦୮ରେ ନିଆଁ ଲାଗିଯିବାରୁ ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ପ୍ରାୟ ଚାରୋଟି ବଗିରେ ନିଆଁ ଲାଗିଥିବା ଜଣାପଡ଼ିଛି । ରେଳ ବିଭାଗ ଓ ଅଗ୍ନିଶମ ବାହିନୀ ପକ୍ଷରୁ ନିଆଁ ଲିଭା ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ରାଜପୁରା ନିକଟସ୍ଥ ସରାଇ ବଞ୍ଜାରା ଅଞ୍ଚଳରେ ୫ ନଂ ବଗିରେ ନିଆଁ ଲାଗିଥିବା ଯାତ୍ରୀମାନେ ଦେଖିଥିଲେ । ଏହା ପରେ ତୁରନ୍ତ ଟ୍ରେନକୁ ଅଟକାଯାଇଥିଲା । ଖବର ପାଇବା ପରେ ରେଳ ଅଧିକାରୀ ଏବଂ ସମ୍ପୃକ୍ତ କର୍ମଚାରୀମାନଙ୍କୁ ତୁରନ୍ତ ସତର୍କ କରାଯାଇଥିଲା। ବଗିଗୁଡ଼ିକ ମଧ୍ୟରେ ଧୂଆଁ ବ୍ୟାପିଯିବାରୁ ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା ଏବଂ ଅନେକ ଯାତ୍ରୀ ନିଜର ସାମଗ୍ରୀ ସହିତ ବଗିରୁ ବାହାରି ଆସିବାକୁ ଚେଷ୍ଟା କରିଥିଲେ। ରେଳ ପ୍ରଶାସନ ପକ୍ଷରୁ ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବାକୁ ସମସ୍ତ ପ୍ରକାର ଉଦ୍ୟମ କରାଯାଉଛି । ନିଆଁକୁ ଅନ୍ୟ ବଗିଗୁଡ଼ିକରେ ବ୍ୟାପିବାରୁ ରୋକିବା ଏବଂ ଅନ୍ୟ ବଗିଗୁଡ଼ିକୁ କ୍ଷତିଗ୍ରସ୍ତ ହେବାରୁ ରକ୍ଷା କରିବା ପାଇଁ ରେଳ କର୍ତ୍ତୃପକ୍ଷ ପ୍ରଭାବିତ ବଗିଗୁଡ଼ିକୁ ଟ୍ରେନ୍ ?ରୁ ଅଲଗା କରିଦେଇଛନ୍ତି। ନିଆଁକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଅଗ୍ନିଶମ ବାହିନୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛି। ଖବର ଲେଖା ଯିବା ବେଳକୁ କାହାର କୌଣସି କ୍ଷତି ହୋଇନଥିବା ଜଣାପଡ଼ିଥିଲା । ଅଗ୍ନିକାଣ୍ଡ ଯୋଗୁଁ ଅନ୍ୟ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଚାରୋଟି ଟ୍ରେନର ଗତି ପଥ ପରିବର୍ତ୍ତନ କରାଯାଇଛି । ସାନେହୱାଲ ଏବଂ ଅମ୍ବାଲା ମଧ୍ୟରେ ଥିବା ରେଳ ମାର୍ଗରେ ପରିବର୍ତ୍ତନ କରାଯାଇଛି।

ଶବରୁ ମୁଣ୍ଡ କାଟି ଚମ୍ପଟ

ନବରଙ୍ଗପୁର,୬ା୧୧(ନି.ପ୍ର.):: ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଥାନା ଅନ୍ତର୍ଗତ ନନ୍ଦାହାଣ୍ଡି ବ୍ଲକର ନରସିଂହଗୁଡ଼ା ଗ୍ରାମରେ ତନ୍ତ୍ର ସାଧନା ପାଇଁ ସମାଧି ଖୋଳି ମୃତ ଯୁବତୀଙ୍କ ମୁଣ୍ଡ କାଟିନେବା ଭଳି ଏକ ଅମାନବୀୟ ତଥା ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି। ଗ୍ରାମର ଅବିବାହିତା ଯୁବତୀ ନୀଳାଦ୍ରୀ ମାଝୀଙ୍କର ଗତ ସେପ୍ଟେମ୍ବର



୨୬ ତାରିଖରେ ହାଡ଼ଫୁଟି ରୋଗରେ ମୃତ୍ୟୁ ଘଟିଥିଲା । ଶରୀରରେ ଠାକୁରାଣୀଙ୍କ ଆବିର୍ଭାବ ହୋଇଥିବା ବିଶ୍ୱାସ କରି ପରିବାର ଲୋକେ ଶବ ଦାହ ନକରି ଶ୍ମଶାନରେ ସମାଧି ଦେଇଥିଲେ । ସ୍ଥାନୀୟ ଅନ୍ଧବିଶ୍ୱାସ ଅନୁଯାୟୀ କୌଣସି ଅବିବାହିତା ଯୁବତୀଙ୍କ ଶବ ଉପରେ ତାନ୍ତ୍ରିକ କ୍ରିୟା ହେବାର ଆଶଙ୍କା ଥିବାରୁ ପରିବାର ଲୋକେ ୨୧ ଦିନ ପର୍ଯ୍ୟନ୍ତ ସମାଧି ଜଗି ରହିବା ପରେ ଜଗିବା ବନ୍ଦ କରିଥିଲେ । ତେବେ ମୃତ୍ୟୁର ୪୨ ଦିନ ରାତିରେ ଅଜ୍ଞାତ ଦୁର୍ବୃତ୍ତ ସମାଧି ଖୋଳି ଦୁଇଟି କୁକୁଡ଼ା ବଳି ଦେବା ସହ ପୂଜାର୍ଚ୍ଚନା କରି ଶବରୁ ମୁଣ୍ଡ କାଟି ଚମ୍ପଟ ମାରିଛନ୍ତି । ଖବର ପାଇ ଘଟଣାସ୍ଥଳରେ ତେନ୍ତୁଳିଖୁଣ୍ଟି ପୋଲିସ, ସାଇଣ୍ଟିଫିକ୍ ଟିମ୍ ଏବଂ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ତଥା ଅତିରିକ୍ତ ତହସିଲଦାର ସୀମାଞ୍ଚଳ ପାତ୍ର ପହଞ୍ଚି ସମାଧିରୁ ଶବ ବାହାର କରି ତଦନ୍ତ ଆରମ୍ଭ କରିଛନ୍ତି । ତାନ୍ତ୍ରିକ ବିଶ୍ୱାସ ଅନୁସାରେ 'କୁଆଁରୀ ବିଦ୍ୟା', ବଶୀକରଣ, ଗୁପ୍ତଧନ ପ୍ରାପ୍ତି କିମ୍ବା ଖପୁରୀ ସାଧନାର କଳାଯାଦୁ ପାଇଁ ଏଭଳି ବୀଭତ୍ସ କାଣ୍ଡ ଘଟାଯାଇଥିବା ସନ୍ଦେହ କରାଯାଉଛି।

ଡାହୁକ

ଧନତେରସରେ ଧନଲକ୍ଷ୍ମୀ ତୁମେ
ଧନୀଙ୍କ ଘରକୁ ଗଲ
ନୁଖୁରା ମରୁଚି ଦହଗଞ୍ଜ ହୋଇ
ତେଲିଆ ମୁଣ୍ଡରେ ତେଲ



-ବିଧୁ

୬୩ ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ



ଭୁବନେଶ୍ୱର,୬ା୧୧(ନି.ପ୍ର.):ରାଜ୍ୟର ଶିଳ୍ପ ପରିବେଶକୁ ଅଧିକ ସୁଦୃଢ଼ କରିବା ଏବଂ ପୁଞ୍ଜିନିବେଶଭିତ୍ତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ, ଇଡ୍‌କୋର ଅଧ୍ୟକ୍ଷା ତଥା ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ଜମି ଆବଣ୍ଟନ କମିଟି ବୈଠକରେ ୬୩ଟି ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ ମିଳିଛି।ଅନୁମୋଦିତ ପ୍ରସ୍ତାବ ମଧ୍ୟରେ ୫୫ଟି ଜମି ଆବଣ୍ଟନ ପ୍ରସ୍ତାବ ଏବଂ ୮ଟି କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍‌ଯୋଗ ସମ୍ପର୍କିତ ପ୍ରସ୍ତାବ ରହିଛି। ଏହି ଅନୁମୋଦନ ଦ୍ୱାରା ରାଜ୍ୟରେ ଶିଳ୍ପ ଓ ଉଦ୍‌ଯୋଗ ପ୍ରତିଷ୍ଠା ତଥା ସମ୍ପ୍ରସାରଣକୁ ସୁଗମ କରିବା ସହ ଶିଳ୍ପ ଭିତ୍ତିଭୂମି ସୁଦୃଢ଼ ହେବ ଏବଂ ନୂତନ ପୁଞ୍ଜିନିବେଶ ଓ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି।

ଉଷା ପାଢ଼ୀଙ୍କ ନେତୃତ୍ୱରେ ଇଡ୍‌କୋ ପକ୍ଷରୁ ଜମି ଆବଣ୍ଟନ ପ୍ରକ୍ରିୟାକୁ ସରଳ ଓ ସୁବ୍ୟବସ୍ଥିତ କରିବା, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଏବଂ ପୁଞ୍ଜିନିବେଶ ପ୍ରସ୍ତାବଗୁଡ଼ିକର ନିର୍ଦ୍ଧାରିତ ସମୟ ମଧ୍ୟରେ ନିଷ୍ପତ୍ତି ନେବା ଲାଗି ଅନେକ ଲକ୍ଷ୍ୟଭିତ୍ତିକ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ପ୍ରୟାସର ଅଂଶସ୍ୱରୂପ, ଜମି ଆବଣ୍ଟନ ପ୍ରସ୍ତାବଗୁଡ଼ିକର ନିୟମିତ ଓ ସମୟୋଚିତ ବିଚାର ପାଇଁ ଏବେ ପ୍ରତି ମାସରେ ଜମି ଆବଣ୍ଟନ କମିଟି ବୈଠକ ଅନୁଷ୍ଠିତ ହେଉଛି। ଏଥିସହ ନିବେଶକ ଓ ଉଦ୍‌ଯୋଗୀମାନଙ୍କ ଅଭିଯୋଗ ଶୁଣିବା ଏବଂ ତାହାର ସମାଧାନ ପାଇଁ ପ୍ରତି ସପ୍ତାହରେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏହାଦ୍ୱାରା ସେମାନଙ୍କ ସମସ୍ୟାର ଦ୍ରୁତ ସମାଧାନ ସହ ଜମି ଆବଣ୍ଟନ ପ୍ରକ୍ରିୟା ଅଧିକ ଉତ୍ତରଦାୟୀ ହୋଇପାରିଛି ।ଏମ୍‌ଏସ୍‌ଏମ୍‌ଇ ପ୍ରସ୍ତାବଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯିବା ଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧି, ନବସୃଜନ ଓ ନିଯୁକ୍ତି ସୃଷ୍ଟିରେ କ୍ଷୁଦ୍ର ଓ ମଧ୍ୟମ ଉଦ୍‌ଯୋଗଗୁଡ଼ିକର ଗୁରୁତ୍ୱ ସ୍ପଷ୍ଟ ହୋଇଛି। ଶିଳ୍ପ ଜମି ଓ ଆବଶ୍ୟକ ଭିତ୍ତିଭୂମି ଉପଲବ୍ଧ କରାଇ ରାଜ୍ୟରେ ବିଭିନ୍ନ ସ୍ତରର ଉଦ୍‌ଯୋଗଗୁଡ଼ିକର ପ୍ରତିଷ୍ଠା, ସମ୍ପ୍ରସାରଣ ଓ ବିକାଶ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ।



ଅଳିଆ ଆବର୍ଜନାରେ ଭର୍ତ୍ତି ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ

ଖୋର୍ଦ୍ଧା,୬।୧୧ :(ମନ୍ଥନ) ଖୋର୍ଦ୍ଧା ସହରର ନୂଆ ବସ୍ଷ୍ଟାଣ୍ଡ ଏବେ ଅବ୍ୟବସ୍ଥା, ଅପରିଚ୍ଛନ୍ନତା ଓ ପ୍ରଶାସନିକ ଉଦାସୀନତାର ଏକ ନଗ୍ନ ଚିତ୍ର ପାଲଟିଛି। ପ୍ରତିଦିନ ଶହ ଶହ ଯାତ୍ରୀ ଏହି ବସ୍ଷ୍ଟାଣ୍ଡରୁ ବିଭିନ୍ନ ଦୂରଦୂରାନ୍ତ ସ୍ଥାନକୁ ଯାତାୟାତ କରୁଥିବା ବେଳେ ସେମାନଙ୍କ ପାଇଁ ସର୍ବନିମ୍ନ ମୌଳିକ ସୁବିଧା ମଧ୍ୟ ଉପଲବ୍ଧ ନାହିଁ। ପିଇବା ପାଣି, ଶୌଚାଳୟ ଓ ଯାତ୍ରୀ ପ୍ରତୀକ୍ଷାଗୃହ ଭଳି ଅତ୍ୟାବଶ୍ୟକ ସୁବିଧାର ଅଭାବ ଯୋଗୁଁ ଯାତ୍ରୀମାନେ ନାନା ଦୁରବସ୍ଥାର ସମ୍ମୁଖୀନ ହେଉଛନ୍ତି।ବସ୍ଷ୍ଟାଣ୍ଡ ପରିସରରେ ଦୀର୍ଘଦିନ ଧରି ଅଳିଆ ଆବର୍ଜନା ଜମା ହୋଇ ରହୁଥିବାରୁ ସମଗ୍ର ଅଞ୍ଚଳରେ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏପରିକି ଦିନବେଳେ କେତେକ ସ୍ଥାନୀୟ ଲୋକ ବସ୍ଷ୍ଟାଣ୍ଡ ପରିସରରେ ଖୋଲାଖୋଲି ମଳମୂତ୍ର ତ୍ୟାଗ କରୁଥିବାରୁ ଏହାର ପରିବେଶ ଅତ୍ୟନ୍ତ ଦୁର୍ଗନ୍ଧମୟ ହୋଇପଡୁଛି। ଅନ୍ୟପକ୍ଷରେ, ଖୋର୍ଦ୍ଧା ପୌର ପରିଷଦର କେତେକ କର୍ମଚାରୀ ସହରର ବିଭିନ୍ନ ସ୍ଥାନରୁ ସଂଗୃହୀତ ଅଳିଆ ଆବର୍ଜନା ଆଣି ବସ୍ଷ୍ଟାଣ୍ଡ ପରିସରରେ ଫୋପାଡ଼ି ଦେଉଥିବା ଅଭିଯୋଗ ହେଉଛି। ସେହିପରି ବସ୍ଷ୍ଟାଣ୍ଡ ଭିତରେ ଓ ଏହାର ଆଖପାଖରେ ଥିବା



ଦୋକାନୀମାନେ ମଧ୍ୟ ନିଜ ଦୋକାନରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ଏଣେତେଣେ ଫୋପାଡ଼ି ଦେଉଛନ୍ତି। ଫଳରେ ଆବର୍ଜନା ଗଦା ହୋଇ ରହିବା ସହ ଏଥିରୁ ନିର୍ଗତ ଦୁର୍ଗନ୍ଧ ପରିବେଶକୁ ପ୍ରଦୂଷିତ କରୁଛି ।ଉଲ୍ଲେଖଯୋଗ୍ୟ ଯେ, ଏହି ବସ୍ଷ୍ଟାଣ୍ଡର ଆଧୁନିକୀକରଣ ତଥା ନୂତନ ବସ୍ ଟର୍ମିନାଲ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କାର ବ୍ୟୟ ଅଟକଳ ସହ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଆବଶ୍ୟକ ଭିତ୍ତିଭୂମିର ଅଭାବ ଦର୍ଶାଇ ଉକ୍ତ ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରିଦିଆଯାଇଥିବା ଜଣାପଡ଼ିଛି। ଏହାପରେ ବସ୍ଷ୍ଟାଣ୍ଡର ନୂତନ ନିର୍ମାଣ ହେବ ନା ପୁରୁଣା ବସ୍ଷ୍ଟାଣ୍ଡର ପୁନରୁଦ୍ଧାର କରାଯିବ, ସେନେଇ ଏଯାବତ୍ କୌଣସି ସ୍ପଷ୍ଟ ନିଷ୍ପତ୍ତି ସାମ୍ନାକୁ ଆସିନାହିଁ। ଦୀର୍ଘଦିନ ଧରି ବସ୍ଷ୍ଟାଣ୍ଡର ଆବଶ୍ୟକ ମରାମତି ମଧ୍ୟ କରାଯାଇନାହିଁ।ଏହାବ୍ୟତୀତ ବସ୍ଷ୍ଟାଣ୍ଡ ପରିସରରେ ପର୍ଯ୍ୟାପ୍ତ ଆଲୋକୀକରଣ ବ୍ୟବସ୍ଥା ନଥିବାରୁ ରାତିରେ ଯାତ୍ରୀମାନେ ନିରାପତ୍ତା ନେଇ ଆଶଙ୍କାରେ ରହୁଛନ୍ତି। ବିଶେଷକରି ଦୂରଦୂରାନ୍ତକୁ ଯିବା ପାଇଁ ରାତିରେ ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀମାନେ ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ଆକ୍ରମଣ ଓ ଅନ୍ୟାନ୍ୟ ଅପ୍ରୀତିକର ଘଟଣାର ଶିକାର ହେବାର ଆଶଙ୍କା ରହିଛି। ତେଣୁ ବସ୍ଷ୍ଟାଣ୍ଡରେ ଆଲୋକୀକରଣ ସହ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ ତୁରନ୍ତ ସୁଦୃଢ଼ କରିବା ଆବଶ୍ୟକ ହୋଇପଡ଼ିଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଏହି ବସ୍ଷ୍ଟାଣ୍ଡ ନିର୍ମାଣ କରାଯାଇଥିବା ବେଳେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଖୋର୍ଦ୍ଧା ପୌର ପରିଷଦକୁ ହସ୍ତାନ୍ତର କରାଯାଇଥିଲା। ମାତ୍ର ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ବସ୍ଷ୍ଟାଣ୍ଡର ଆଖିଦୃଶିଆ ଉନ୍ନତି ହୋଇପାରିନାହିଁ। ଏହାର ଅବ୍ୟବସ୍ଥିତ ଅବସ୍ଥା ଯାତ୍ରୀଙ୍କ ଯାତାୟାତକୁ କଷ୍ଟକର କରିବା ସହ ସହରର ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକୁ ମଧ୍ୟ କ୍ଷୁଣ୍ଣ କରୁଛି ।ଏଭଳି ପରିସ୍ଥିତିରେ ସମ୍ପୃକ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରିବା ସହ ବସ୍ଷ୍ଟାଣ୍ଡର ନିର୍ମାଣ କିମ୍ବା ପୁନରୁଦ୍ଧାର ସମ୍ପର୍କରେ ଶୀଘ୍ର ସ୍ପଷ୍ଟ ନିଷ୍ପତ୍ତି ନେବାକୁ ଦାବି ହେଉଛି। ନୂତନ ବସ୍ଷ୍ଟାଣ୍ଡ ନିର୍ମାଣ ପାଇଁ ସ୍ଥାନ ନିରୂପଣ ଓ ଅନ୍ୟାନ୍ୟ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ବର୍ତ୍ତମାନର ବସ୍ଷ୍ଟାଣ୍ଡର ନିୟମିତ ସଫେଇ, ଆବଶ୍ୟକ ମରାମତି, ପର୍ଯ୍ୟାପ୍ତ ଆଲୋକୀକରଣ ଏବଂ ପାନୀୟ ଜଳ, ଶୌଚାଳୟ ଓ ଯାତ୍ରୀ ପ୍ରତୀକ୍ଷାଗୃହ ଭଳି ସର୍ବନିମ୍ନ ସୁବିଧା ଯୋଗାଇଦେବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

ବେଆଇନ ମାଟି ଇଟାଭାଟି ଯୋଗୁଁ ଜନ ଅସନ୍ତୋଷ ଅଭିଯୋଗର ୧୦ ମାସ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ

ଖଣ୍ଡପଡ଼ା,୬।୧୧ :(ମନ୍ଥନ) ଗତ ଜାନୁଆରୀ ମାସରେ ବେଆଇନ ଇଟାଭାଟି ବାବଦରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ଗ୍ରାମବାସୀ। ମାତ୍ର ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ହୋଇନଥିବା ବେଳେବେଧଡକ ଭାବେ ଏବେ ମଧ୍ୟ ଚାଲିଛି ବେଆଇନ ଇଟାଭାଟି। ଫଳରେ ଜିଲ୍ଲାରେ ଖଣି ଓ ସ୍ଥାନୀୟ ରାଜସ୍ୱବିଭାଗ କାହା ସ୍ୱାର୍ଥରେ କାମ କରୁଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମିଳିଥିବା ସୂଚନାଅନୁଯାୟୀ ବଡବାଣପୁର ପଞ୍ଚାୟତ ଅଧୀନ ଘଣାଶାଳିଆ ଗ୍ରାମରେ ବରଗୁଡିମୁଣ୍ଡିଆ ମୌଜାରେ ବେଆଇନଇଟାଭାଟି ଯୋଗୁଁ ଜନ ଅସନ୍ତୋଷ ତୀବ୍ର ହୋଇଛି। ଏଭଳି ବେଆଇନ ଇଟାଭାଟି ଯୋଗୁଁ ଚାଷଜମି, ଜଙ୍ଗଲକ୍ଷତିଗ୍ରସ୍ତ ହେଉଥିବା ବେଳେ ପରିବେଶ ପ୍ରଦୂଷଣ ହେଉଛି। ଏପରିକି ପାଖରେ ଥିବା ସଂରକ୍ଷିତଜଙ୍ଗଲରୁ ଗଛ କାଟି ଭାଟିରେ ବ୍ୟବହାର କରାଯାଉଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗକରିଥିଲେ। ବର୍ଷ ବର୍ଷ ଧରି ଏଭଳି ବେଆଇନ କାରବାର କରି ମାଫିଆ ମାନେ ମାଲେମାଲ ହେଉଥିବା ବେଳେପରିବେଶ ନଷ୍ଟ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଖାଲିସେତିକି ନୁହେଁ ମାଟି ଇଟା ପରିବହନଯୋଗୁଁ ରାସ୍ତାଘାଟ ନଷ୍ଟ ହେଉଥିବା ବେଳେ ସାଧାରଣ ଲୋକେ ଯାତାୟତ କରିବାରେ ନାନା ସମସ୍ୟାଭୋଗୁଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ



ଗ୍ରାମବାସୀ ପ୍ରଥମେ ସ୍ଥାନୀୟ ରାଜସ୍ୱନିରୀକ୍ଷକ ଏବଂ ତହସିଲଦାରଙ୍କୁ ଅଭିଯୋଗ କରିଥିବା ବେଳେ କୌଣସି ସୁଫଳ ମିଳିନଥିଲା। ପରେ ଗ୍ରାମରଓ୍ୱାର୍ଡ ସଭ୍ୟ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଗତ ଜାନୁଆରୀ ମାସ ୨୭ତାରିଖରେ ଲିଖିତ ଅଭିଯୋଗ କରିବା ସହିତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ମାତ୍ର ପ୍ରଶାସନ ପକ୍ଷରୁ ଏଦିଗରେ ଟାଳଟୁଳ ନୀତି ଅବଲମ୍ବନ ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇକହି। ସ୍ଥିତି ଏଭଳି ଯେ ବେଆଇନଇଟାଭାଟିରେ ସମ୍ପୃକ୍ତ ଥିବା ବ୍ୟକ୍ତି ମାନେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ହେବ ନାହିଁ ବୋଲିକହିବୁଲୁଛନ୍ତି। ଆଜି ପୁଣିଥରେ ନୟାଗଡ଼ ଜିଲ୍ଲାପାଳଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଲିଖିତ ଅଭିଯୋଗକରାଯାଇଥିବା ବେଳେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ଏ ନେଇ ଜିଲ୍ଲାପାଳ ମଧୁମିତା ରଥ ସ୍ଥାନୀୟତହସିଲଦାରଙ୍କୁ ଏ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ତହସିଲ ପ୍ରଶାସନ ପକ୍ଷରୁ ଲୋକଦେଖାଣିଆ ତଦନ୍ତ କରି ମାଫିଆଙ୍କୁସୁଯୋଗ ଦିଆଯାଇଥିବା ଗ୍ରାମବାସୀ କହିଛନ୍ତି। ନୟାଗଡ ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପନେବାକୁ ସ୍ଥାନୀୟ ଅଞ୍ଚଳବାସିନ୍ଦା ଦାବି କରିଥିବା ବେଳେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

ବନ୍ୟା ପ୍ରଭାବିତ ଅସହାୟ ପରିବାରଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରୁଛନ୍ତି ଲୋହିତ

ବ୍ରହ୍ମପୁର,୬।୧୧ :(ମନ୍ଥନ) ସମ୍ପ୍ରତି ବନ୍ୟାର ପ୍ରଳୟଙ୍କରୀ ତାଣ୍ଡବରେ ଗଞ୍ଜାମ ଜିଲ୍ଲାର ଅନେକ ଅଞ୍ଚଳରେ ଜନ ଜୀବନ ଓ ଜୀବନ ଜୀବିକା ଗୁରୁତର ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅନେକ ପରିବାରଙ୍କ ଘର ଦ୍ୱାର ଜଳମଗ୍ନ ହେବା ସହ ଖାଦ୍ୟ, ପାନୀୟ ଜଳ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅଭାବ ଦେଖା ଦେଇଛି। ଏଭଳି ଦୁର୍ଦ୍ଦିନରେ ବନ୍ୟା ବିପନ୍ନଙ୍କ ପାଖରେ ଠିଆ ହେବା ଏବଂ ସେମାନଙ୍କ ମୁହଁରେ ହସ ଫୁଟାଇବା ନିଶ୍ଚିତ ଭାବେ ଏକ ମହତ୍ କାର୍ଯ୍ୟ ଅଟେ । ଏହି ସଙ୍କଟମୟ ମୁହୂର୍ତ୍ତରେ ମାନବିକତାର ଏକ ଉଜ୍ଜ୍ୱଳ ନିଦର୍ଶନ ସୃଷ୍ଟି କରି ବନ୍ୟା ବିପନ୍ନଙ୍କ ସହାୟତା ପାଇଁ ଆଗେଇ ଆସିଛନ୍ତି ଜଣାଶୁଣା ବିଲ୍ଡର ସପ୍ତଗିରି ରିଅଲ୍ ଇଷ୍ଟେଟ୍ର ପରିଚାଳନା ନିର୍ଦ୍ଦେଶକ ତଥା ସମାଜସେବୀ ଶ୍ରୀ ଲୋହିତ କୁମାର ମଙ୍ଗରାଜ। ଏନେଇ ସେ ଗଞ୍ଜାମ ଜିଲ୍ଲାର ଶୋରଡ଼ା, ଆସିକା ଓ ଶେରଗଡ଼ ପରି ବିଭିନ୍ନ ବନ୍ୟା ପ୍ରପିଡିତ ଅଞ୍ଚଳକୁ ନିୟମିତ ଗସ୍ତ କରି ସେଠାକାର ବନ୍ୟା ବିପନ୍ନ ପରିବାରଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରୁଛନ୍ତି।



ଏହି ମାନବିକ ସେବା କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତିଦିନ ୪୦୦ରୁ ଊର୍ଦ୍ଧ୍ୱ ପରିବାରଙ୍କ ନିକଟରେ ରିଲିଫ୍ ସାମଗ୍ରୀ ପଞ୍ଚାଉଛନ୍ତି ଶ୍ରୀ ମଙ୍ଗରାଜ । ଏହି ପରିପ୍ରେକ୍ଷୀରେ ସେ କହିଛନ୍ତି ଯେ, ବନ୍ୟା ପରିସ୍ଥିତିରେ ସୁଧାର ଆସିବା ଏବଂ ବିପନ୍ନ ପରିବାରଙ୍କ ଜୀବନ ସ୍ୱାଭାବିକ ହେବା ପର୍ଯ୍ୟନ୍ତ ଏହି ସହାୟତା କାର୍ଯ୍ୟ ନିରବଚ୍ଛିନ୍ନ ଭାବେ ଜାରି ରହିବ। ତାଙ୍କର ଏହି ଉଦାର ପ୍ରୟାସ କେବଳ ଏକ ସହାୟତା ମୂଳକ କାର୍ଯ୍ୟ ନୁହେଁ, ବରଂ ମାନବିକତା, ସାମାଜିକ ଦାୟିତ୍ୱବୋଧ ଓ ପରୋପକାରର ଏକ ଅନନ୍ୟ ଉଦାହରଣ । ସାମାଜିକ ଦାୟିତ୍ୱକୁ ହୃଦୟଙ୍ଗମ କରି ଅସହାୟ ପରିବାରଙ୍କ ଦୁଃଖରେ ସାମିଲ ହେବାର ଏହି ମହତ୍ ପ୍ରୟାସ ନିଶ୍ଚିତ ଭାବେ ପ୍ରଶଂସନୀୟ ବୋଲି ଶୁଭେଚ୍ଛୁ ମାନେ ପ୍ରତିକ୍ରିୟା ପ୍ରକାଶ କରିଥିଲେ।

ଟେବୁଲ୍ ଟପ୍ ଏକ୍ସରସାଇଜ୍ ଓ ଅଫ୍‌ସାଇଟ୍ ମକ୍ ଡ୍ରିଲ୍ ଅନୁଷ୍ଠିତ



ରାୟଗଡ଼,୬।୧୧ :(ମନ୍ଥନ) ରାୟଗଡ଼ ଜିଲ୍ଲାରେ ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣା ତଥା କ୍ଲୋରିନ୍ ଗ୍ୟାସ୍ ଲିକେଜ୍ ଜନିତ ଜରୁରୀକାଳୀନ ପରିସ୍ଥିତିର ସଫଳ ମୁକାବିଲା ଏବଂ ବିଭିନ୍ନ ବିଭାଗର ପ୍ରସ୍ତୁତି ଆକଳନ ନିମନ୍ତେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନୂତନ ସମ୍ମିଳନୀ କକ୍ଷରେ ଏକ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଅନୁଷ୍ଠିତ ହୋଇଥିଲା। ଡେପୁଟି ଡାଇରେକ୍ଟର ଅଫ୍ ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲର୍ସ, ରାୟଗଡ଼ ଡିଭିଜନଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ବୈଠକର ଆୟୋଜନ କରାଯାଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ନିହାର ରଞ୍ଜନ କହଁର ଏଥିରେ ଅଧ୍ୟକ୍ଷତା କରିଥିଲେ।ଏହି ବୈଠକରେ ଆଞ୍ଚଳିକ ପରିବହନ ବିଭାଗ, ଅଗ୍ନିଶମ ବିଭାଗ, ପୋଲିସ ବିଭାଗ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ , ସ୍ୱାସ୍ଥ୍ୟ ବିଭାଗ, ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ବିଭାଗ , ରେଳବାଇ, ଟିପି ସାଉଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ଏବଂ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ରର ଅଧିକାରୀମାନେ ଯୋଗଦେଇଥିଲେ।ବୈଠକରେ କ୍ଲୋରିନ୍ ଗ୍ୟାସ୍ ଲିକେଜ୍ ଭଳି ଜରୁରୀକାଳୀନ ପରିସ୍ଥିତିରେ ବିଭିନ୍ନ ବିଭାଗର ଦାୟିତ୍ୱ ଓ କାର୍ଯ୍ୟଧାରା, ମକ୍ ଡ୍ରିଲ୍ର କ୍ରମାନ୍ୱୟ କାର୍ଯ୍ୟପନ୍ଥା, କ୍ଲୋରିନ୍ ପରିବହନ ସମୟରେ ସୁରକ୍ଷା ବ୍ୟବସ୍ଥା ଏବଂ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଆଲୋଚନା କରାଯାଇଥିଲା।ଏଥିସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଅଙ୍ଗନବାଡ଼ି କର୍ମୀ, ସରପଞ୍ଚ ଓ ଜନପ୍ରତିନିଧିମାନଙ୍କୁ ଏଭଳି ପରିସ୍ଥିତିରେ ଆବଶ୍ୟକ ସତର୍କତା ଓ ଜନସଚେତନତା ସମ୍ପର୍କରେ ପ୍ରଶିକ୍ଷଣ ଦେବା, ଜରୁରୀକାଳୀନ ଉଦ୍ଧାର ପାଇଁ ସ୍ୱତନ୍ତ୍ର ଯାନର ବ୍ୟବସ୍ଥା ଏବଂ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସୁରକ୍ଷା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା।ଏହାପରେ ଆଜି ଅପରାହ୍ନ ୪ଟା ସମୟରେ ଓଡ଼ିଶା-ଆନ୍ଧ୍ରପ୍ରଦେଶ ସୀମା ନିକଟସ୍ଥ କେରଡ଼ାଠାରେ କ୍ଲୋରିନ୍ ଗ୍ୟାସ୍ ଲିକେଜ୍ ପରିସ୍ଥିତିକୁ ଆଧାର କରି ଏକ ଅଫ୍ସାଇଟ୍ ଏମର୍ଜେନ୍ସି ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା।ଏହି ଅଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜରୁରୀକାଳୀନ ସମୟରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ତ୍ୱରିତ ଉଦ୍ଧାର କାର୍ଯ୍ୟ, ଚିକିତ୍ସା ସେବା, ଜନସୁରକ୍ଷା ଏବଂ ବିପର୍ଯ୍ୟୟ ପରିଚାଳନାର ପ୍ରସ୍ତୁତିକୁ ପରୀକ୍ଷା କରିବା। ଏଭଳି ଅଭ୍ୟାସ ଦ୍ୱାରା ଭବିଷ୍ୟତରେ କୌଣସି ରାସାୟନିକ ଦୁର୍ଘଟଣା ଘଟିଲେ ତାହାର ସଫଳ ମୁକାବିଲା କରିବା ସହ ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ସୁନିଶ୍ଚିତ କରାଯାଇପାରିବ।

ବେଆଇନ୍ ବାଣ ତିଆରି ସାମଗ୍ରୀ ଜବତ, ଦୁଇ ଗିରଫ


ଖଣ୍ଡପଡ଼ା, ୬।୧୧ :(ମନ୍ଥନ)ବେଆଇନ୍ ବାଣ ତିଆରି ସାମଗ୍ରୀ ରଖିବା ଅଭିଯୋଗରେ ଖଣ୍ଡପଡ଼ା ପୁଲିସ ଚଢାଉ କରିବାସହିତ ବିପୁଳ ପରିମାଣର ବାଣ ତିଆରି ସାମଗ୍ରୀ ଜବତ କରି ଦୁଇ ଜଣଙ୍କୁ ଗିରଫ କରିଛି। ମିଳିଥିବା ସୂଚନାଅନୁଯାୟୀ ଆଜି ସ୍ଥାନୀୟ ପୁଲିସ ସହରାଞ୍ଚଳ ଅଧୀନ ମଣିକର୍ଣ୍ଣିକା ସାହିରେ ଚଢାଉ କରିବା ସହିତବେଆଇନ ବାଣ ତିଆରି ଓ ଗଚ୍ଛିତ ରଖିବା ଅପରାଧରେ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତହେଲେ ନୀଳକଣ୍ଠ ମହାପାତ୍ର (୬୨) ଓ କାମାକ୍ଷା ମହାପାତ୍ର (୨୬) ଉଭୟ ବାପପୁଅ ଦୀର୍ଘଦିନ ଧରିନିଜ ଘରେ ଏହି ବ୍ୟବସାୟ ଚଳାଇଆସୁଥିବା ବେଳେ ପୁଲିସକୁ ଚକମା ଦେଉଥିଲେ। ତେବେ ଥାନାଧିକାରୀଶ୍ରୀ ହରିଚନ୍ଦନ ସ୍ୱତନ୍ତ୍ର ସ୍କାଡ୍ ଗଠନ କରିବା ସହିତ ଆଜି ଭୋର ସମୟରେ ଅଚାନକ ଚଢାଉକରିବା ସହିତ ବାପପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଏଥିସହିତ ଲକ୍ଷାଧିକ ଟଙ୍କାମୂଲ୍ୟର ବାଣ ତିଆରି ସାମଗ୍ରୀ ଓ ନିଷିଦ୍ଧ ବିସ୍ଫୋରକ ମଧ୍ୟ ଜବତ କରିଛି। ଏମାନଙ୍କ ନିକଟରୁ ପୁଲିସ୧୭ କେଜି କେଜି କୋଇଲା ପାଉଡର, ଲମ୍ବା ସର୍ଟ ସାମଗ୍ରୀ ୧୨ଟି, ୫୫ କେଜି ବାରୁଦ, ୫ କେଜିଆଲୁମିନିୟମ ଗୁଣ୍ଡ, ଧଳାରଙ୍ଗର ଗ୍ରେଡ ଏ ସାମଗ୍ରୀ ୨୦ କେଜି ବିସ୍ଫୋରକ ସହିତ ୬୮୦ରୁଊର୍ଦ୍ଧ୍ୱ ଟିଣ ପାଇପ, ଖାଲି ଧପଧପି ବସ୍ତାଏ ଆଦି ସାମଗ୍ରୀ ଜବତ କରିଛି। ଚଢାଉ ବେଳେ ଖଣ୍ଡପଡ଼ା ଥାନାଏସଆଇ ମନସ୍ମିତା ସାହୁ, କଣ୍ଟିଲୋ ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ଡାଙ୍ଗ, କନେଷ୍ଟବଳ ରାଘବବଢେଇ, ଗୃହରକ୍ଷୀ ରବୀନ୍ଦ୍ର ବେହେରା ଓ ଯୁଧିଷ୍ଠିର ପ୍ରଧାନ ପ୍ରମୁଖ ସାମିଲ ଥିବା ସୂଚନା ମିଳିଛି।

ଗଛରେ ପିଟି ହୋଇ ରାସ୍ତାକଡକୁ ଖସିଲା କାର

କେନ୍ଦ୍ରାପଡ଼ା, ୬।୧୧ :(ମନ୍ଥନ)କେନ୍ଦ୍ରାପଡା ଗଣ୍ଡାକିଆ ମୁଖ୍ୟ ରାସ୍ତାର ସାରଙ୍ଗ ନିକଟରେ ଆଜି ଅପରାହ୍ନ ପ୍ରାୟ ୪ଟା ସମୟରେ ଗୋଟିଏ କାର (ନଂ ଓଡି.୦୨ ଏ.ଏଲ. ୬୦୩୪) ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ରାସ୍ତାକଡକୁ ଖସିପଡିଥିବା ଦେଖିବାକୁ ମିଳିଛି। କାରଟି ଦ୍ରୁତ ଗତିରେ କେନ୍ଦ୍ରାପଡା ସହର ପାର୍ଶ୍ୱରୁ ଗଣ୍ଡାକିଆ ଆଡକୁ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଛି। କାରଚାଳକ ଏବଂ କାରରେ ବସିଥିବା ଅନ୍ୟ ଜଣେ ବ୍ୟକ୍ତି ସାମାନ୍ୟ ଆହତ ହୋଇଥିଲେ ମଧ୍ୟ ବଡବିପଦରୁ ବର୍ତ୍ତିଯାଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟ ଆହତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ।

ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ହେବ କେବେ ?

ଅସ୍ତରଙ୍ଗ,୬।୧୧ :(ମନ୍ଥନ)ଅସ୍ତରଙ୍ଗ ତହସିଲ ଅଧୀନରେ ରହିଛି ବିଭିନ୍ନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ।ମୁଖ୍ୟତଃ ଅସ୍ତରଙ୍ଗ ଓ ନଗର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନରେ ରହିଥିବା ଅଞ୍ଚଳରେ ହଜାର ହଜାର ଏକର ବେଆଇନ ଚିଙ୍ଗୁଡ଼ି ଘେରି କରି ବହୁତ ବାହାର ମାଫିଆ ମାନେ କୋଟି କୋଟି ଟଙ୍କା ଲୁଟି ନେଇଯାଉଛନ୍ତି ।ସରକାରୀ ଜମିରେ ଚାଷ କରି ରାଜସ୍ୱ ନ ଦେଇ ସ୍ଥାନୀୟ ପ୍ରଶାସନକୁ ଠକି ଚାଲିଛନ୍ତି ।ବାରମ୍ବାର ଗଣମାଧ୍ୟମରେ ଖବର ବାହାରିବା ପରେ ଅସ୍ତରଙ୍ଗ ତହସିଲଦାର ଓ ପୁରୀ ଜିଲ୍ଲା ପ୍ରଶାସନ କଣ ପାଇଁ ନୀରବ ରହୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ଜଳ ନିଷ୍କାସନ ନ ହୋଇ ପାରିବାରୁ ଚାଷ ପାଇଁ ଚାଷୀ ମାନେ ହାହାକାର ହେଉଛନ୍ତି ।ଅସ୍ତରଙ୍ଗ ତହସିଲ କାର୍ଯ୍ୟାଳୟରେ ପ୍ରଚୁର ଅର୍ଥ କାରବାର ହେଉଥିବା ଅନନ୍ତ ପ୍ରସାଦ ଛାଟୋଇ, ସରୋଜ କୁମାର ବସ୍ତିଆ ପ୍ରମୁଖ ଅଭିଯୋଗ କରିଛନ୍ତି । ବିଶେଷ କରି ଅସ୍ତରଙ୍ଗ,ନଗର, ନୂଆଗଡ଼, ଝାଡ଼ଲିଙ୍ଗ, ଛୁରୀଅନା, କୋରଣା, ଶିଶୁଅ, କେନ୍ଦ୍ରାପଟି, ଆଲଙ୍ଗପୁର ପଞ୍ଚାୟତ ଅଧୀନରେ ଥିବା ହଜାର ହଜାର ଏକର ସରକାରୀ ଜମିକୁ ଜବରଦସ୍ତ ଅବରୋଧ କରି ଚିଙ୍ଗୁଡ଼ି ଚାଷ କରିବା ଦ୍ୱାର ପରିବେଶ ପ୍ରଦୂଷଣ ହେବା



ସହ ଦେବୀ ନଦୀ ଓ ତାର ପାର୍ଶ୍ୱବର୍ତ୍ତୀ ନଦୀ ଗୁଡିକ ପ୍ରଦୂଷଣ ହେବାରେ ଲାଗିଛି ।ରାଜ୍ୟ ପ୍ରଦୂଷଣ ବୋର୍ଡ଼ ପକ୍ଷରୁ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ କିମ୍ବା ନିୟନ୍ତ୍ରଣ କରାଯାଉ ନଥିବା ଦେଖାଯାଉଛି ।ବେଆଇନ ଚିଙ୍ଗୁଡ଼ି ଘେରି ଓ ଚାଷ ସମ୍ପର୍କରେ ଜିଲ୍ଲା ପ୍ରଶାସନ ତଥା ଜିଲାପାଳଙ୍କୁ ଅତୀତରେ ବାରମ୍ବାର ଲିଖିତ ଅଭିଯୋଗ ଓ ସାଧାରଣ ଜନଶୁଣାଣୀରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ କିମ୍ବା ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ ।ପ୍ରଶାସନିକ ଅବହେଳାର ସୁଯୋଗ ନେଇ ବାହାରର ଚିଙ୍ଗୁଡ଼ି ମାଫିଆମାନେ ସରକାରଙ୍କୁ ରାଜସ୍ୱ ଫାଙ୍କି ମାଲା ମାଲ ହେବା ସହ ସ୍ଥାନୀୟ ଅଞ୍ଚଳକୁ ପ୍ରଦୂଷଣର ବଳୟ ମଧ୍ୟକୁ ଠେଲି ଦେଉଛନ୍ତି ।ଯାହା ଫଳରେ ସ୍ଥାନୀୟ ଜନସାଧାରଣ ମାନଙ୍କ ଜୀବନ ଜୀବିକା ଗୁରୁତ୍ୱର ଭାବେ ପ୍ରଭାବିତ ହେବାରେ ଲାଗିଛି ।ଚିଙ୍ଗୁଡ଼ି ଘେରିରୁ ନିର୍ଗତ ହେଉଥିବା ବିଷାକ୍ତ ରାସାୟନିକ ପଦାର୍ଥ ନଦୀ, ନାଳ ,ଚାଷ ଜମିରେ ମିଶିବା ଫଳରେ ମାଛ ଓ ଯାଆଁଳ ମରିଯାଉଥିବା ବେଳେ ଧାନ ଫସଲ ବିଶେଷ ଭାବେ ପ୍ରଭାବିତ ହେଉଥିବା ପରିବେଶବିତି ଓ ଅସ୍ତରଙ୍ଗ ଗ୍ରାମର ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି ।ଅସ୍ତରଙ୍ଗ ଅଞ୍ଚଳରେ ବିଷାକ୍ତ ରାସାୟନିକ ପଦାର୍ଥ ଓ ଚିଙ୍ଗୁଡ଼ି ଘେରିର ଲୁଣା ପାଣି ଯୋଗୁଁ ହଜାର ହଜାର ହେକ୍ଟର ଚାଷଜମି ପ୍ରଭାବିତ ହେବା ସହିତ ଚାଷ ଜମିରେ ଧାନ ଚାଷ ହେଉ ନଥିବା ଚାଷୀମାନେ ଗୁରୁତ୍ୱର ଅଭିଯୋଗ କରିଛନ୍ତି ।ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ।ବର୍ଷ ବର୍ଷ ଧରି ଚାଷୀମାନେ ବେଆଇନ ଘେରି ପାଇଁ ନିର୍ଯାତିତ ହୋଇଆସୁଛନ୍ତି ।ଏଥି ସହ ହଜାର ହଜାର ମସ୍ୟଜୀବୀ ମାନଙ୍କର ଜୀବନ ଜୀବିକା ବିପନ୍ନ ହୋଇପଡିଛି ।ସନ୍ଧ୍ୟା ସମୟରେ ଅସ୍ତରଙ୍ଗ ଉପକଣ୍ଠରେ ଠିଆ ହୋଇ ଚିଙ୍ଗୁଡ଼ି ଘେରିର ଚତୁଃପାଶ୍ୱକୁ ନିରୀକ୍ଷଣ କଲେ ଲାଗିବ ଯେ ଅସ୍ତରଙ୍ଗ ଅଞ୍ଚଳରେ ଛୋଟ ଛୋଟ ଶିଳ୍ପ ପ୍ରତିଷ୍ଠାନ ଗଢିଉଠିଥିବାର ଭ୍ରମ ସୃଷ୍ଟି କରୁଛି ।ସରକାରଙ୍କୁ କୋଟି କୋଟି ଟଙ୍କା ରାଜସ୍ୱ ଫାଙ୍କୁଥିବା ଚିଙ୍ଗୁଡ଼ି ମାଫିଆମାନଙ୍କୁ ଅସ୍ତରଙ୍ଗ ତହସିଲଦାର ଓ ପ୍ରଶାସନ ପକ୍ଷରୁ କଣ ପାଇଁ ଘଣ୍ଟ ଘୋଡା ଯାଉଛି ତାହା ସ୍ଥାନୀୟ ଜନସାଧାରଣଙ୍କୁ ଚକିତ କରୁଛି ।ଜନସାଧାରଣଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ଯଦି ବେଆଇନ ଘେରିକୁ ଉଚ୍ଛେଦ କରାନଯାଏ ଆଗାମୀ ଦିନରେ ଅଞ୍ଚଳବାସୀ ଓ ବିଭିନ୍ନ ସଂଗଠନ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସମାଜସେବୀ ଦୁଷ୍ମନ୍ତ କୁମାର ପରିଡା ଚେତାବନୀ ଦେଇଛନ୍ତି ।ଚାଷ ଓ ଚାଷୀଙ୍କୁ ବଞ୍ଚାଇବା ପାଇଁ ରାଜ୍ୟ ସରକାର ଆଉ ରାଜସ୍ୱ ବିଭାଗ ପକ୍ଷରୁ କଣ ପଦକ୍ଷେପ ଗ୍ରହଣ କରାଯାଉଛି ତାହା ଦେଖିବାର କଥା ।ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ପଚାରିବାରେ ସେ ସନ୍ତୋଷଜନକ ଉତ୍ତର ନ ଦେଇ ଘଟଣାକୁ ଏଡାଇ ଦେଇଥିଲେ।

ଐତିହ ଖୋରଧା କ୍ଲବ ନାଁରେ ୨.୫ ଏକର ସାର୍ବଜନୀନ ସମ୍ପତ୍ତି ହଡ଼ପ ଅଭିଯୋଗ

ଖୋରଧା,୬।୧୧ :(ମନ୍ଥନ) ଐତିହାସିକ ଖୋରଧା କ୍ଲବର ସମ୍ପତ୍ତିକୁ ନେଇ ଖୋରଧା ସହରରେ ଏବେ ବଡ଼ ବିବାଦ। ଶୈଳବାସିନୀ ଅଫିସର୍ସ ଆମେଚର୍ କ୍ଲବ ନାମରେ ଥିବା ପ୍ରାୟ ଅଢେଇ ଏକର ଜମି କିପରି ଖୋରଧା କ୍ଲବ ନାମକୁ ଆସିଲା, ତାହାକୁ ନେଇ ଉଠିଛି ସାଂଘାତିକ ପ୍ରଶ୍ନ। ବିନା ଆବଶ୍ୟକ ପ୍ରସ୍ତାବ ଓ ବୈଧ ହସ୍ତାନ୍ତର ଦଲିଲରେ ଜମିର ନାମଜାରି କରାଯାଇଥିବା ଏବଂ ପରବର୍ତ୍ତୀ ସମୟରେ ବିଭିନ୍ନ ଦଲିଲ ଜରିଆରେ ସମ୍ପତ୍ତି ହସ୍ତାନ୍ତର ହୋଇଥିବା ନେଇ ଅଭିଯୋଗ ଆସିଛି। ଏହାକୁ କେବଳ ଜମି ମାଲିକାନା ବିବାଦ ନୁହେଁ, ବରଂ ଏକ ଐତିହାସିକ ଅନୁଷ୍ଠାନର ସମ୍ପତ୍ତି ଓ ପରିଚାଳନାର ସ୍ୱଚ୍ଛତାକୁ ନେଇ ଗୁରୁତର ପ୍ରଶ୍ନ ଭାବେ ଦେଖାଯାଉଛି ।ଏନେଇ ଖୋରଧା ସହରର ଜଣେ ବାସିନ୍ଦା ତଥା ଖୋରଧା କ୍ଲବର ସଦସ୍ୟ ଗତ ଅକ୍ଟୋବର ୧୩ ତାରିଖରେ ଜିଲାପାଳ ଓ ମହାନିରୀକ୍ଷକ ପଞ୍ଜୀକରଣ (ଆଇଜିଆର)ଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ମୂଳ ଜମି ରେକର୍ଡଠାରୁ ଆରମ୍ଭ କରି ନାମଜାରି, ହସ୍ତାନ୍ତର ଦଲିଲ ଓ କ୍ଲବର ଆର୍ଥିକ କାରବାର ପର୍ଯ୍ୟନ୍ତ ସମସ୍ତ ଦିଗର ନିରପେକ୍ଷ ତଦନ୍ତ ସହ ସମ୍ପତ୍ତି ସୁରକ୍ଷା ପାଇଁ ସେ ଦାବି କରିଛନ୍ତି ।ଅଭିଯୋଗ ଅନୁସାରେ, ୧୯୧୬ ମସିହାରେ ଶୈଳବାସିନୀ ଅଫିସର୍ସ ଆମେଚର୍ କ୍ଲବର ସମ୍ପତ୍ତି ବୃଦ୍ଧି ଉଦ୍ଦେଶ୍ୟରେ କେତେକ ବ୍ୟକ୍ତି ପ୍ରାୟ ୨.୫ ଏକର ଜମି ଦାନ କରିଥିଲେ। ୧୯୬୨ ମସିହାରେ ଜଜାରସିଂହ ମୌଜାର ଖାତା ନଂ. ୬୨୫ ଓ ୯୬୪ ରେ ଏହି ଜମି କ୍ଲବର ସମ୍ପାଦକଙ୍କ ନାମରେ ରେକର୍ଡଭୁକ୍ତ ହୋଇଥିଲା। ପରବର୍ତ୍ତୀ ସମୟରେ ଶୈଳବାସିନୀ କ୍ଲବର କାର୍ଯ୍ୟକଳାପ ବନ୍ଦ ହେବା ପରେ ଏହାର ସମ୍ପତ୍ତି ଖୋରଧା କ୍ଲବ ନିୟନ୍ତ୍ରଣକୁ ଯାଇଥିବା ଅଭିଯୋଗକାରୀ ଦର୍ଶାଇଛନ୍ତି। ଏହାପରେ ଜମିର ମାଲିକାନା ଓ ହସ୍ତାନ୍ତରକୁ ନେଇ ଆହୁରି ଗୁରୁତର ଅଭିଯୋଗ ଆସିଛି। ବିକ୍ରି ଦଲିଲ, ଲିଜ୍ ଦଲିଲ, ଚୁକ୍ତିନାମା, ବିକାଶ ଚୁକ୍ତି ଓ ସାଧାରଣ କ୍ଷମତାପତ୍ର ଭଳି ବିଭିନ୍ନ ଆଇନଗତ ଦସ୍ତାବିଜ ଜରିଆରେ ସମ୍ପତ୍ତି ହସ୍ତାନ୍ତର ହୋଇଥିବା ଅଭିଯୋଗକାରୀ ଦର୍ଶାଇଛନ୍ତି। କେତେକ ଦଲିଲରେ ଶୈଳବାସିନୀ କ୍ଲବକୁ ବିକ୍ରେତା ବା ପ୍ରଥମ ପକ୍ଷ ଭାବେ ଦର୍ଶାଯାଇଥିବା ସତ୍ତ୍ୱେ ଖୋରଧା କ୍ଲବ ପକ୍ଷରୁ ଏହି କାରବାର କାର୍ଯ୍ୟକାରୀ ହୋଇଥିବା ନେଇ ପ୍ରଶ୍ନ ଉଠାଯାଇଛି। ଏ ସମ୍ପର୍କିତ କେତେକ ଦଲିଲର ନକଲ ମଧ୍ୟ ଅଭିଯୋଗପତ୍ର ସହ ସଂଲଗ୍ନ କରାଯାଇଛି ।କେବଳ ଜମି କାରବାର ନୁହେଁ, କ୍ଲବର ଆଭ୍ୟନ୍ତରୀଣ ପରିଚାଳନାକୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘବର୍ଷ ଧରି ସାଧାରଣ ସଭା ଓ ନିର୍ବାଚନ ହୋଇନଥିବା, ବୈଠକର ବିବରଣୀ, ହିସାବ ଖାତା ଓ ଅଡିଟ୍ ରିପୋର୍ଟ ଠିକ୍ ଭାବେ ସଂରକ୍ଷିତ ହେଉନଥିବା ଅଭିଯୋଗ ରହିଛି। ସରକାରୀ ଅନୁଦାନ, ସଦସ୍ୟ ଚାନ୍ଦା ଓ ଦାନ ଅର୍ଥର ଆୟବ୍ୟୟ ସମ୍ପର୍କରେ ସଦସ୍ୟମାନଙ୍କୁ ସ୍ପଷ୍ଟ ତଥ୍ୟ ଦିଆଯାଉନଥିବା ମଧ୍ୟ ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏପରିକି କ୍ଲବର ଲେଟରପ୍ୟାଡ୍ରେ ଥିବା ପଞ୍ଜୀକରଣ ସଂଖ୍ୟାକୁ ନେଇ ମଧ୍ୟ ସନ୍ଦେହ ପ୍ରକାଶ କରାଯାଇଛି ।ଅଭିଯୋଗକାରୀଙ୍କ ଦାବି ଅନୁଯାୟୀ, ୧୯୯୨ ମସିହାରୁ କୌଣସି ନିର୍ବାଚନ ନକରି ଜଣେ ସମ୍ପାଦକ ଦୀର୍ଘବର୍ଷ ଧରି ପଦବୀରେ ରହିଆସିଛନ୍ତି। ଏହି ଦୀର୍ଘକାଳୀନ ଅବ୍ୟବସ୍ଥା ଯୋଗୁଁ କ୍ଲବର ସମ୍ପତ୍ତି ଓ ଆର୍ଥିକ ପରିଚାଳନାରେ ଅନିୟମିତତା ହୋଇଥିବା ତାଙ୍କର ଅଭିଯୋଗ ।ଏହି ପରିପ୍ରେକ୍ଷୀରେ ମୂଳ ଜମି ରେକର୍ଡ, ୨୦୧୮ର ନାମଜାରି ମାମଲା, ପରବର୍ତ୍ତୀ ସମସ୍ତ ହସ୍ତାନ୍ତର ଦଲିଲ ଏବଂ କ୍ଲବର ଆର୍ଥିକ କାରବାରର ନିରପେକ୍ଷ ତଦନ୍ତ ଦାବି କରାଯାଇଛି। ଏଥିସହ ରସିଦ ବହି, କ୍ୟାସ୍‌ବୁକ୍ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ସୁରକ୍ଷିତ ରଖିବା, ବ୍ୟାଙ୍କ ଖାତାର କାରବାର ଯାଞ୍ଚ କରିବା ଏବଂ ସରକାରୀ ଅଧିକାରୀ ଓ ସହରର ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ନୂତନ ପରିଚାଳନା କମିଟି ଗଠନ ପାଇଁ ନିବେଦନ କରାଯାଇଛି ।ଅନ୍ୟପକ୍ଷରେ, ଏହି ଅଭିଯୋଗ ଉପରେ ଖୋରଧା କ୍ଲବ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

ଆଞ୍ଚଳିକ ମନ୍ଥନ

ଶନିବାର,୭ ନଭେମ୍ବର ୨୦୨୬, ଭୁବନେଶ୍ୱର Saturday,7 November 2026, Bhubaneswar



ନବରଙ୍ଗପୁର ଜିଲ୍ଲାରେ 'ଯୁବ ସମାଜ ପାଇଁ ତମାଖୁମୁକ୍ତ ଅଭିଯାନ ୪.୦'ର ଶୁଭାରମ୍ଭ

ନବରଙ୍ଗପୁର, ୬।୧୧ :(ମନ୍ଥନ) ଯୁବପିଢ଼ିଙ୍କୁ ତମାଖୁ ସେବନର କୁପ୍ରଭାବରୁ ସୁରକ୍ଷିତ ରଖିବା ଏବଂ ଏକ ସୁସ୍ଥ ଓ ତମାଖୁମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ନବରଙ୍ଗପୁର ଆନୁକୂଲ୍ୟରେ ଆଜି 'ଯୁବ ସମାଜ ପାଇଁ ତମାଖୁମୁକ୍ତ ଅଭିଯାନ ୪.୦'ର ଶୁଭାରମ୍ଭ କରାଯାଇଛି।ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ବିଶ୍ୱଜିତ ବର୍ମାନ ଅଧ୍ୟକ୍ଷତା କରିଥିଲେ। ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ତମାଖୁମୁକ୍ତ ସମାଜ ଗଠନ ନିମନ୍ତେ ଶପଥ ପାଠ କରାଇବା ସହ ଅଭିଯାନର ଶୁଭାରମ୍ଭ କରିଥିଲେ।କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଳୟ ପ୍ରଧାନ, ଏଡିପିଏଚ୍ଓ (ଏଫ୍‌ଡବ୍ଲ୍ୟୁ) ଡା. ମଳୟ ତ୍ରିପାଠୀ, ଡିଏମ୍ଓ ଡା. ସୁକାନ୍ତ ଚନ୍ଦ୍ର ଶତପଥୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଡିପିଏମ୍ ଶ୍ରୀ ଶଙ୍କର ଆଚାର୍ଯ୍ୟ, ଡିଏମ୍ଆରସିଏଚ୍ ଶ୍ରୀ ମାନସ କୁମାର ପଣ୍ଡାଙ୍କ ସମେତ ଜିଲ୍ଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ, ସିଡିପିଓ, ପିଏଚ୍ଇଓ ଏବଂ ବିପିଏମ୍‌ମାନେ ଯୋଗଦେଇଥିଲେ। ଉପସ୍ଥିତ ଅଧିକାରୀମାନେ ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିବା ସହ ଏହାକୁ ସଫଳ କରିବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱାରୋପ



କରିଥିଲେ। ତମାଖୁ ସେବନ ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା। ଏହାଦ୍ୱାରା କର୍କଟ ରୋଗ, ହୃଦ୍‌ରୋଗ, ଶ୍ୱାସକ୍ରିୟାଜନିତ ରୋଗ ଓ ଅନ୍ୟାନ୍ୟ ଅଣସଂକ୍ରାମକ ରୋଗ ହେବାର ଆଶଙ୍କା ରହିଛି। ତମାଖୁର ଧୂଆଁରେ ହଜାର ହଜାର କ୍ଷତିକାରକ ରାସାୟନିକ ପଦାର୍ଥ ରହିଥିବାବେଳେ ଏଥିମଧ୍ୟରୁ ଅନେକ କର୍କଟ ସୃଷ୍ଟିକାରୀ। ଏହାର ପ୍ରଭାବ କେବଳ ତମାଖୁ ସେବନକାରୀଙ୍କ ଉପରେ ନୁହେଁ, ପରୋକ୍ଷ ଧୂମପାନ ଦ୍ୱାରା ଅନ୍ୟମାନେ ମଧ୍ୟ କ୍ଷତିଗ୍ରସ୍ତ ହୋଇଥାନ୍ତି।ଆଗାମୀ ଦୁଇ ମାସ ଧରି ଚାଲିବାକୁ ଥିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ ତମାଖୁ ସେବନର ଭୟାବହତା ଏବଂ ଏହାର ସ୍ୱାସ୍ଥ୍ୟଗତ କୁପ୍ରଭାବ ସମ୍ପର୍କରେ ସଚେତନ କରାଇବା। ଏଥିସହ ତମାଖୁ ସେବନ ଆରମ୍ଭ ନ କରିବା, ଏହି ଅଭ୍ୟାସରେ ଜଡ଼ିତ ବ୍ୟକ୍ତିଙ୍କୁ ତମାଖୁ ଛାଡ଼ିବା ପାଇଁ ପ୍ରେରିତ କରିବା ଏବଂ ଆବଶ୍ୟକ ସ୍ଥଳେ ସ୍ୱାସ୍ଥ୍ୟକେନ୍ଦ୍ରରୁ ପରାମର୍ଶ ଓ ସହାୟତା ନେବା ଉପରେ ଗୁରୁତ୍ୱ ଦିଆଯିବ। ଏହି ଅଭିଯାନକୁ ଜିଲ୍ଲାର ତୃଣମୂଳସ୍ତରରେ ସଫଳ କରିବା ନିମନ୍ତେ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରଗୁଡ଼ିକରେ ସ୍ୱାସ୍ଥ୍ୟ ପରୀକ୍ଷା ସହ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହା ମାଧ୍ୟମରେ ଛାତ୍ରଛାତ୍ରୀ, ଯୁବବର୍ଗ ଓ ସାଧାରଣ ଜନସାଧାରଣଙ୍କୁ ତମାଖୁ ସେବନରୁ ଦୂରେଇ ରହିବା, ସୁସ୍ଥ ଜୀବନଶୈଳୀ ଆପଣାଇବା ଏବଂ ତମାଖୁମୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ସଚେତନ କରାଯିବ।କାର୍ଯ୍ୟକ୍ରମକୁ ଏଡିପିଏଚ୍ସିଓ ଶ୍ରୀ ରାମହରି ପଣ୍ଡା ଏବଂ ଏଏମ୍-ଏନ୍‌ସିଡି ଶ୍ରୀ ତରୁଣ କୁମାର ସାହୁ ସୁଚାରୁରୂପେ ପରିଚାଳନା କରିଥିଲେ।

ନବରଙ୍ଗପୁର ଠାରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ

ନବରଙ୍ଗପୁର,୬।୧୧ :(ମନ୍ଥନ) ମାଣ୍ଡିଆ ତଥା ଅନ୍ୟାନ୍ୟ ମିଲେଟ୍‌ର ଗୁରୁତ୍ୱ, ପୁଷ୍ଟିକର ଗୁଣ ଓ ଏହାର ବହୁମୁଖୀ ଉପଯୋଗିତା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ସହ ମିଲେଟ୍ ଚାଷର ପ୍ରସାର ଓ ଚାଷୀଙ୍କ ଆୟ ବୃଦ୍ଧି ଲକ୍ଷ୍ୟରେ ଆଜି ନବରଙ୍ଗପୁର ଜିଲ୍ଲାରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ଓ ଖାଦ୍ୟ ମହୋତ୍ସବ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷଠାରେ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି।ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ଆୟୋଜନ ଏବଂ ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ୍, ଶ୍ରୀ ଅନ୍ନ ଅଭିଯାନର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଶ୍ରୀ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ମାନ୍ୟବର ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପାଢ଼ୀ, ମାନ୍ୟବର ଝରିଗାଁ ବିଧାୟକଙ୍କ ପ୍ରତିନିଧି ଜଗଦୀଶ ବିଷୋୟୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ପ୍ରମୋଦ କୁମାର ପୃଷ୍ଟି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କୃଷି



ବିଭାଗର କର୍ମଚାରୀ, ଶ୍ରୀ ଅନ୍ନ ଅଭିଯାନର କର୍ମଚାରୀ ଓ ପ୍ରାୟ ୧୨୦ ଜଣ ଚାଷୀ ଯୋଗଦେଇଥିଲେ।ଏହି ଅବସରରେ ଅତିଥିମାନେ ମାଣ୍ଡିଆ ଓ ଅନ୍ୟାନ୍ୟ ମିଲେଟ୍‌ର ପୁଷ୍ଟିକର ଗୁଣ, ସ୍ୱାସ୍ଥ୍ୟ ଉପକାରିତା ଏବଂ କୃଷି କ୍ଷେତ୍ରରେ ଏହାର ଗୁରୁତ୍ୱ ସମ୍ପର୍କରେ ନିଜ ନିଜର ମତବ୍ୟକ୍ତ କରିଥିଲେ। ମିଲେଟ୍ ଚାଷର ପରିମାଣ ଓ ଉତ୍ପାଦନ ବୃଦ୍ଧି, ପାରମ୍ପରିକ ଦେଶୀୟ ବିହନର ସଂରକ୍ଷଣ, ଆଧୁନିକ ଚାଷ ପ୍ରଣାଳୀର ପ୍ରୟୋଗ ଏବଂ ଉତ୍ପାଦିତ ଶସ୍ୟର ଉପଯୁକ୍ତ ବଜାର ସଂଯୋଗ ମାଧ୍ୟମରେ ଚାଷୀଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ।ଖାଦ୍ୟ ମହୋତ୍ସବ ଏହି କାର୍ଯ୍ୟକ୍ରମର ଏକ ମୁଖ୍ୟ ଆକର୍ଷଣ ଥିଲା। ଏଥିରେ ମାଣ୍ଡିଆ ଓ ଅନ୍ୟାନ୍ୟ ମିଲେଟ୍‌ରୁ ପ୍ରସ୍ତୁତ ବିଭିନ୍ନ ପାରମ୍ପରିକ ଓ ସୁସ୍ୱାଦୁ ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। ମିଲେଟ୍‌କୁ ବ୍ୟବହାର କରି ବିଭିନ୍ନ ପ୍ରକାରର ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ ବୋଲି ଏହି ପ୍ରଦର୍ଶନୀ ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଏଥିସହ ନୈନ୍ଦିନ ଖାଦ୍ୟ ତାଲିକାରେ ମାଣ୍ଡିଆ ଓ ଅନ୍ୟାନ୍ୟ ମିଲେଟ୍‌କୁ ସାମିଲ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା।ମିଲେଟ୍ ଚାଷର ପ୍ରସାର ସହ ଏହାର ଉତ୍ପାଦନ, ପ୍ରକ୍ରିୟାକରଣ, ମୂଲ୍ୟବୃଦ୍ଧି, ବଜାର ସଂଯୋଗ ଓ ଉପଭୋଗ ବୃଦ୍ଧି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଉତ୍ସବ ମାଧ୍ୟମରେ ଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସୃଷ୍ଟି ହେବା ସହ ମିଲେଟ୍‌ର ଚାଷ ଓ ବ୍ୟବହାରକୁ ଅଧିକ ଲୋକପ୍ରିୟ କରିବା ପାଇଁ ଏକ ଉତ୍ତମ ମଞ୍ଚ ସୃଷ୍ଟି ହୋଇଥିଲା ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମହେଶ ପାଢ଼ୀ ପରିଚାଳନା କରିଥିଲେ ।

କୁମୁରସିଙ୍ଗ ଗ୍ରାମରେ ମା ଗଜ ଲକ୍ଷ୍ମୀ ପୂଜା ଓ ଭସାଣି ଉତ୍ସବ ପାଳିତ

ଛେଣ୍ଡିପଦା,୬।୧୧ :(ମନ୍ଥନ)ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ତଥା ଜରପଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁମୁରସିଙ୍ଗ ଗ୍ରାମ ସ୍ଥିତ ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ବାର୍ଷିକ ଗଜ ଲକ୍ଷ୍ମୀ ପୂଜା ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ କଳସ ଯାତ୍ରା, ହୋମ ଯଜ୍ଞ ନାମ ସଂକୀର୍ତ୍ତନ ଭଜନ ଜଣାଣ ପୁରାଣ ପାଠ ସାଙ୍ଗକୁ ଧାର୍ମିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ମା ଲକ୍ଷ୍ମୀ ଙ୍କ ମୃଣ୍ମୟୀ ପ୍ରତିମା କୁ ସୁସଜ୍ଜିତ ମଣ୍ଡପରେ ପୂଜା ପାଠ ସାଙ୍ଗକୁ ସାମୂହିକ ଅନ୍ନ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ରଙ୍ଗ ବେରଙ୍ଗର ଆଲୋକ ମାଳାରେ ତୋରଣ ଏବଂ ମେଢ଼ ସାଜସଜ୍ଜା କରାଯାଇଥିଲା । ସେହିପରି ମା ଗଜ ଲକ୍ଷ୍ମୀ ଙ୍କ ଆଜ୍ଞା ଲଡୁ ନିଲାମ କରାଯାଇଥିଲା । ଏହି ନିଲାମ ପ୍ରକ୍ରିୟାରେ ଭାଗ ନେଇ ନିକଟସ୍ଥ ଭାଗୀରଥିପୁର ଗ୍ରାମ



ନିବାସୀ ଯୁବ ବ୍ୟବସାୟୀ ସୁଦର୍ଶନ ବେହେରା (ମିଞ୍ଜା ବାବୁ) ମୋଟ ୫୫ ହଜାର ୧ ଶହ ଟଙ୍କା ବିନିମୟରେ ଆଜ୍ଞା ଲଡୁ ନିଲାମ ନେଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ଭାନୁ ପ୍ରୀୟା ପ୍ରଧାନ, ପୂର୍ବତନ ସରପଞ୍ଚ ନାରାୟଣ ସାହୁ, ସରପଞ୍ଚ ବିଦେଶୀ ବେହେରା,ଯୁବ ନେତା ଅକ୍ଷୟ କୁମାର ପ୍ରଧାନ,ବାଙ୍କନିଧି ପ୍ରଧାନ , କୁମୁଦ ଚନ୍ଦ୍ର ସାହୁ, ବାଳକୃଷ୍ଣ ପ୍ରଧାନ ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ସେହିପରି ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିସହ ଯାତ୍ରା ପାର୍ଟି ରାଜ ନନ୍ଦିନୀ ପକ୍ଷରୁ ତିନି ରାତି ଧରି ମେଲୋଡି ଏବଂ ଅପେରା ପରିବେଷଣ କରାଯାଇଥିଲା । ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଭକ୍ତ ଯାତ୍ରୀ ଓ ଶ୍ରଦ୍ଧାଳୁ ମାନଙ୍କର ଅସମ୍ଭବ ଭାବେ ଭିଡ଼ ଲାଗିଥିଲା । ସ୍ଥାନୀୟ ଗ୍ରାମ୍ୟ ପରିଚାଳନା କମିଟି ଓ ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଉତ୍ସବ ଆୟୋଜନ କରିବା ସହ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ ତଥା ପରିଚାଳନା କରିଥିଲେ ।ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା । ଏଥିସହ ମା ଗଜ ଲକ୍ଷ୍ମୀ ଙ୍କ ଭସାଣୀ ଉତ୍ସବ ଅତ୍ୟନ୍ତ ଉତ୍ସାହ ଉଦ୍ଦୀପନା ସହିତ ସମ୍ପନ୍ନ ହୋଇଥିଲା । ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଭକ୍ତ ଶ୍ରଦ୍ଧାଳୁ ଓ ଯାତ୍ରୀ ମାନଙ୍କ ସମାବେଶ ହୋଇଥିଲା।

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ତୃତୀୟ ପର୍ଯ୍ୟାୟର ଭିତ୍ତିପ୍ରସ୍ତର ସ୍ଥାପନ

ନବରଙ୍ଗପୁର,୬।୧୧ :(ମନ୍ଥନ) ରାଜ୍ୟରେ ବିଦ୍ୟାଳୟ ଶିକ୍ଷାର ମାନବୃଦ୍ଧି, ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ୀକରଣ ତଥା ଛାତ୍ରଛାତ୍ରୀଙ୍କୁ ଏକ ଉନ୍ନତ ଓ ଅନୁକୂଳ ଶିକ୍ଷଣ ପରିବେଶ ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଣୀତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ତୃତୀୟ ପର୍ଯ୍ୟାୟର ଜିଲ୍ଲାସ୍ତରୀୟ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ଆଜି ନବରଙ୍ଗପୁର ବ୍ଲକ ଅନ୍ତର୍ଗତ ଚଟାହାଣ୍ଡିସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଏହି ଯୋଜନାର ତୃତୀୟ ପର୍ଯ୍ୟାୟରେ ନବରଙ୍ଗପୁର ଜିଲ୍ଲାର ୬ଟି ବ୍ଲକର ୧୫ଟି ଚିହ୍ନଟ ବିଦ୍ୟାଳୟରେ ଆବଶ୍ୟକୀୟ ଭିତ୍ତିଭୂମିର ବିକାଶ ଓ ଉନ୍ନତୀକରଣ କରାଯିବ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ, ନବରଙ୍ଗପୁର ଶ୍ରୀ ଗୌରୀଶଙ୍କର ମାଝୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ପ୍ରମୋଦ କୁମାର ପୃଷ୍ଟି, ମାନ୍ୟବର ସାଂସଦଙ୍କ ପ୍ରତିନିଧି ଶ୍ରୀ ଜ୍ୟୋତିରଞ୍ଜନ କଂସ, ନବରଙ୍ଗପୁର ବିଡିଓ ଡ. ସୁନୀଲ କୁମାର ଖରା, ତହସିଲଦାର ଶ୍ରୀ ଭୋଳେଶ୍ୱର ନାୟକ ଏବଂ ଜିଲ୍ଲା ଶିକ୍ଷା



ଅଧିକାରୀ ଶ୍ରୀ ଛତ୍ରପତି ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଜନପ୍ରତିନିଧି, ଶିକ୍ଷା ବିଭାଗର ଅଧିକାରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଆଭାସୀ ମାଧ୍ୟମରେ ରାଜ୍ୟସ୍ତରୀୟ ଉଦ୍ ?ଘାଟନୀ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ଶ୍ରବଣ କରିଥିଲେ।ଏହି ପର୍ଯ୍ୟାୟରେ ଡାବୁଗାଁ ବ୍ଲକର ନନ୍ଦପୁର, ଜାବାଗୁଡ଼ା ଓ କୋଇଲାରୀ; ଝରିଗାଁ ବ୍ଲକର କନକୋଟ, ତେଲୋନାଡିଗାଁ ଓ ଫୁପୁଗାଁ; କୋଷାଗୁମୁଡ଼ା ବ୍ଲକର ଏକୋରି, ବାଲେଙ୍ଗା, ବାଙ୍କୁଲି, ଏମ୍. କେରଗାମ ଓ ନେଇଗାମ, ନବରଙ୍ଗପୁର ବ୍ଲକର ଚଟାହାଣ୍ଡି; ପାପଡ଼ାହାଣ୍ଡି ବ୍ଲକର କୋଣ୍ଡାମାଳ ଓ ସେମେଲା ଏବଂ ଉମରକୋଟ ବ୍ଲକର କାରାଗାମ ବିଦ୍ୟାଳୟକୁ ସାମିଲ କରାଯାଇଛି। ଏହି ଯୋଜନା ମାଧ୍ୟମରେ ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକ ଶିକ୍ଷା ଭିତ୍ତିଭୂମିର ବିକାଶ, ଶିକ୍ଷଣ ଉପଯୋଗୀ ପରିବେଶ ସୃଷ୍ଟି ଏବଂ ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯିବ। ବିଶେଷକରି ଗ୍ରାମାଞ୍ଚଳର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ଓ ଉନ୍ନତ ଶିକ୍ଷା ସୁବିଧା ପାଇବା ସହିତ ସେମାନଙ୍କର ସର୍ବାଙ୍ଗୀଣ ବିକାଶର ସୁଯୋଗ ପାଇପାରିବେ।ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବା ସହ ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଦିଗରେ ସହାୟକ ହେବ ବୋଲି ଆଶା ପ୍ରକାଶ କରାଯାଇଛି।

ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ

ଅନୁଗୋଳ,୬।୧୧ :(ମନ୍ଥନ)ଆଜି ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଶ୍ରୀ ଅବ୍‌ଦାଲ୍ ମୁହମ୍ମଦ୍ ଅଖ୍ତରଙ୍କ ଅଧ୍ୟକ୍ଷତାରେଜିଲ୍ଲା ସଡକ ସୁରକ୍ଷା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାହୁଲ ଜୈନ ବୈଠକରେ ଯୋଗ ଦେଇଥିଲେ।ବୈଠକରେ ଅକ୍ଟୋବର ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପ୍ରକାର ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା। ପରିବହନ ବିଭାଗ ସୂଚନା ଅନୁଯାୟୀ ଗତ ଅକ୍ଟୋବର ମାସରେ ଜିଲ୍ଲାରେ ମୋଟ ୩୭ଟି ଦୁର୍ଘଟଣା ଘଟିଥିବାବେଳେ ୧୨ଜଣଙ୍କର ମୃତ୍ୟୁ ଘଟିଛି ଓ ୨୫ଜଣ ଆହତ ହୋଇଛନ୍ତି । ଗତ ମାସରେ ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଞ୍ଚ



ସମୟରେ ବିନା ହେଲମେଟରେ ଗାଡି ଚାଳଣ ଯୋଗୁଁ ୧୨୮୫ଜଣ, ଦ୍ରୁତ ଗାଡି ଚାଳନ କରିବା ଯୋଗୁଁ ୮୭୬ଜଣ , ମଦ୍ୟପାନ କରି ଗାଡି ଚାଳନା ନିମନ୍ତେ ୨୮ ଜଣ, ଅତ୍ୟଧିକ ମାଲ ପରିବହନ ନିମନ୍ତେ ୩୪ଜଣଙ୍କଠାରୁ ଜୋରିମାନା ଆଦାୟ କରାଯାଇଥିବାବେଳେ ୪୫୦ଜଣଙ୍କର ଲାଇସେନ୍ସ ରଦ୍ଦ କରାଯାଇଥିଲା । ବୈଠକର ନିଷ୍ପତ୍ତି ଅନୁସାରେ, ବୁଲା ଗୋରୁଙ୍କ ପାଇଁ ରାଜପଥ କଡ଼ରେ 'କ୍ୟାଟେଲ ବାରିକେଡ୍' ଲଗାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିଭଳି ରାସ୍ତା ଉପରେ ଥିବା ଭାରୀଯାନଗୁଡିକୁ ନିଜସ୍ୱ ସ୍ୱେଚ୍ଛାସେବୀ ନିୟୋଜିତ କରି ଗାଡ଼ି ମୋବିଲାଇଜ୍ କରିବାକୁ କମ୍ପାନୀଗୁଡ଼ିକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଢାବା କିମ୍ବା ପେଟ୍ରୋଲ୍ ପମ୍ପ ଆଗରେ ବେଆଇନ୍ ଗାଡ଼ି ପାର୍କିଂ କଲେ ସମ୍ପୃକ୍ତ ଡ୍ରାଇଭରମାନଙ୍କ ଲାଇସେନ୍ସ ଜବତ ଓ ଜୋରିମାନା ଆଦାୟ କରିବା ସହ ନିୟମ ଉଲ୍ଲଂଘନ କରୁଥିବା ପେଟ୍ରୋଲ୍ ପମ୍ପ, ହୋଟେଲ୍ ଓ ଢାବାଗୁଡ଼ିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ଆଶିଷ ରଞ୍ଜନ ସାହୁ, ତାଳଚେର ଉପଜିଲ୍ଲାପାଳ ଶ୍ରୀ ପ୍ରଜ୍ଞାନନ୍ଦନ ଗିରି , ଉପ ଆରକ୍ଷୀ ଅଧୀକ୍ଷକ ଶ୍ରୀ ସୁକୁମାର ତ୍ରିପାଠୀ, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ପ୍ରସନ୍ନ କୁମାର ଦାସ, ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଶ୍ରୀ ସଂଗ୍ରାମ ରଞ୍ଜନ ଦାସଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

ଜିଲ୍ଲା ସ୍ତରୀୟ 'ମାଣ୍ଡିଆ ଦିବସ-୨୦୨୬' ପାଳିତ

ଜଗତସିଂହପୁର,୬।୧୧ :(ମନ୍ଥନ)ଆଜି ପୂର୍ବାହ୍ନ ରେ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ପୁରୋହିତପୁର, ଜଗତସିଂହପୁର ଠାରେ ଜିଲ୍ଲା ସ୍ତରୀୟ 'ମାଣ୍ଡିଆ ଦିବସ-୨୦୨୬' ମହାସମାରୋହରେ ପାଳିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ପ୍ରତିଷ୍ଠିତ 'ଶ୍ରୀ ଅନ୍ନ ଅଭିଯାନ' ଯୋଜନା ଅଧୀନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜିଲ୍ଲାରେ ମାଣ୍ଡିଆ ତଥା ପୋଷଣଯୁକ୍ତ କ୍ଷୁଦ୍ର ଶସ୍ୟର ଉତ୍ପାଦନ ବୃଦ୍ଧି କରିବା, ଏହାର ସଠିକ୍ ବଜାରୀକରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ସାଧାରଣ ଲୋକଙ୍କ ଖାଦ୍ୟ ତାଲିକାରେ ଏହାର ବହୁଳ ବ୍ୟବହାରକୁ ପ୍ରୋତ୍ସାହିତ କରିବା।ଏହି ଆଲୋଚନାଚକ୍ର ଓ ସମାରୋହରେ ଜଗତସିଂହପୁରର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ବିଭୁ ପ୍ରସାଦ ତରାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ ନିଜ ବକ୍ତବ୍ୟରେ ମାଣ୍ଡିଆର ପୋଷକ ତତ୍ତ୍ୱ ଏବଂ ଆଧୁନିକ ଯୁଗରେ ଏହାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲା ପରିଷଦ ସଭାପତି ଶ୍ରୀଯୁକ୍ତ ମନୋଜ କୁମାର ଭୋଇ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଚାଷୀମାନଙ୍କ ଆର୍ଥିକ ଉନ୍ନତିରେ ମାଣ୍ଡିଆ ଚାଷର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀଯୁକ୍ତ ବିଭୁଦତ୍ତ ସାହୁ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ପ୍ରଦୀପ୍ତ କୁମାର ମାଝୀଙ୍କ ସମେତ କୃଷି ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଚାଷୀମାନଙ୍କୁ ବୈଷୟିକ ଜ୍ଞାନକୌଶଳ ବିଷୟରେ ଅବଗତ କରାଇଥିଲେ।ଏହି ଦିବସ ପାଳନ ଅବସରରେ ଏକ ସ୍ୱତନ୍ତ୍ର ମାଣ୍ଡିଆ ଖାଦ୍ୟ ମହୋତ୍ସବ (ଫୁଡ୍ ଫେଷ୍ଟିଭାଲ୍) ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟାମାନେ ଅଂଶଗ୍ରହଣ କରି ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ପ୍ରକାରର ପାରମ୍ପରିକ ଓ ଆଧୁନିକ ସ୍ୱାଦିଷ୍ଟ ଖାଦ୍ୟ ତଥା ପାନୀୟ ସାମଗ୍ରୀ ପ୍ରଦର୍ଶିତ କରିଥିଲେ। ସାଧାରଣ ଜନତାଙ୍କ ପାଇଁ ଏଠାରେ ଅନେକ ମିଲେଟ୍ ପ୍ରଡକ୍ଟସ ଷ୍ଟଲ୍ ମଧ୍ୟ



ଖୋଲାଯାଇଥିଲା, ଯେଉଁଠାରୁ ଲୋକମାନେ ମାଣ୍ଡିଆରୁ ପ୍ରସ୍ତୁତ ସ୍ନାକ୍ସ ଓ ଅନ୍ୟାନ୍ୟ ସାମଗ୍ରୀ ଆଗ୍ରହର ସହ କ୍ରୟ କରିଥିଲେ।ଏହି ସମାବେଶରେ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ୧୫୦ ରୁ ଅଧିକ ସଫଳ ଚାଷୀ ଏବଂ ଏସଏଚଜି ମହିଳାମାନେ ଯୋଗ ଦେଇଥିଲେ। ମାଣ୍ଡିଆ ଉତ୍ପାଦନ, ସଫଳ ପ୍ରକ୍ରିୟାକରଣ ଏବଂ ବଜାରୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ତଥା ଆଦର୍ଶ ପ୍ରଦର୍ଶନ କରିଥିବାରୁ ଜିଲ୍ଲାର ୬ ଜଣ ପ୍ରଗତିଶୀଳ ଚାଷୀ ଏବଂ ୪ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କୃଷି ବିଭାଗ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ସଭା ସାଙ୍ଗ କରାଯାଇଥିଲା।

କଙ୍କରାଇ ଗ୍ରାମରେ ଛତୁ ଉତ୍ପାଦକ କେନ୍ଦ୍ର ଉଦଘାଟିତ

ଅନୁଗୋଳ,୬।୧୧ :(ମନ୍ଥନ)ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ କଙ୍କରାଇ ଗ୍ରାମ ପଞ୍ଚାୟତ ଅଧୀନ ପିଢ଼ଖମଣ ଗ୍ରାମ ଠାରେ ଗୁରୁବାର ଆଦିତ୍ୟ ବିର୍ଲା ତଥା ସୁଭଦ୍ରା କୋଲ ମାଇନିଙ୍ଗ ପ୍ରୋଜେକ୍ଟ କମ୍ପାନୀ ଆର୍ଥିକ ସହାୟତା କ୍ରମେ ଏକ ଧିଙ୍ଗିରି ଛତୁ ଉତ୍ପାଦନ କେନ୍ଦ୍ର ଉଦଘାଟିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ପ୍ରତାପ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ ପରିଚାଳନା କମିଟି ସମ୍ପାଦକ ସଂଗ୍ରାମ କୁମାର ସାହୁ, ଆଦିତ୍ୟ ବିର୍ଲା କମ୍ପାନୀ ସି ଏସ ଆର ମ୍ୟାନେଜର ଦୀପ୍ତି ମୟୀ ମିଶ୍ର ପ୍ରମୁଖ ଯୋଗ ଦେଇ ଶୁଭ ଉଦଘାଟନ କରିଥିଲେ। ବିଶେଷ କରି ଗ୍ରାମୀଣ ମହିଳା ମାନଙ୍କର ଆର୍ଥିକ ବିକାଶ ଜୀବନ ଜୀବିକା ଉନ୍ନତି ଏବଂ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ଏହି ଧିଙ୍ଗିରି ଛତୁ ଉତ୍ପାଦନ କେନ୍ଦ୍ର ଖୋଲାଯାଇଛି। ତେବେ ପ୍ରଥମ ପର୍ଯ୍ୟାୟରେ ୩୦ ଜଣ ମହିଳା ମାନଙ୍କ ଅତିରିକ୍ତ ଆୟ ଦ୍ୱିଗୁଣିତ କରିବା ଲକ୍ଷ୍ୟ ନେଇ ୧ ଶହ ଶଯ୍ୟା ବିଶିଷ୍ଟ ଧିଙ୍ଗିରି ଛତୁ ଉତ୍ପାଦନ କେନ୍ଦ୍ର ଖୋଲାଯାଇଛି । ଏଥିସହ ସେମାନଙ୍କୁ ଛତୁ ଉତ୍ପାଦନ ସମ୍ପର୍କିତ ଏକ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଥିଲା। ସହଯୋଗୀ ସଂସ୍ଥା ସମ୍ବନ୍ଧ ଇଣ୍ଡିଆ ଭୁବନେଶ୍ୱର ପରିଚାଳନା କ୍ରମେ ପ୍ରଶିକ୍ଷକ ଭାବେ ଲକ୍ଷ୍ମଣ କୁମାର ସାହୁ ଯୋଗ ଦେଇ ତାଲିମ ପ୍ରଦାନ କରିଥିଲେ । ସର୍ବୋପରି ସମ୍ପୃକ୍ତ କମ୍ପାନୀ ପ୍ରୋଜେକ୍ଟ ଏରିଆ ମଧ୍ୟରେ ସି ଏସ ଆର ବିଭାଗ ପକ୍ଷରୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦେଇଛନ୍ତି।

ମଧୁବନ ଡକାୟତି ମାମଲାର ପର୍ଦ୍ଦାଫାଶ
ମୁଖ୍ୟ ଅଭିଯୁକ୍ତ ଓ ବଣିଆ ଗିରଫ ଗିରଫ ନଗଦ ଟଙ୍କା ଓ ଅଳଙ୍କାର ଜବତ

ନୟାଗଡ଼,୬।୧୧ :(ମନ୍ଥନ) ନୟାଗଡ଼ ସଦର ଥାନା ଅନ୍ତର୍ଗତ ମଧୁବନ ଗ୍ରାମରେ ଘଟିଥିବା ଚାଞ୍ଚଲ୍ୟକର ଡକାୟତି ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ନୟାଗଡ଼ ସଦର ଥାନାରେ କେସ୍ ନଂ- ୨୬୦/୨୦୨୬, ଧାରା- ୩୧୦(୨) ରେ ମାମଲା ରୁଜୁ ହୋଇଥିଲା। ନୟାଗଡ଼ ସଦର ଥାନାରେ ଅନୁଷ୍ଠିତ ପ୍ରେସମିଟ୍‌ରେ ଭାରପ୍ରାପ୍ତ ଡିଏସପି ସୁଦୀପ୍ତ ସାହୁ ଏବଂ ସଦର ଥାନା ଆଇସି ପ୍ରିୟତମା ପ୍ରଧାନ ଗଣମାଧ୍ୟମକୁ ସବିଶେଷ ସୂଚନା ଦେଇଛନ୍ତି।ଗତ ଅକ୍ଟୋବର ୨୮ ଏବଂ ୨୯ ତାରିଖ ମଧ୍ୟରାତ୍ରିରେ ମଧୁବନ ଗାଁର ଶରତ ସାହୁଙ୍କ ପରିବାର ଲୋକେ ଶୋଇଥିବା ସମୟରେ ୫ ଜଣ ଦୁର୍ବୃତ୍ତ ପଛପଟ କବାଟ ଓ ଗ୍ରିଲ୍ ଭାଙ୍ଗି ଘର ଭିତରେ ପ୍ରବେଶ କରିଥିଲେ। ଦୁର୍ବୃତ୍ତମାନେ ପରିବାର ସଦସ୍ୟଙ୍କୁ ମରଣାନ୍ତକ ଆକ୍ରମଣ କରି ଗୁରୁତର ଆହତ କରିବା ସହ ଘରୁ ସୁନା, ରୂପା ଅଳଙ୍କାର, ନଗଦ ୪୫,୦୦୦/- ଟଙ୍କା ଏବଂ ୨ଟି ମୋବାଇଲ୍ ଫୋନ୍ ଲୁଟି ନେଇଥିଲେ। ପୋଲିସ ପାଟ୍ରୋଲିଂ ଓ ସିସିଟିଭି ଫୁଟେଜ୍ ଆଧାରରେ ବାଲୁଗାଁ ବଜାରରୁ ମୁଖ୍ୟ ଅଭିଯୁକ୍ତ ଓଡଗାଁ ଥାନା



ଅନ୍ତର୍ଗତ କୁରାଳ ଗ୍ରାମର ଗୁଣ୍ଡା ଅ ଆକାଶ ନାଏକ (୨୫) ଙ୍କୁ ଅଟକ ରଖି ଜେରା କରିବା ପରେ ଘଟଣା ସାମ୍ନାକୁ ଆସିଥିଲା।ତାଙ୍କ ସ୍ୱୀକାରୋକ୍ତି ଆଧାରରେ ଚୋରି ସାମଗ୍ରୀ କିଣିଥିବା ବଣିଆ ରାଜଗୋପାଳ ଆଚାର୍ଯ୍ୟ (୪୦) ଶରଣକୁଳ ଭିକାରୀପଢ଼ା, ମୂଳ ଘର ଗଞ୍ଜାମ)ଙ୍କୁ ମଧ୍ୟ ପୋଲିସ ଗିରଫ କରିଛି।ଏହି ଘଟଣାରେ ସଂପୃକ୍ତ ଅନ୍ୟ ଦୁଇ ଜଣ ଅଭିଯୁକ୍ତ— ରକେଟ୍ ଅସନ୍ତୋଷ ନାଏକ ଏବଂ ସୁନୀଲ ଦଳେଇ ଉଭୟ ଶରଣକୁଳ— ଏକ ସ୍ୱତନ୍ତ୍ର ଡକାୟତି ମାମଲାରେ ଭୁବନେଶ୍ୱରର ଖାରବେଳନଗର ଥାନା ପୋଲିସ ଦ୍ୱାରା ପୂର୍ବରୁ ଗିରଫ ହୋଇ କୋର୍ଟ ଚାଲାଣ ହୋଇସାରିଛନ୍ତି।ଅଭିଯୁକ୍ତମାନଙ୍କଠାରୁ ପୋଲିସ ନଗଦ ୪୦,୦୦୦/- ଟଙ୍କା ଏକ ଯୋଡ଼ା ସୁନା ଝରା (କାନଫୁଲ) ଓ ୪ଟି ସୁନା ମୁଦି (କିଛି ଅଂଶ ତରଳାଇ ଦିଆଯାଇଥିବା ଅସ୍ଥାରେ)ଏକ ଯୋଡ଼ା ରୂପା ପାଉଁଜି ଓ ଗୋଟିଏ ରୂପା ଅଣ୍ଟା ଝୁଲାଗୋଟିଏ ଭଙ୍ଗା ହାତଘଡ଼ି ଏବଂ ଏକ ବାଇକ୍ (ନଂ- ଓଡି-୦୫-କ୍ୟୁ-୭୪୦୨)ଗିରଫ ମୁଖ୍ୟ ଅଭିଯୁକ୍ତ ଓ ବଣିଆଙ୍କୁ କୋର୍ଟ ଚାଲାଣ କରାଯାଇ ବିଚାରବିଭାଗୀୟ ହାଜତକୁ ପଠାଯାଇଛି। ଫେରାର ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଭୁବନେଶ୍ୱର, ନୟାଗଡ଼ ଓ ଆଖପାଖ ଅଞ୍ଚଳରେ ପୋଲିସର ଚଢ଼ାଉ ଜୋରଦାର କରାଯାଇଛି।

ଶନିବାର ୦୭ ନଭେମ୍ବର, ୨୦୨୬, ଭୁବନେଶ୍ୱର

Saturday November 07, 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

କୋଟିଆରେ ମତଦାନ ବୃଦ୍ଧି ଓଡ଼ିଶା ପ୍ରଶାସନ ପାଇଁ କଡ଼ା ଚେତାବନୀ

ସୌଭାଗ୍ୟ ରଞ୍ଜନ ମହାନ୍ତି

କୋଟିଆର ମାଟି କେବଳ ଏକ ଭୌଗୋଳିକ ଅଞ୍ଚଳ ନୁହେଁ, ଏହା ଓଡ଼ିଶାର ଆତ୍ମସମ୍ମାନ, ଭାଷା, ସଂସ୍କୃତି, ପ୍ରଶାସନିକ ଅଧିକାର ଓ ସୀମା ସୁରକ୍ଷାର ଏକ ଜ୍ୱଳନ୍ତ ପ୍ରତୀକ । ଦଶନ୍ଧି ଦଶନ୍ଧି ଧରି ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଚାଲିଥିବା ସୀମା ବିବାଦ ଏହି ଅଞ୍ଚଳକୁ ରାଜନୈତିକ ଘୋଷଣା, ପ୍ରଶାସନିକ ପ୍ରତିଶ୍ରୁତି ଓ ଆଇନଗତ ଲଢେଇର ଏକ ଅନନ୍ତ କ୍ଷେତ୍ରରେ ପରିଣତ କରିଛି । କିନ୍ତୁ ନଭେମ୍ବର ୫ ତାରିଖରେ ଆନ୍ଧ୍ରପ୍ରଦେଶର ସ୍ଥାନୀୟ ନିର୍ବାଚନ ସମୟରେ କୋଟିଆ ଅଞ୍ଚଳର କିଛି ଗ୍ରାମବାସୀ ଆନ୍ଧ୍ରପ୍ରଦେଶରେ ଯାଇ ମତଦାନ କରିବା ଏବଂ ପୂର୍ବ ନିର୍ବାଚନ ତୁଳନାରେ ମତଦାନ ହାର ବୃଦ୍ଧି ପାଇଥିବା ଖବର ଓଡ଼ିଶା ସରକାରଙ୍କ ପାଇଁ ଏକ ଗଭୀର ଆତ୍ମସମୀକ୍ଷାର ବିଷୟ ହେବା ଉଚିତ । ଏହାକୁ କେବଳ କିଛି ଲୋକଙ୍କ ମତଦାନ ବୋଲି ହାଲୁକା ଭାବେ ନେବା ରାଜନୈତିକ ଆତ୍ମପ୍ରବଞ୍ଚନା ହେବ । ଉପଲବ୍ଧ ସମ୍ବାଦ ଅନୁସାରେ, ୨୦୨୧ରେ ସେହି ଅଞ୍ଚଳରେ ମତଦାନ ହାର ୨୩.୦୪ ପ୍ରତିଶତ ଥିବାବେଳେ ଚଳିତ ନିର୍ବାଚନରେ ଏହା ୩୧.୫୮ ପ୍ରତିଶତକୁ ପହଞ୍ଚିଥିବା ରିପୋର୍ଟ ପ୍ରକାଶ ପାଇଛି । ପ୍ରାୟ ୮୫୦ଟି ମତଦାନ ହୋଇଥିବା ନେଇ ମଧ୍ୟ ଖବର ଆସିଛି । ଏହି ସଂଖ୍ୟା କେବଳ ଏକ ନିର୍ବାଚନୀ ହିସାବ ନୁହେଁ; ଏହା ଓଡ଼ିଶାର ପ୍ରଶାସନିକ ପହଞ୍ଚ, ସ୍ଥାନୀୟ ଲୋକଙ୍କ ଆସ୍ଥା ଏବଂ ସୀମାନ୍ତ ଅଞ୍ଚଳରେ ରାଜ୍ୟର ପ୍ରଭାବ ସମ୍ପର୍କରେ ଅନେକ ପ୍ରଶ୍ନ ଉଠାଉଛି ।

ପ୍ରଥମ ପ୍ରଶ୍ନ ହେଉଛି, ଯଦି କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଂଶ ବୋଲି ସରକାରଙ୍କ ଦୃଢ଼ ଦାବି, ଯଦି ଏହି ଅଞ୍ଚଳର ଲୋକଙ୍କ ହୃଦୟରେ ଓଡ଼ିଶା ପ୍ରତି ଅତୁଟ ଆସ୍ଥା ରହିଛି, ତେବେ ଆନ୍ଧ୍ରପ୍ରଦେଶର ନିର୍ବାଚନରେ ମତଦାନ କରିବାକୁ ଲୋକେ କାହିଁକି ଯାଉଛନ୍ତି ? ଏହାର ଉତ୍ତର କେବଳ ପୁଲିସର ନିୟୋଜନ, ରାସ୍ତାରେ ବ୍ୟାରିକେଡ୍ ? ନିର୍ମାଣ କିମ୍ବା ନିଷେଧାଦେଶ ଜାରି କରିବା ମଧ୍ୟରେ ଖୋଜିଲେ ହେବ ନାହିଁ । ଏହାର ଉତ୍ତର ଖୋଜିବାକୁ ହେବ ଗ୍ରାମବାସୀଙ୍କ ନୈନ୍ଦିନ ଜୀବନରେ, ସେମାନଙ୍କ ପିଲାଙ୍କ ଶିକ୍ଷାରେ, ରୋଗୀଙ୍କ ଚିକିତ୍ସାରେ, ପାନୀୟ ଜଳରେ, ରାସ୍ତାଘାଟରେ, ଜୀବିକାରେ ଏବଂ ସରକାରୀ ସେବା ପାଇବାର ସୁବିଧାରେ । ସୀମାନ୍ତରେ ରାଜ୍ୟର ଉପସ୍ଥିତି କେବଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଆଦେଶରେ ପ୍ରମାଣିତ ହୁଏ ନାହିଁ; ଲୋକଙ୍କ ଘରଦୁଆରରେ ସରକାରୀ ସେବା ପହଞ୍ଚିଲେ ହିଁ ତାହାର ପ୍ରକୃତ ପରିଚୟ ମିଳେ । ଯେଉଁ ରାଜ୍ୟ ନିଜ ନାଗରିକଙ୍କୁ ନିଜ ପାଖରେ ରଖିବାକୁ ଚାହେଁ, ସେହି ରାଜ୍ୟକୁ ପ୍ରଥମେ ସେମାନଙ୍କ ଜୀବନରେ ନିଜର ଉପସ୍ଥିତି ଅନୁଭବ କରାଇବାକୁ ପଡ଼ିବ । ମନେ ରଖିବାକୁ ହେବ, ଜଣେ ଗ୍ରାମବାସୀଙ୍କ ପାଇଁ ରାଜ୍ୟର ପରିଚୟ କୌଣସି ରାଜନୈତିକ ଭାଷଣ ନୁହେଁ; ତାଙ୍କ ପିଲାକୁ ଭଲ ବିଦ୍ୟାଳୟ ମିଳୁଛି କି ନାହିଁ, ତାଙ୍କ ଘରକୁ ପିଇବା ପାଣି ପହଞ୍ଚୁଛି କି ନାହିଁ, ଅସୁସ୍ଥ ହେଲେ ଡାକ୍ତରଖାନା ଯିବାକୁ କେତେ ଦୂର ଚାଲିବାକୁ ପଡୁଛି, ତାଙ୍କ ଫସଲର ଉଚିତ ମୂଲ୍ୟ ମିଳୁଛି କି ନାହିଁ ଏବଂ ତାଙ୍କ ଅଭିଯୋଗ ଶୁଣିବାକୁ ଅଧିକାରୀ ତାଙ୍କ ଗାଁକୁ ଆସୁଛନ୍ତି କି ନାହିଁ—ଏହି ସବୁ ହେଉଛି ତାଙ୍କ ପାଇଁ ଶାସନର ପ୍ରକୃତ ମାପକାଠି । ଏହି ମାପକାଠିରେ ଯଦି ଓଡ଼ିଶା ପଛରେ ରହିଯାଏ, ତେବେ କେବଳ ସୀମାରେ ପୁଲିସ ବଢ଼ାଇ ରାଜ୍ୟର ଅଧିକାରକୁ ଲୋକଙ୍କ ମନରେ ଦୃଢ଼ କରିହେବ ନାହିଁ । ଚଳିତ ଘଟଣାରେ ଓଡ଼ିଶା ପ୍ରଶାସନ ଯେଉଁ ସୁରକ୍ଷା ବ୍ୟବସ୍ଥା କରିଥିଲା, ତାହାକୁ ଅଣଦେଖା କରିବା ଠିକ୍ ? ହେବ ନାହିଁ । ସମ୍ବାଦ ଅନୁସାରେ, କୋଟିଆ ଅଞ୍ଚଳରେ ପ୍ରାୟ ୧୫ ପ୍ଲାଟୁନ୍ ? ସୁରକ୍ଷାବଳ, ଅନେକ ମାଜିଷ୍ଟ୍ରେଟ୍ ? ଓ ଅଧିକାରୀ ନିୟୋଜିତ ହୋଇଥିଲେ; ବିଭିନ୍ନ ସ୍ଥାନରେ ଯାଞ୍ଚ ବ୍ୟବସ୍ଥା ଓ ବ୍ୟାରିକେଡ୍ ? କରାଯାଇଥିଲା । ଆନ୍ଧ୍ରପ୍ରଦେଶ ପକ୍ଷରୁ ନେରେଡିଭାଲସାରେ ମତଦାନ କେନ୍ଦ୍ର ସ୍ଥାପନ ଉଦ୍ୟମକୁ ଓଡ଼ିଶା ପ୍ରଶାସନ ବିରୋଧ କରିଥିଲା ଏବଂ ପରେ ମତଦାନ କେନ୍ଦ୍ରକୁ ଆନ୍ଧ୍ରପ୍ରଦେଶ ସୀମା ଭିତରେ ଥିବା ସାରିକି ଗ୍ରାମକୁ ସ୍ଥାନାନ୍ତର କରାଯାଇଥିଲା । ଏହା ଓଡ଼ିଶା ପ୍ରଶାସନର ଏକ ପ୍ରଶାସନିକ ସଫଳତା ଭାବେ ଦେଖାଯାଇପାରେ । କିନ୍ତୁ ମତଦାନ କେନ୍ଦ୍ର ସ୍ଥାନାନ୍ତର ହେବା ଓ ସୀମାନ୍ତବାସୀଙ୍କ ମନରେ ଓଡ଼ିଶା ପ୍ରତି ଅଟଳ ଆସ୍ଥା ସୃଷ୍ଟି ହେବା ଦୁଇଟି ଭିନ୍ନ ବିଷୟ । ପ୍ରଥମଟି ପ୍ରଶାସନିକ ପଦକ୍ଷେପ; ଦ୍ୱିତୀୟଟି ଦୀର୍ଘକାଳୀନ ଜନସମ୍ପର୍କ, ଉନ୍ନୟନ ଓ ବିଶ୍ୱାସର ପରିଣାମ । ଆନ୍ଧ୍ରପ୍ରଦେଶର ନିର୍ବାଚନୀ କାର୍ଯ୍ୟକଳାପକୁ ରୋକିବା ପାଇଁ ଯେତିକି ତତ୍ପରତା ଦେଖାଗଲା, ସେହି ତତ୍ପରତା ଯଦି ବର୍ଷର ସମସ୍ତ ଦିନ ଗ୍ରାମବାସୀଙ୍କ ସମସ୍ୟା ସମାଧାନରେ ଦେଖାଯାଇଥାନ୍ତା, ତେବେ ଆଜି ଏପରି ପ୍ରଶ୍ନ ଉଠିବାର ଅବକାଶ କମ୍ ? ଥାଆନ୍ତା । ଏଠାରେ ସରକାରଙ୍କୁ ଏକ ସ୍ପଷ୍ଟ ପ୍ରଶ୍ନ ପଚାରିବାକୁ ହେବ—ନିର୍ବାଚନ ଘୋଷଣା ହେବା ପରେ ଯେଉଁ ଅଧିକାରୀମାନେ ଦିନରାତି କୋଟିଆରେ ଡେରା ପକାଇଲେ, ସେମାନେ ଏହା ପୂର୍ବରୁ କେତେଥର ଗ୍ରାମବାସୀଙ୍କ ଦୁଆରକୁ ଯାଇଥିଲେ ? କେତେ ଗ୍ରାମରେ ସ୍ଥାୟୀ ଭାବେ ସରକାରୀ ସେବା ପହଞ୍ଚିଛି ? କେତେ ଯୁବକଙ୍କୁ ରୋଜଗାର ମିଳିଛି ? କେତେ ଚାଷୀଙ୍କୁ ଉଚିତ ବଜାର ସୁବିଧା ମିଳିଛି ? କେତେ ପରିବାରର ସ୍ୱାସ୍ଥ୍ୟ ଓ ଶିକ୍ଷା ସମସ୍ୟାର ସ୍ଥାୟୀ ସମାଧାନ ହୋଇଛି ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ନଦେଇ କେବଳ ନିର୍ବାଚନ ଦିନର ସୁରକ୍ଷା ବ୍ୟବସ୍ଥାକୁ ସଫଳତାର ମୁକୁଟ ପିନ୍ଧାଇବା ଲୋକଙ୍କ ଆଖିରେ ଧୂଳି ଦେବା ସହ ସମାନ । ଆଉ ଏକ ଗୁରୁତର ପ୍ରସଙ୍ଗ ହେଉଛି, ଦଶନ୍ଧି ଧରି ଏହି ସୀମା ବିବାଦର ସ୍ଥାୟୀ ସମାଧାନ ହୋଇପାରିନାହିଁ । କୋଟିଆ ଗ୍ରାମପଞ୍ଚାୟତରେ ୨୮ଟି ଗ୍ରାମ ଥିବାବେଳେ ସେଥିରୁ ୨୧ଟି ଗ୍ରାମକୁ ନେଇ ଉଭୟ ରାଜ୍ୟର ଦାବି ରହିଛି । ଏହି ବିବାଦ ଦୀର୍ଘଦିନ ଧରି ନ୍ୟାୟିକ ଓ ପ୍ରଶାସନିକ ସ୍ତରରେ ଚାଲିଆସୁଛି । ୨୦୦୬ରେ ସର୍ବୋଚ୍ଚ ନ୍ୟାୟାଳୟ ଉଭୟ ରାଜ୍ୟକୁ ସ୍ଥିତାବସ୍ଥା ବଜାୟ ରଖିବାକୁ କହିଥିବା ସମ୍ପର୍କରେ ଖବର ପ୍ରକାଶ ପାଇଛି । ଓଡ଼ିଶା ପକ୍ଷରୁ ୨୦୨୨ ଜାନୁଆରିରେ ଦାଖଲ ହୋଇଥିବା ମାମଲା ମଧ୍ୟ ବିଚାରାଧୀନ ରହିଛି । ଏପରି ସ୍ଥିତିରେ ଆନ୍ଧ୍ରପ୍ରଦେଶର ନିର୍ବାଚନୀ ପଦକ୍ଷେପକୁ ନେଇ ଓଡ଼ିଶାର ଆପତ୍ତି ଗମ୍ଭୀର ଓ ଯୁକ୍ତିସଙ୍ଗତ । କିନ୍ତୁ ଆପତ୍ତି ଜଣାଇବା ମାତ୍ରେ ଦାୟିତ୍ୱ ସରିଯାଏ ନାହିଁ । ଏହି ବିବାଦର ଆଇନଗତ, ରାଜନୈତିକ ଓ ପ୍ରଶାସନିକ ସମାଧାନ ପାଇଁ ରାଜ୍ୟ ସରକାରଙ୍କୁ ନିରନ୍ତର ଚେଷ୍ଟା କରିବାକୁ ପଡ଼ିବ । କେବଳ ନିର୍ବାଚନ ସମୟରେ ରାଜନୈତିକ ଦଳମାନେ ଏକାଠି ହେବା ଯଥେଷ୍ଟ ନୁହେଁ; ସେମାନେ ସ୍ଥାୟୀ ସମାଧାନ ପାଇଁ ଏକ ସାଧାରଣ ରାଜ୍ୟସ୍ତରୀୟ ରଣନୀତି ଗଢ଼ିବା ଆବଶ୍ୟକ । କୋଟିଆକୁ ନେଇ ଦଳୀୟ ଶ୍ରେୟ ନେବାର ପ୍ରତିଯୋଗିତା ଓଡ଼ିଶାର ସ୍ୱାର୍ଥକୁ ଦୁର୍ବଳ କରିବ । ଏହି ପ୍ରସଙ୍ଗରେ ଶାସକ ଓ ବିରୋଧୀ ଉଭୟଙ୍କ ଦାୟିତ୍ୱ ରହିଛି । ପୂର୍ବତନ ସରକାରଙ୍କ ସମୟରେ କେଉଁ କାମ ଅଧାରେ ରହିଗଲା, କେଉଁଠି ପ୍ରଶାସନିକ ଅବହେଳା ହେଲା, କେଉଁ ଯୋଜନା କାଗଜରେ ସୀମିତ ରହିଲା—ତାହାର ହିସାବ ନିଶ୍ଚୟ ହେବା ଦରକାର । କିନ୍ତୁ ନୂଆ ସରକାର ଦାୟିତ୍ୱ ନେବା ପରେ ପୂର୍ବତନ ସରକାରଙ୍କୁ ଦୋଷ ଦେଇ ନିଜ ଦାୟିତ୍ୱରୁ ମୁକ୍ତ ହୋଇପାରିବ ନାହିଁ । ଆଜି ଶାସନରେ ଥିବା ସରକାରଙ୍କୁ ହିଁ ଲୋକଙ୍କ ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ । ନିର୍ବାଚନ ଦିନ ପୁଲିସ ନିୟୋଜନ କରିବା ଯେପରି ସରକାରଙ୍କ ଦାୟିତ୍ୱ, ସେହିପରି ପ୍ରତିଦିନ ଗ୍ରାମବାସୀଙ୍କୁ ସୁରକ୍ଷା, ସେବା ଓ ସମ୍ମାନ ଦେବା ମଧ୍ୟ ସରକାରଙ୍କ ଦାୟିତ୍ୱ । ମନ୍ତ୍ରୀଙ୍କ ପକ୍ଷରୁ ଆନ୍ଧ୍ରପ୍ରଦେଶର ଉଦ୍ୟମ ବିଫଳ ହୋଇଥିବା ଦାବି କରାଯାଇଛି । ଏହା ସରକାରଙ୍କ ମତ; କିନ୍ତୁ ଅନ୍ୟପଟେ ମତଦାନ ହାର ବୃଦ୍ଧି ଓ କିଛି କୋଟିଆବାସୀଙ୍କ ଆନ୍ଧ୍ରପ୍ରଦେଶରେ ଭୋଟ ଦେବା ଘଟଣା ମଧ୍ୟ ସାମ୍ନାକୁ ଆସିଛି । ତେଣୁ ଏକପକ୍ଷୀୟ ବିଜୟ ଘୋଷଣା କରିବା ପରିବର୍ତ୍ତେ ? ସରକାରଙ୍କୁ ସମସ୍ତ ତଥ୍ୟ ସାର୍ବଜନୀନ କରିବା ଉଚିତ । କେତେ ଲୋକ ମତଦାନ କଲେ, ସେମାନେ କେଉଁ ଗ୍ରାମର, କେଉଁ ପରିସ୍ଥିତିରେ ଗଲେ, ଦ୍ୱ ?ତ ଭୋଟର ପରିଚୟପତ୍ର ସମସ୍ୟା କେତେ ରହିଛି, ଏବଂ ଏହାର ଆଇନଗତ ସ୍ଥିତି କ'ଣ—ଏହି ସବୁ ପ୍ରଶ୍ନର ନିରପେକ୍ଷ ଯାଞ୍ଚ ହେବା ଦରକାର । ଯେଉଁ ଗ୍ରାମବାସୀ ଆନ୍ଧ୍ରପ୍ରଦେଶରେ ଭୋଟ ଦେଇଛନ୍ତି, ସେମାନଙ୍କୁ ଦେଶଦ୍ରୋହୀ କିମ୍ବା ଓଡ଼ିଶାବିରୋଧୀ ବୋଲି ଅଭିହିତ କରିବା ଅତ୍ୟନ୍ତ ଅନୁଚିତ । ଲୋକଙ୍କୁ ଦୋଷ ଦେବା ସହଜ; କିନ୍ତୁ ସେମାନଙ୍କ ଏପରି ନିଷ୍ପତ୍ତି ପଛରେ ଥିବା କାରଣ ବୁଝିବା ହିଁ ପ୍ରଶାସନର ପ୍ରକୃତ ପରୀକ୍ଷା । ଯଦି କୌଣସି ଲୋକ ଚାପ, ପ୍ରଲୋଭନ କିମ୍ବା ଭୟରେ ମତଦାନ କରିଥାନ୍ତି, ତେବେ ତାହାର ତଦନ୍ତ ହେଉ; କିନ୍ତୁ ଯଦି ସେମାନେ ନିଜ ଇଚ୍ଛାରେ ଯାଇଥାନ୍ତି, ତେବେ ସେମାନଙ୍କ ଆବଶ୍ୟକତା ଓ ଅଭିଯୋଗ ଶୁଣିବାକୁ ପଡ଼ିବ । ଗଣତନ୍ତ୍ରରେ ମତଦାନ ଜଣେ ନାଗରିକଙ୍କ ଅଧିକାର । ଏହି ଅଧିକାରର ଆଇନଗତ ସୀମା ଓ ଦ୍ୱ ?ତ ପରିଚୟପତ୍ରର ପ୍ରଶ୍ନ ନିର୍ବାଚନ କର୍ତ୍ତୃପକ୍ଷ ଓ ନ୍ୟାୟିକ ବ୍ୟବସ୍ଥା ଦ୍ୱାରା ସ୍ପଷ୍ଟ ହେବା ଦରକାର । ଲୋକଙ୍କୁ ଧମକ ଦେଇ, ରାସ୍ତା ଅବରୋଧ କରି କିମ୍ବା ଗାଁକୁ ଭୟର ପରିବେଶରେ ରଖି ରାଜ୍ୟ ପ୍ରତି ଆସ୍ଥା ଜିତିହେବ ନାହିଁ । ଆସ୍ଥା ଜିତିବାକୁ ହେଲେ ସେମାନଙ୍କୁ ସମ୍ମାନ ଦେବାକୁ ପଡ଼ିବ । ଏହି ଘଟଣାର ସବୁଠାରୁ ବଡ଼ ଶିକ୍ଷା ହେଉଛି, ସୀମାନ୍ତ ଅଞ୍ଚଳରେ ଶାସନର ଉପସ୍ଥିତି ନିର୍ବାଚନ ଦିନରେ ନୁହେଁ, ବର୍ଷର ପ୍ରତ୍ୟେକ ଦିନ ପ୍ରମାଣିତ ହେବା ଦରକାର । ଆନ୍ଧ୍ରପ୍ରଦେଶ ଯଦି ଲୋକଙ୍କୁ ନିଜ ପ୍ରଶାସନିକ ପରିଧିରେ ଆଣିବା ପାଇଁ ଯୋଜନା କରୁଛି, ତେବେ ଓଡ଼ିଶାକୁ ତାହାଠାରୁ ଅଧିକ ଦୃଢ଼, ମାନବିକ ଓ ଦୂରଦର୍ଶୀ ଯୋଜନା ନେବାକୁ ପଡ଼ିବ । (କ୍ରମଶଃ)

ଓଡ଼ିଶାର କାର୍ବନ ସଙ୍କଟ ଓ ସମାଧାନ ଚିନ୍ତା

୧୯୯୦ ଦଶକରେ ସମଗ୍ର ପୃଥିବୀର ଜିଡିପି ଥିଲା ମାତ୍ର ପାଖାପାଖି ୨୩ ଟ୍ରିଲିଅନ ଡଲାର । ଆଜି ତାହା ପ୍ରାୟ ୧୧୫ ଟ୍ରିଲିଅନ ଡଲାରକୁ ବୃଦ୍ଧି ପାଇଛି । ସାଢେ ତିନି ଦଶନ୍ଧି ଭିତରେ ବିଶ୍ୱର ଜିଡିପି ଛଅଗୁଣ ବଢ଼ିଲା କିପରି ପ୍ରଶ୍ନ କଲେ ଉତ୍ତର ମିଳିବ ଯେ ତାହା ପୃଥିବୀର ବେଧଡ଼କ୍ ବିନାଶ ଦ୍ୱାରା ସମ୍ଭବ ହୋଇଛି । ଅର୍ଥନୀତିଜ୍ଞ ବନ୍ଧୁମାନେ କୁହନ୍ତି ଯେ ପୃଥିବୀର ସମୁଦାୟ ଜିଡିପିର ୪୦% ପ୍ରକୃତିରୁ ଆସେ । ଏହା ସଂପୂର୍ଣ୍ଣ ଭୁଲ୍ କଥା, କାରଣ ସବୁକିଛି ପ୍ରକୃତିରୁ ହିଁ ଆମେ ଆହରଣ କରୁ । ଆମେ ପିନ୍ଧୁଥିବା ପୋଷାକରୁ ଆରମ୍ଭ କରି ଆଖପାଖରେ ଥିବା ଯାବତୀୟ ସାମଗ୍ରୀ ପ୍ରକୃତିରୁ ହିଁ ଆମକୁ ମିଳିଥାଏ । ଜିଡିପି ଅଭିବୃଦ୍ଧି ଯେ ବିକାଶ ଆଣେ, ତାହା ମଣିଷଙ୍କ କ୍ଷେତ୍ରରେ ସତ ହୋଇପାରେ, କିନ୍ତୁ ପ୍ରକୃତି ପାଇଁ ତାହା ସତ ନୁହେଁ । ଆଉ ଯାହା ପ୍ରକୃତି ଲାଗି ଉପଯୁକ୍ତ ନୁହେଁ, ତାହା ଶେଷରେ ମଣିଷ ସମେତ ଅନ୍ୟ ସମସ୍ତ ପ୍ରାଣୀଙ୍କୁ ମଧ୍ୟ ପ୍ରଭାବିତ କରିବ । ତେଣୁ ବିକାଶର ଅର୍ଥ ଅଧିକ ଉତ୍ପାଦନ, ଅଧିକ ଶିଳ୍ପ ଓ ଅଧିକ ଆୟ ନୁହେଁ; ପ୍ରକୃତିର ସନ୍ତୁଳନ ରକ୍ଷା କରି ଆଗକୁ ବଢ଼ିବା ହିଁ ପ୍ରକୃତ ବିକାଶ ।ଓଜୋନ ସ୍ତରର ସୁରକ୍ଷା ପାଇଁ ୧୯୮୭ରେ ସ୍ୱାକ୍ଷରିତ ମଣ୍ଟ୍ରିଲ୍ ପ୍ରୋଟୋକଲ ବିଶ୍ୱ ସହଯୋଗର ଏକ ଐତିହାସିକ ଉଦାହରଣ । ବୈଜ୍ଞାନିକମାନେ ଓଜୋନ ସ୍ତରର କ୍ଷୟ ଓ ଅତିବାଇଗଣି ରଶ୍ମିର ବିପଦ ସମ୍ପର୍କରେ ସତର୍କ କରିବା ପରେ ବିଶ୍ୱର ଦେଶଗୁଡ଼ିକ ଏକାଠି ହୋଇଥିଲେ । କୂଟନୀତିଜ୍ଞ ଓ ରାଜନେତାଙ୍କ ପଦକ୍ଷେପ ପୂର୍ବରୁ ବୈଜ୍ଞାନିକଙ୍କ ଚେତାବନୀ ହିଁ ଏହି ପରିବର୍ତ୍ତନର ଆଧାର ହୋଇଥିଲା । ପରେ ୨୦୧୬ର କିଗାଲି ସଂଶୋଧନ ମାଧ୍ୟମରେ ଜଳବାୟୁ ଉତ୍ତାପ ବଢ଼ାଉଥିବା 'ଏଚ୍‌ଏଫ୍‌ସି' ଗ୍ୟାସ୍‌ର ବ୍ୟବହାର ହ୍ରାସ ପାଇଁ ପଦକ୍ଷେପ ନିଆଗଲା । ଏହି ପ୍ରକରଣରୁ ମିଳିଥିବା ଶିକ୍ଷାଟି ହେଉଛି- ବିଜ୍ଞାନର କଥା ଶୁଣିଲେ ଏବଂ ମାନବ ସ୍ୱାର୍ଥକୁ ରାଜନୈତିକ ସ୍ୱାର୍ଥରୁ ଊର୍ଦ୍ଧ୍ୱରେ ରଖିଲେ ବିଶ୍ୱସ୍ତରୀୟ ସମସ୍ୟାର ସମାଧାନ ସମ୍ଭବ । କିନ୍ତୁ ଜଳବାୟୁ ପରିବର୍ତ୍ତନ ମାମଲାରେ ଆମେ ଏପର୍ଯ୍ୟନ୍ତ ସେହି ଏକତା ଦେଖାଇପାରିନାହୁଁ । ୧୯୯୨ର ରିଓ ପୃଥିବୀ ଶିଖର ସମ୍ମିଳନୀରୁ ଜଳବାୟୁ ପରିବର୍ତ୍ତନ, ଜୈବ ବିବିଧତା ଓ ମରୁଭୂମୀକରଣ ପାଇଁ ତିନିଟି ପୃଥକ୍ ଆନ୍ତର୍ଜାତିକ ଚୁକ୍ତିର ମୂଳଦୁଆ ପଡ଼ିଥିଲା । ଏହି ସମସ୍ୟାଗୁଡ଼ିକ ପରସ୍ପର ସହ ଓତପ୍ରୋତ ଭାବେ ଯୋଡ଼ି ରହିଥିଲେ ହେଁ ଆମେ ସେଗୁଡ଼ିକୁ ଭିନ୍ନ ଭିନ୍ନ ଭାବରେ ପରିଚାଳନା କରୁଛୁ । ଜଙ୍ଗଲ ନଷ୍ଟ ହେଲେ ଜୈବ ବିବିଧତା କମେ, ମାଟିର ଉର୍ବରତା ହ୍ରାସ ପାଏ ଓ ଜଳବାୟୁ ସନ୍ତୁଳନ ବିଗିଡ଼ିଯାଏ । ଏହା ସତ୍ତ୍ୱେ ପ୍ରଶାସନିକ ଓ ରାଜନୈତିକ ବ୍ୟବସ୍ଥା ପ୍ରକୃତିର ଏହି ଅବିଚ୍ଛିନ୍ନ ସମ୍ପର୍କକୁ ଭାଗ ଭାଗ କରି ଦେଖିଥାଏ । ପ୍ରକୃତିକୁ ବୁଝିବାର ଏହି ପ୍ରବୃତ୍ତି ହିଁ ସମନ୍ୱିତ ସମାଧାନର ପଥରୋଧ କରିଥାଏ । ବିଶ୍ୱ ତାପମାତ୍ରା ବୃଦ୍ଧିର ଭୟାବହତା ଏବେ ଆଉ ଆକଳନରେ ସୀମିତ ନାହିଁ । ୧୮୫୦-୧୯୦୦କୁ ପ୍ରାକ୍-ଶିଳ୍ପାୟନ ଆଧାରବର୍ଷ ଭାବେ ଧରିଲେ ୨୦୨୪ରେ ପୃଥିବୀର ହାରାହାରି ତାପମାତ୍ରା ପ୍ରାୟ ୧.୫୫ ଡିଗ୍ରି ସେଲସିଅସ ଅଧିକ ଥିଲା । ଏହି ବୃଦ୍ଧି ଏ ପର୍ଯ୍ୟନ୍ତ ସ୍ଥାୟୀ ହୋଇ ନଥିଲା, କିନ୍ତୁ ଆସନ୍ତା ବର୍ଷ ସୁଦ୍ଧା ବିଶ୍ୱ ତାପନ ସ୍ଥାୟୀ ଭାବେ ୧.୫ ଡିଗ୍ରି ସେଲସିଅସ ଟପିଯିବ ବୋଲି ଆମକୁ ଦୃଢ଼ ବୈଜ୍ଞାନିକ ସଂକେତ ମିଳିସାରିଛି । ତାପମାତ୍ରା ବୃଦ୍ଧି ସହ ପ୍ରବାଳ ପ୍ରାଚୀରର ବିନାଶ, ସମୁଦ୍ରର ଜଳସ୍ତର ବୃଦ୍ଧି, ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଓ ଅନିୟମିତ ବର୍ଷା ମଣିଷର ଜୀବନକୁ ପ୍ରଭାବିତ କରୁଛି । ପ୍ରବାଳ ପ୍ରାଚୀର ସମୁଦ୍ରର ଅସଂଖ୍ୟ ସାମୁଦ୍ରିକ ଜୀବଙ୍କ ଆଶ୍ରୟ ଓ ଉପକୂଳବର୍ତ୍ତୀ ମତ୍ସ୍ୟଜୀବୀଙ୍କ ଜୀବିକାର ଆଧାର ହୋଇଥିବାରୁ ଏହାର ବିନାଶ ଖାଦ୍ୟ ସୁରକ୍ଷାକୁ ମଧ୍ୟ ବିପଦରେ ପକାଇବ ।ଏହି ବିଶ୍ୱ ସଙ୍କଟ ମଧ୍ୟରେ ଓଡ଼ିଶାର ସ୍ଥିତି ବିଶେଷ ଚିନ୍ତାଜନକ । ଉପଲବ୍ଧ ତଥ୍ୟ ଅନୁସାରେ, ଓଡ଼ିଶାର ମୁଣ୍ଡପିଛା କାର୍ବନ ନିର୍ଗମନ ପ୍ରାୟ ୬.୯ ଟନ୍ ଅଙ୍ଗାରକାମ୍ଳ ସମତୁଲ୍ୟ, ଯେତେବେଳେକି ଜାତୀୟ ହାର ହେଉଛି ପ୍ରାୟ ୨.୮ ଟନ୍ । ରାଜ୍ୟର ଜନସଂଖ୍ୟା ଦେଶର ୩% ହୋଇଥିଲେ ହେଁ ଜାତୀୟ ଅଙ୍ଗାର ନିର୍ଗମନରେ ଓଡ଼ିଶାର ଅବଦାନ ହେଉଛି ୧୦% । ଏହି ପାର୍ଥକ୍ୟର ମୁଖ୍ୟ କାରଣ କୋଇଲାଭିତ୍ତିକ ବିଦ୍ୟୁତ୍ ଉତ୍ପାଦନ, ଇସ୍ପାତ ଶିଳ୍ପ ଓ ଖଣି କାର୍ଯ୍ୟକଳାପ । ଏହି ଶିଳ୍ପଗୁଡ଼ିକ ରୋଜଗାର, ରାଜସ୍ୱ ଓ ଭିତ୍ତିଭୂମି ନିର୍ମାଣରେ ଅବଦାନ ରଖୁଛନ୍ତି, କିନ୍ତୁ ସେମାନଙ୍କର ପରିବେଶୀୟ ମୂଲ୍ୟକୁ ଆମେ କେତେଦିନ ଅଣଦେଖା କରିବା ଏଠାରେ ଏକ ବଡ଼ ଆର୍ଥିକ ଓ ନୈତିକ ପ୍ରଶ୍ନ ରହିଛି । ଉନ୍ନତ ଦେଶଗୁଡ଼ିକ ବହୁ ଦଶନ୍ଧି ଧରି ଅଧିକ କାର୍ବନ ନିର୍ଗମନ କରି ନିଜେ ସମୃଦ୍ଧ ହୋଇଛନ୍ତି । ଐତିହାସିକ ନିର୍ଗମନର ଏହି ଅସମାନତାକୁ ଅଣଦେଖା କରି ଭାରତ ଭଳି ବିକାଶଶୀଳ ଦେଶ ଉପରେ ସମାନ ଦାୟିତ୍ୱ ଲଦିଦେବା ନ୍ୟାୟସଙ୍ଗତ ନୁହେଁ । ତଥାପି ଅତୀତର ଅନ୍ୟାୟକୁ ଦର୍ଶାଇ ବର୍ତ୍ତମାନର ସଙ୍କଟରୁ ମୁକ୍ତି ମିଳିବ ନାହିଁ । ୟୁରୋପୀୟ ସଂଘର 'କାର୍ବନ ବର୍ଡର ଆଡଜଷ୍ଟମେଣ୍ଟ ମେକାନିଜମ୍' (ସିବିଏଏମ୍) ନୀତି ଏଠାରେ ପ୍ରଣିଧାନଯୋଗ୍ୟ । ଇସ୍ପାତ ଭଳି ଉତ୍ପାଦର ଉତ୍ପାଦନ ସମୟରେ ହୋଇଥିବା କାର୍ବନ ନିର୍ଗମନକୁ ଏହା ବାଣିଜ୍ୟିକ ମୂଲ୍ୟ ସହ ଯୋଡୁଛି । ଅର୍ଥାତ୍, ଆମେ ଯେଉଁ ବଜାରକୁ ଉତ୍ପାଦ ରପ୍ତାନି କରିବୁ, ସେଠାରେ କାର୍ବନ ନିର୍ଗମନର ମୂଲ୍ୟ ମଧ୍ୟ ଦେବାକୁ ପଡ଼ିପାରେ । ଏହି ନୂଆ ବାସ୍ତବତାକୁ ଆମେ ଅଣଦେଖା କରିପାରିବା ନାହିଁ । ଭାରତର ଜଳବାୟୁ ଲକ୍ଷ୍ୟ ପୂରଣର ଦାୟିତ୍ୱ ଆଗାମୀ ଦିନରେ ରାଜ୍ୟଗୁଡ଼ିକ ଉପରେ ମଧ୍ୟ ଅଧିକ ଚାପ ସୃଷ୍ଟି କରିପାରେ । ଯେଉଁ ରାଜ୍ୟର ଆୟ ତୁଳନାରେ ନିର୍ଗମନ ଅଧିକ, ସେହି ରାଜ୍ୟ ପାଇଁ ଏହା ଏକ ବଡ଼ ଆର୍ଥିକ ଆହ୍ୱାନ ହେବ । ଓଡ଼ିଶା ଏହି ପରିସ୍ଥିତିକୁ କିପରି ସାମ୍ନା କରିବ ଆମ ଶିଳ୍ପ, ନିଯୁକ୍ତି ଓ ରାଜ୍ୟର ଆର୍ଥିକ ସ୍ଥିରତା ଉପରେ ଏହାର କି ପ୍ରଭାବ ପଡ଼ିବ ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଆଜିଠାରୁ ଖୋଜିବା ଦରକାର । ଏହାର ସମାଧାନ କେବଳ ଶିଳ୍ପ ବନ୍ଦ କରିବାରେ ନିହିତ ନାହିଁ; ବରଂ ବିକାଶର ପଦ୍ଧତି ବଦଳାଇବା ଦରକାର । ଆନ୍ଧ୍ରପ୍ରଦେଶର ସମ୍ପ୍ରଦାୟଭିତ୍ତିକ ଜୈବିକ ଚାଷ କାର୍ଯ୍ୟକ୍ରମ ତା'ର ଏକ ଉଲ୍ଲେଖନୀୟ ଉଦାହରଣ । ଲକ୍ଷ ଲକ୍ଷ ମହିଳା ଚାଷୀଙ୍କ ଅଂଶଗ୍ରହଣ ବଳରେ ସେଠାରେ ରାସାୟନିକ ସାର ଓ କୀଟନାଶକ ଉପରେ ନିର୍ଭରଶୀଳତା କମାଇବା, ମାଟିର ସ୍ୱାସ୍ଥ୍ୟ ରକ୍ଷା କରିବା ଏବଂ ଚାଷକୁ ଜଳବାୟୁ ସହନଶୀଳ କରିବାର ପ୍ରୟାସ ହେଉଛି । ଓଡ଼ିଶାର ବିଶାଳ କୃଷିଜମିରେ ମଧ୍ୟ ସ୍ଥାନୀୟ ଆବଶ୍ୟକତା ଅନୁସାରେ ଏହି ମଡେଲ୍ ପ୍ରୟୋଗ କରାଯାଇପାରେ । କୃଷି ଯଦିଓ ଓଡ଼ିଶାର ନିର୍ଗମନର ପ୍ରମୁଖ ଉତ୍ସ ନୁହେଁ, ତଥାପି ଏହା କାର୍ବନ ହ୍ରାସ ଓ ପରିବେଶ ସୁରକ୍ଷାର ଏକ ବଡ଼ ମାଧ୍ୟମ ହୋଇପାରେ । ଏହି ପରିବର୍ତ୍ତନରେ ଅର୍ଥନୀତି ଓ ନୀତିନିର୍ଦ୍ଧାରଣର ସମ୍ପର୍କକୁ ଭୁଲି ହେବ ନାହିଁ । ଜଳବାୟୁ ସଙ୍କଟର ସମାଧାନ କେବଳ ବୈଜ୍ଞାନିକ ଆଲୋଚନାରେ ସୀମିତ ରହିଲେ ଚଳିବ ନାହିଁ । ଏଥିପାଇଁ ବିଜ୍ଞାନ, ନୀତି ଓ ଅର୍ଥନୀତିର ସମନ୍ୱୟ ଆବଶ୍ୟକ । ଉତ୍ତମ ନୀତି ପ୍ରଣୟନ ହେଲେ ମଧ୍ୟ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ଅର୍ଥ ଓ ସମ୍ବଳ ଦରକାର । ତେଣୁ ଅଙ୍ଗାର ନିର୍ଗମନ ହ୍ରାସକୁ କେବଳ ପରିବେଶୀୟ ଦାୟିତ୍ୱ ଭାବେ ନୁହେଁ, ନୂଆ ନିବେଶ, ନୂଆ ଉଦ୍ୟୋଗ ଓ ନୂଆ ନିଯୁକ୍ତି ସୃଷ୍ଟିର ସୁଯୋଗ ଭାବେ ଦେଖିବାକୁ ହେବ । ଏହି କ୍ଷେତ୍ରରେ ହେନ୍ତାଳ ବଣ ସଂରକ୍ଷଣ, ଅଙ୍ଗାର ଶୋଷଣ ପ୍ରକଳ୍ପ ଓ ସ୍ଥାନୀୟ ସମ୍ପ୍ରଦାୟର ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ । ପରିବେଶ ସୁରକ୍ଷା ଯଦି ସାଧାରଣ ଲୋକଙ୍କ ଆୟ ଓ ଜୀବିକା ସହ ଯୋଡ଼ି ହୋଇପାରିବ, ତେବେ ତାହା ଏକ ସ୍ଥାୟୀ ଜନଆନ୍ଦୋଳନର ରୂପ ନେଇପାରିବ । ଆମ ଇତିହାସ ମଧ୍ୟ ଆମକୁ ଉଦ୍ୟମଶୀଳତାର ଶିକ୍ଷା ଦିଏ । କଳିଙ୍ଗର ସାମୁଦ୍ରିକ ବାଣିଜ୍ୟ, ବାଲିଯାତ୍ରା ଓ ନୌବାଣିଜ୍ୟ ପରମ୍ପରା ଆମ ପୂର୍ବଜଙ୍କ ସାହସ ଓ ନବସୃଜନର ପ୍ରମାଣ । କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇବା ପରମ୍ପରା ଆମ ସାମୁଦ୍ରିକ ଗୌରବର ସ୍ମୃତି । ଆଜି ଆମକୁ ସେହି ଐତିହାସିକ ଉଦ୍ୟମଶୀଳତାକୁ ପରିବେଶ ସୁରକ୍ଷା ଓ ସବୁଜ ଅର୍ଥନୀତି ଗଠନରେ ନିୟୋଜିତ କରିବାକୁ ହେବ ।ଏଥିପାଇଁ ସରକାରଙ୍କ ସହ ଉଦ୍ୟୋଗୀ, ସାମାଜିକ ସଂଗଠନ, ସାମ୍ବାଦିକ ଓ ଯୁବପିଢ଼ି ଆଗକୁ ଆସିବା ଆବଶ୍ୟକ । ଉପକୂଳରେ ହେନ୍ତାଳ ବଣ ସୃଷ୍ଟି, ଜଳାଶୟ ସୁରକ୍ଷା, ଜୈବିକ ଚାଷ ଓ ସ୍ୱଚ୍ଛ ଶକ୍ତିର ପ୍ରସାର ମାଧ୍ୟମରେ ପରିବେଶ ସହ ଲୋକଙ୍କ ଜୀବିକାକୁ ମଧ୍ୟ ସୁରକ୍ଷିତ କରାଯାଇପାରିବ । ସାମ୍ବାଦିକମାନେ କେବଳ ସମସ୍ୟା ଓ ଅଭିଯୋଗକୁ ସାମ୍ନାକୁ ଆଣିବାରେ ସୀମିତ ନ ରହି ନିଜ ଅଞ୍ଚଳରେ ପରିବର୍ତ୍ତନ ଆଣୁଥିବା ଲୋକ ଓ ସଂଗଠନଙ୍କୁ ଚିହ୍ନଟ କରିବା ଆବଶ୍ୟକ । ସେମାନେ ସମାଜର ବିବେକ ହେବା ସହ ପରିବର୍ତ୍ତନର ଅନୁପ୍ରେରକ ମଧ୍ୟ ହୋଇପାରିବେ ।

ମା'କାଳୀ-କରାଳବଦନା

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆମ୍ଭେମାନେ ସାଧାରଣତଃ ମା'କାଳୀଙ୍କର ଯେଉଁ ରୂପ ପୂଜା କରୁ ତାହା ଭୀତିପ୍ରଦକ । ଦେବଦେବ ମହାଦେବଙ୍କ ବକ୍ଷ ଉପରେ ଜିଭ ବାହାରକୁ ରଖି ଦଣ୍ଡାୟମାନ, ଗଳାରେ ନରମୁଣ୍ଡ, ନରହସ୍ତ ନିର୍ମିତ ମେଖଳା ପରିହିତା, ଭୀମଦମନା ଓ ଶିବାପରିବେଷ୍ଟିତା । ତାଙ୍କର ଚାରିଟି ହାତରେ ଖଡ୍ଗ, ନରମୁଣ୍ଡ ଓ ବରାଭୟ । ମା'କାଳୀ ହେଉଛନ୍ତି ଚିର ରହସ୍ୟାବୃତା । ଘୋର ଅମାବାସ୍ୟାର ଗଭୀର ରାତ୍ରିରେ ତାଙ୍କର ପୂଜା ହୁଏ । ନିସ୍ତବ୍ଧ ନିଶୀଥିନୀର ଜଡ଼ନିଦ୍ରାର ଆବରଣ ଭେଦ କରି ଧ୍ୱନିତ ହୁଏ- ''କାଳୀ କରାଳବଦନା, ବିନିଷ୍କ୍ରାନ୍ତାସିପାଶିନି'' । ଏଇ କାଳୀ କିଏ ? କଥିତ ଅଛି ମା'ଦୁର୍ଗା ଦେବୀଙ୍କର ଲଲାଟରୁ ଆବିର୍ଭୂତା ଦେବୀ ବିଶେଷ । ଚଣ୍ଡ ନାମକ ଅସୁରକୁ ବଧ କରିବା ସମୟରେ ମା'ଙ୍କର ମୁଖ କ୍ରୋଧରେ କୃଷ୍ଣବର୍ଣ୍ଣ ହୋଇ ଉଠିଥିଲା । ତାଙ୍କର ଲଲାଟ ଦେଶରୁ କରାଳବଦନା ଅସିପାଶଯୁକ୍ତା ଏଇ ମା'କାଳୀଙ୍କର ଆବିର୍ଭାବ, ଅସତ୍ ବିନାଶାର୍ଥେ ଜିହ୍ୱା ଲଳନ ଭୀଷଣା ଭୟଙ୍କାରୀ ଶ୍ୟାମା ।

ଦୃପ୍ତ ଦାନବଗଣ ଯେତେବେଳେ ପୃଥିବୀରେ ପ୍ରବଳ ହୋଇ ଉଠନ୍ତି, ସତ୍ ଓ ସାଧୁ ବ୍ୟକ୍ତିଗଣ ଯେତେବେଳେ ନିର୍ଯାତିତ ହୁଅନ୍ତି, ଧରଣୀର ସ୍ୱସ୍ତି ଯେତେବେଳେ ବିଡ଼ମ୍ବିତ ଓ ବିଧ୍ୱସ୍ତ ହୁଏ, ସେତେବେଳେ ଜୀବ ଅସ୍ତିତ୍ୱ ରକ୍ଷାର୍ଥେ ଆବିର୍ଭୂତା ହୁଅନ୍ତି ମହାକାଳୀ । ଜୀବନର ଜୀବନଗତି ଯେତେବେଳେ ସ୍ତବ୍ଧ ହୋଇଆସେ, ପ୍ରବୃତ୍ତିର ପାଷାଣ ଚାପରେ ମନମରା ହୋଇ ମନୁଷ୍ୟ ଯେତେବେଳେ ଦିନ କାଟେ, ଆଳସ୍ୟ, ଅବିଶ୍ୱାସ, ଅକୃତଜ୍ଞତା ଓ ଆତ୍ମମ୍ଭରିତାରେ ବୁଡି ଯାଇ ନିଜକୁ ସଙ୍କୁଚିତ କରି ଉଠାଏ, ତାର ଚକ୍ଷୁ ସମ୍ମୁଖରୁ ପଥ ହରିଯାଏ, ସେତେବେଳେ ମା'କାଳୀଙ୍କର ଆରାଧନାର ପ୍ରୟୋଜନ ହୁଏ । କାରଣ ମା'କାଳୀଙ୍କର ବୈଶିଷ୍ଟ୍ୟ ମଧ୍ୟରେ ଅଛି ସକଳ ପ୍ରକାର ନିଥରତା ଅପସାରଣ କରି ଜୀବନରେ ସାତ୍ୱତ ଗତିବେଗ ସଞ୍ଚାରିତ କରିବା । ୧୯୫୬ ସାଲରେ ନଭେମ୍ବର ମାସରେ କାଳୀପୂଜା ଦିନ ସନ୍ଧ୍ୟାରେ ପୁରୁଷୋତ୍ତମ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ନିକଟରେ ଦୀପାବଳୀ ଓ କାଳୀପୂଜା ସମ୍ପର୍କରେ କଥାବାର୍ତ୍ତା ହେଉଥିଲା ସମୟରେ ଶ୍ରୀ ଶ୍ରୀ ଠାକୁର ଦୟାପରବଶ ହୋଇ କହିଲେ - କାଳୀ ମଧ୍ୟରେ କଲ୍ ଧାତୁ ଅଛି । କଲ୍ ଧାତୁର ଅର୍ଥ ଗତି, ଗଣନା, ଶବ୍ଦ ଓ ସଂଖ୍ୟାନ । ମୋର ମନେହୁଏ ମା'କାଳୀ ମାନେ - ସଂଖ୍ୟାୟନୀ ଓ ଗତିସମ୍ପନ୍ନା ଯିଏ, ଅର୍ଥାତ୍ ଗୁଣିତ ହୋଇ ଯିଏ ବର୍ଦ୍ଧନ ଅଭିମୁଖେ ଗତି କରନ୍ତି । କ'ଣ ଗୁଣିତ ହୁଏ । ମା'ଙ୍କର ସତ୍ତା ସମ୍ପଦ ଅର୍ଥାତ୍ ସ୍ନେହ-ମମତା, କଲ୍ୟାଣମୟୀ ପ୍ରକୃତି, ସତ୍ତାସଂଘାତୀ ଶକ୍ତି ବିରୁଦ୍ଧରେ ପରାକ୍ରମ ଗୁଣିତ ହୋଇ ବୃଦ୍ଧିପ୍ରାପ୍ତ ହୁଏ । ଯେଉଁମାନେ ମା'କାଳୀଙ୍କୁ ପୂଜା କରନ୍ତି ଓ ଭଲ ପାଆନ୍ତି, ସେମାନଙ୍କ ଭିତରେ ଏହି ସବୁ ଗୁଣ ବୃଦ୍ଧିପାଏ ଓ ଅନ୍ତରରେ ମହାଶକ୍ତିର ଜାଗରଣ ଘଟେ ।

ମା'କାଳୀଙ୍କୁ ଶକ୍ତି ରୂପେ ପୂଜା କରାଯାଏ । ଯେଉଁମାନେ ଶକ୍ତିର ଉପାସନା କରନ୍ତି, ସେମାନେ ଶାକ୍ତ ଭାବରେ ପରିଚିତ । ଏହି ଶକ୍ତି ହେଲା ଜୀବନୀ ଶକ୍ତି । ମନୁଷ୍ୟ ଯେତେବେଳେ ନିର୍ବୀର୍ଯ୍ୟ, କ୍ଲୀବ ଓ ନିଷ୍କର୍ମା ହୋଇପଡେ, ସେତେବେଳେ ଶକ୍ତିଙ୍କୁ ଉପାସନା କଲେ ସେ ଜୀବନର ଗତିବେଗ, କର୍ମକ୍ଷମତା, ସାହସ, ଶକ୍ତି ଓ ଶୌର୍ଯ୍ୟ ଫେରିପାଏ । ଶକ୍ତି ପୂଜାକୁ କେହି କେହି ଅସତ୍ ଉଦ୍ଦେଶ୍ୟରେ ମଧ୍ୟ ବ୍ୟବହାର କରନ୍ତି । ପୂର୍ବକାଳରେ ଦସ୍ୟୁ ଓ ଡକାୟତ ମାନେ କାଳୀପୂଜା କରି ଡକାୟତି କର୍ମରେ ଅଗ୍ରସର ହେଉଥିଲେ । ବର୍ତ୍ତମାନ ମା'କାଳୀଙ୍କୁ ସମ୍ମୁଖରେ ରଖି ସମାଜର ଆମପରି କିଛି ଯୁବକ ନାଚ, ମଦ୍ୟପାନ ଓ ଅକ୍ରେଷ୍ଟାରେ ବ୍ୟସ୍ତ ରହୁଛନ୍ତି - ତାହା କିନ୍ତୁ ଶକ୍ତିପୂଜାର ମହିମା ନୁହେଁ । ବରଂ ତାହା ଅନ୍ତଃସ୍ଥ ଅନିୟନ୍ତ୍ରିତ ନୀଚ ପ୍ରବୃତ୍ତିରାଜିର ବହିଃ ପ୍ରକାଶ ମାତ୍ର । ତେଣୁ ଶକ୍ତି ବୃଦ୍ଧି ନହୋଇ ଶକ୍ତିହୀନ ହେଉଛୁ ଆମ୍ଭେମାନେ । ଅସତ୍ ବିରୁଦ୍ଧରେ ଯୁଦ୍ଧ କରିବାର ଶକ୍ତି ଆଜି ଆମ୍ଭମାନଙ୍କର ନାହିଁ । ବଂଶମର୍ଯ୍ୟାଦା, ଆଭିଜାତ୍ୟ ଓ ଦାୟିତ୍ୱବୋଧ ସମ୍ବନ୍ଧରେ ଆମ୍ଭେମାନେ ସଚେତନ ହୋଇଉଠି ପାରୁନାହୁଁ । ମା'ଭଉଣୀଙ୍କୁ ସମ୍ମାନ ଦେଉନାହୁଁ, ଅନ୍ୟର କ୍ଷତି କରିବା ଏପରିକି ଜୀବନନାଶ କରିବା ପାଇଁ ମଧ୍ୟ ଆମେ ପଛାଉନାହୁଁ । ଏହାକି ଶକ୍ତି ପୂଜାର ଫଳ ? ଯିଏ ବିଶ୍ୱ ପ୍ରସବିନୀ କଲ୍ୟାଣମୟୀ ମା', ତାଙ୍କର ପୂଜା କରି ଚରିତ୍ରରେ ଅଧଃପତନ ହେବା



ତାଙ୍କର ପୂଜା ନୁହେଁ । ପୂଜା ମଣ୍ଡପରେ ମାଇକ୍‌ରେ ବିଭିନ୍ନ କୁରୁଚିପୂର୍ଣ୍ଣ ଯୌନଉଦ୍ଦୀପକ ସଙ୍ଗୀତ ବଜାଇ ସମସ୍ତେ ମସ୍‌ଗୁଲ ରହନ୍ତି । ଥରେ ଶ୍ରୀ ଶ୍ରୀ ଠାକୁରଙ୍କ ଆଶ୍ରମ ବାହାରେ ଦେଓଘରରେ କାଳୀ ପୂଜା ସମୟରେ ମାଇକ୍‌ରେ ଏହି ଧରଣର ସଙ୍ଗୀତ ଶୁଣାଯାଉଥିଲା । ଜନୈକ ବ୍ୟକ୍ତି ଖୁସିମନରେ କହିଲେ ପୂଜା ସ୍ଥାନରେ ଖୁବ୍ ମାଇକ ବାଜୁଛି । ଶ୍ରୀ ଶ୍ରୀ ଠାକୁର ଶୁଣି ଗମ୍ଭୀର ଭାବରେ କହିଲେ - ପୂଜା ମଣ୍ଡପରେ ଭାବଭକ୍ତିର ସହାୟକ ସଙ୍ଗୀତ ପରିବେଷଣ ହୋଇପାରେ, କିନ୍ତୁ ଏହି ଭକ୍ତି ଭାବ ବିରୁଦ୍ଧରେ ବା କୌଣସି ପ୍ରକାର ଅସତ୍ ଉତ୍ତେଜନା ସୃଷ୍ଟିକାରୀ ସଙ୍ଗୀତ ଦେବତା ସାନ୍ନିଧ୍ୟରେ ବାଜିବା ଉଚିତ ନୁହେଁ । ଏହାକଲେ ପୂଜାର ପବିତ୍ର ଭାବ ନଷ୍ଟ ହୁଏ । ଦେବତାଙ୍କ ଉପରେ ଶ୍ରଦ୍ଧାର ଉଦ୍ରେକ ହୁଏନାହିଁ ଏବଂ ଶ୍ରଦ୍ଧାର ଉଦ୍ଭବ ନହେଲେ ସମ୍ବର୍ଦ୍ଧନା ମଧ୍ୟ ଆସେ ନାହିଁ ।

ଆମେ ଯେଉଁ କାଳୀମୂର୍ତ୍ତି ଦେଖୁ ତାହା ଭୟଉତ୍ପାଦକ ସଂହାରମୂର୍ତ୍ତି । ସେ ମୁଣ୍ଡମାଳା ବିଭୂଷିତା, ଚତୁର୍ଭୁଜା, ମୁକ୍ତକେଶୀ, ଶ୍ୟାମା ଓ ମହାରବା । ଏହା ହେଉଛି ମା'କାଳୀଙ୍କର ଏକ ରୂପ । ଅନ୍ୟ ଏକ ରୂପ ହେଉଛି ସେ ପ୍ରସନ୍ନା ଓ ହାସ୍ୟମୁଖୀ । ତାଙ୍କର ଦୁଇ ହାତରେ ଖଡ୍ଗ ଓ ନରମୁଣ୍ଡ - ଧ୍ୱଂସର ପ୍ରତୀକ ଏବଂ ଅନ୍ୟ ଦୁଇ ହାତରେ ବର ଓ ଅଭୟ - ସନ୍ତାନ ମାନଙ୍କ ପାଇଁ । ମା'ଙ୍କ ପାଖରେ ଅଛନ୍ତି ଆଠଟି ଯୋଗିନୀ - ଯଥା ଭୀଷଣା, ଚଣ୍ଡୀ, କରାଳା, ଶୂଳିନୀ, ହନ୍ତ୍ରୀ ଓ ତ୍ରିପୁରା । ଏହି ପ୍ରଥମ ଛଅଟି ହେଉଛି ଅସତ୍ ନିରୋଧୀ ଶକ୍ତି ଓ ଶେଷ ଦୁଇଟି ହେଉଛି କର୍ତ୍ତ୍ରୀ ଓ ବିଧାତୃକା - ଏହି ଦୁଇଟି ହେଉଛି ସୃଜନାତ୍ମକ ଓ ବାତ୍ସଲ୍ୟପରାୟଣା । ସେ ହେଉଛନ୍ତି ଭୟଦା ଓ ଭୟନାଶିନୀ । ପରମପୁରୁଷ ଶ୍ରୀ ଶ୍ରୀ ରାମକୃଷ୍ଣଦେବଙ୍କ ପାଖରେ ମୃଣ୍ମୟୀ ମା'ଚିନ୍ମୟୀ ହୋଇ ଉଠିଥିଲେ । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମା'ମୋର ଦୀପାନ୍ୱିତା । ମା'କାଳୀଙ୍କ ମଧ୍ୟରେ ସେ ନିଜର ଜନ୍ମଦାତ୍ରୀ ମା'ଙ୍କୁ ହିଁ ପ୍ରତ୍ୟକ୍ଷ କରିଛନ୍ତି । ଥରେ ଛାତ୍ରାବସ୍ଥାରେ ଶ୍ରୀ ଶ୍ରୀ ଠାକୁର ଜଣେ ସାଙ୍ଗ ସହିତ ଦକ୍ଷିଣେଶ୍ୱର ଭବତାରିଣୀ ମନ୍ଦିରକୁ ଯାଇଥିଲେ । ସେତେବେଳେ ଦ୍ୱିପ୍ରହର ପୂଜା ସରିଛି ମାତ୍ର । ଉପସ୍ଥିତ ସମସ୍ତଙ୍କୁ ପ୍ରସାଦ ବିତରଣ କରାହେଉଛି । ବାଳକ ଅନୁକୂଳଚନ୍ଦ୍ରଙ୍କୁ ପ୍ରସାଦ ଦେବା ପୂର୍ବରୁ ମନ୍ଦିରର ଦରଜା ବନ୍ଦ ହୋଇଗଲା ଓ ପ୍ରସାଦ ବିତରଣ ମଧ୍ୟ ବନ୍ଦ ହେଲା । କିନ୍ତୁ ବାଳକ ଅନୁକୂଳ ସେତେବେଳେ କ୍ଷୁଧାର୍ତ୍ତ, ପ୍ରସାଦ ନପାଇ କ୍ଷୁଧାର୍ତ୍ତ ଅବସ୍ଥାରେ ଅଭିମାନରେ ମନ୍ଦିର ବାରଣ୍ଡାର ଏକ ଗଛଛାଇରେ ଶୋଇ ପଡ଼ିଲେ । ନିଦ୍ରାବସ୍ଥାରେ ବାଳକ ଅନୁକୂଳଚନ୍ଦ୍ର ସ୍ୱପ୍ନ ଦେଖିଲେ - ମା'ଶ୍ୟାମା, ମୁକ୍ତକେଶୀ, ସୀମନ୍ତରେ ସିନ୍ଦୂର, ଲାଲପାହାଡ ଶାଢ଼ୀ ପିନ୍ଧି ଆସିଛନ୍ତି । ଗୋଟିଏ ହାତରେ ଏକ ଗ୍ଲାସପାଣି, ଆଉ ଗୋଟିଏ ହାତରେ ବରଫି ସନ୍ଦେଶ ମିଷ୍ଟି । ଏଇ ରୂପ ବର୍ଣ୍ଣନା କରୁ କରୁ ଶ୍ରୀ ଶ୍ରୀ ଠାକୁର ବହୁବାର କହିଛନ୍ତି - ଦେଖିବାକୁ ଠିକ୍ ମୋ ମା'ପରି । ମା ଆସ୍ତେ ଆସ୍ତେ ଆସି ବାଳକ ଅନୁକୂଳର ମୁଣ୍ଡକୁ ଉଠାଇ ନେଇ କୋଳରେ ରଖି ମୁଖ ପାଖରେ ସନ୍ଦେଶ ଧରି ଆଦରରେ କହିଲେ - ଖା । ବାଳକ ଅନୁକୂଳ ଅଭିମାନ ଭରେ କହିଲେ - ନା, ମୁଁ ଖାଇବି ନାହିଁ । ମୋତେ ସେତେବେଳେ ଭୋକ ଲାଗୁଥିଲା, କିନ୍ତୁ ପ୍ରସାଦ ଦିଆ ହେଲାନାହିଁ କାହିଁକି ? ମୁଁ ବର୍ତ୍ତମାନ ଖାଇବି ନାହିଁ । ସେତେବେଳେ ମା'ସସ୍ନେହେ ହସି ହସି କହିଲେ - ଏତେ ପିଲାମାନଙ୍କ ସାମ୍ନାରେ ମୁଁ କି ତୁମ ପାଖକୁ ଆସିପାରିବି ? ଏହାପରେ ମା'ବସି ପରମ ଆଦରରେ ମୋତେ ସନ୍ଦେଶ ଓ ପାଣି ପିଆଇଲେ । ନିଦରୁ ଭାଙ୍ଗି ବାଳକ ଅନୁକୂଳ ବୋଧ କଲେ ତାଙ୍କ କ୍ଷୁଧା ବା ତୃଷ୍ଣା କିଛି ନାହିଁ । ଦକ୍ଷିଣେଶ୍ୱରରୁ ଚାଲି ଚାଲି କଲିକତା ପହଞ୍ଚିଲେ ମଧ୍ୟ ତାଙ୍କୁ ଭୋକ ବା ଶୋଷ କିଛି ଲାଗି ନଥିଲା । ତେଣୁ ମା' ରହସ୍ୟାବୃତା ଶିଳାମୂର୍ତ୍ତି ନୁହେଁ, ସନ୍ତାନ ପାଖରେ ସେ ଚିରସ୍ନେହମୟୀ ସନ୍ତାନମଙ୍ଗଳ ବିଧାୟିନୀ ଜନନୀ । ତେଣୁ ୧୯୫୬ ମସିହାର ୨ୟ ନଭେମ୍ବର ଦୀପାବଳୀ ଦିନ ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଏକ ଅନବଦ୍ୟ ଛନ୍ଦରେ ପ୍ରଦାନ କଲେ ମହାବାଣୀ - ଆଜି ଦ୍ୱୀପାଳି, ମା'ମୋର ଦୀପାନ୍ୱିତା, ଜୀବନ ଆଲୋକ, ମା'ଙ୍କର ଏକ ହସ୍ତରେ ଅସତ୍ ନିରୋଧୀ ଅସ୍ତ୍ର, ଅନ୍ୟ ହାତରେ ବର ଓ ଅଭୟ, ବାତ୍ସଲ୍ୟର ପରମ ଆଶ୍ରୟ, ତେଣୁ ମା'ଶିବାନୀ, ଶୁଭାନୀ, କଲ୍ୟାଣୀ କାଳୀ, ସତ୍ତାର ସାତ୍ୱତ ସମ୍ବେଗ, ଅସ୍ତିତ୍ୱର ଅମୃତ ଉତ୍ସ, ଜୀବନ ଯୋଗ ନର୍ତ୍ତନା, ମୋର ମା' ।

ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ପ୍ରଫେସର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୬



ଜମ୍ମୁ-କାଶ୍ମୀର ରାଜନୀତିରେ ଏବେ ହଟଚମଟ

୨୦ ବିଧାୟକ ଦେବେ ଇସ୍ତଫା !

ନୂଆଦିଲ୍ଲୀ,୬।୧୧(ଏଜେନ୍ସି): ଜମ୍ମୁ-କାଶ୍ମୀର ରାଜନୀତିରେ ଏବେ ହଟଚମଟ। ଶାସକ ଦଳ ନ୍ୟାସନାଲ କନଫରେନ୍ସ (NC) ଭିତରେ ଦେଖାଦେଇଥିବା ଅସନ୍ତୋଷ ଏବେ ସରକାର ପାଇଁ ଚିନ୍ତାର କାରଣ ପାଲଟିଛି।କ୍ୟାବିନେଟ୍ ସମ୍ପ୍ରସାରଣ ପରଠାରୁ ଦଳର କିଛି ବିଧାୟକ ଖୋଲାଖୋଲି ଭାବେ ନିଜ ଅସନ୍ତୋଷ ଜାହିର କରୁଛନ୍ତି। ମନ୍ତ୍ରୀପଦ ନମିଳିବାକୁ ନେଇ ଆରମ୍ଭ ହୋଇଥିବା ଏହି ଅସନ୍ତୋଷ ଏବେ ଦଳୀୟ ନେତୃତ୍ୱ ପାଇଁ ଅଡୁଆ ସୃଷ୍ଟି କରିଛି।ଏପରିକି ୨୦ ଜଣ ବିଧାୟକ ଇସ୍ତଫା ଦେଲେ ସରକାରଙ୍କ ସଂଖ୍ୟା ଗଣିତ ବଦଳିଯିବାର ଆଶଙ୍କା ମଧ୍ୟ ରହିଛି। ଏଭଳି ସ୍ଥିତିରେ ଆଜି ଦଳର ମୁଖ୍ୟ ଫାରୁକ୍ ଅବଦୁଲ୍ଲା ଏବଂ ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ଅସନ୍ତୁଷ୍ଟ ବିଧାୟକଙ୍କ ସହ ଆଲୋଚନା କରିପାରନ୍ତି। ତେବେ ଏହି ବୈଠକରେ ଅସନ୍ତୋଷ ଦୂର ହେବ ନା ଦଳ ଭିତରେ ଫାଟ ଆହୁରି ବଢ଼ିବ, ତାହା ଉପରେ ଏବେ ସମସ୍ତଙ୍କ ନଜର। ସୂଚନା ଅନୁସାରେ, ଶ୍ରୀନଗରର ଗୁପକାରସ୍ଥିତ ଫାରୁକ୍ ଅବଦୁଲ୍ଲାଙ୍କ ବାସଭବନରେ ସକାଳ ୧୦ଟା ପରେ ଏକ ବୈଠକ ହେବାର ପ୍ରସ୍ତାବ ରହିଛି। ଏଥିରେ ପ୍ରାୟ ୧୮ ଜଣ ଅସନ୍ତୁଷ୍ଟ ବିଧାୟକ ଯୋଗ ଦେଇପାରନ୍ତି।କ୍ୟାବିନେଟ୍ ସମ୍ପ୍ରସାରଣ ପରଠାରୁ ଅସନ୍ତୁଷ୍ଟ ବିଧାୟକମାନେ ଲଗାତାର ବୈଠକ କରୁଛନ୍ତି। ଏହା ମଧ୍ୟରେ ଚାରିଟି ପର୍ଯ୍ୟାୟରେ ଆଲୋଚନା ହୋଇସାରିଛି।ପ୍ରଥମେ ବିଧାୟକ କୈସର ଲୋନ୍‌ଙ୍କ ହୁମହାମାସ୍ଥିତ ବାସଭବନରେ ବୈଠକ ହୋଇଥିଲା। ଏହାପରେ ନଜିର ଗୁରେଜି, ଫାରୁକ୍ ଶାହ ଏବଂ ପୂର୍ବତନ ସାଂସଦ ତଥା ବିଧାୟକ ହସନୈନ ମସୁଦିଙ୍କ ବାସଭବନରେ ମଧ୍ୟ ବୈଠକ ବସିଥିଲା।ତେବେ ଏତେସବୁ ବୈଠକ ପରେ ମଧ୍ୟ କୌଣସି ସମାଧାନର ବାଟ ବାହାରି ନାହିଁ। ଅସନ୍ତୁଷ୍ଟ ବିଧାୟକମାନେ ନିଜ ଦାବିରୁ ଓହରିବାକୁ ପ୍ରସ୍ତୁତ ନଥିବା କୁହାଯାଉଛି। ଅନ୍ୟପଟେ ଫାରୁକ୍ ଓ ଉମର ଅବଦୁଲ୍ଲା ଆଲୋଚନା ମାଧ୍ୟମରେ ଏହି ସମସ୍ୟାର ସମାଧାନ କରିବାକୁ ଉଦ୍ୟମ କରିପାରନ୍ତି। ଅକ୍ଟୋବର ୨୭ ତାରିଖରେ ଜମ୍ମୁ-କାଶ୍ମୀରରେ କ୍ୟାବିନେଟ୍ ସମ୍ପ୍ରସାରଣ ହୋଇଥିଲା। ଏଥିରେ ଚାରିଜଣ ନୂଆ ମନ୍ତ୍ରୀଙ୍କୁ ସାମିଲ କରାଯାଇଥିଲା। ଫଳରେ ମନ୍ତ୍ରିମଣ୍ଡଳରେ ମନ୍ତ୍ରୀଙ୍କ ସଂଖ୍ୟା ୯ରେ ପହଞ୍ଚିଥିଲା।କିନ୍ତୁ ଦଳର କିଛି ବରିଷ୍ଠ ବିଧାୟକଙ୍କୁ ମନ୍ତ୍ରୀପଦ ନମିଳିବାରୁ ସେମାନେ ଅସନ୍ତୁଷ୍ଟ ଥିବା ଚର୍ଚ୍ଚା ହେଉଛି। ଏଥିରେ ଛଅ ଥର ବିଧାୟକ ହୋଇଥିବା ମୁବାରକ ଗୁଲଙ୍କ ନାଁ ମଧ୍ୟ ସାମ୍ନାକୁ ଆସିଛି।ତେବେ ବିଧାୟକଙ୍କ ଅସନ୍ତୋଷ କେବଳ ମନ୍ତ୍ରୀପଦ ମଧ୍ୟରେ ସୀମିତ ନାହିଁ। ମନ୍ତ୍ରିମଣ୍ଡଳରେ ପରିବର୍ତ୍ତନ କରିବାକୁ ମଧ୍ୟ ସେମାନେ ଦାବି କରୁଥିବା କୁହାଯାଉଛି।ଦୁଇ ବର୍ଷ କାର୍ଯ୍ୟକାଳ ପୂରଣ କରିଥିବା ମନ୍ତ୍ରୀଙ୍କୁ ହଟାଇବା ସହ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ନାସିର ଅସଲମ ୱାନିଙ୍କୁ ମଧ୍ୟ ପଦରୁ ହଟାଇବାକୁ ଦାବି ହେଉଛି। ଏହାସହ ଦଳୀୟ ସଂଗଠନରେ ପରିବର୍ତ୍ତନ ଏବଂ କିଛି ପଦାଧିକାରୀଙ୍କୁ ହଟାଇବାକୁ ମଧ୍ୟ ଅସନ୍ତୁଷ୍ଟ ଗୋଷ୍ଠୀ ଚାହୁଁଛନ୍ତି।



ଧୀରେନ୍ଦ୍ର ଶାସ୍ତ୍ରୀଙ୍କ ବିରୋଧରେ କୋର୍ଟରେ ମାମଲା

ନୂଆଦିଲ୍ଲୀ,୬।୧୧(ଏଜେନ୍ସି):ଦେଶର ଜଣାଶୁଣା ଧର୍ମ ପ୍ରଚାରକ ତଥା ପ୍ରବଚକ ଧୀରେନ୍ଦ୍ର ଶାସ୍ତ୍ରୀଙ୍କ ବିରୋଧରେ କୋର୍ଟରେ ଅପରାଧିକ ମାମଲା ରୁଜୁ ହୋଇଛି ।ପ୍ରବଚନ ଦେବା ସମୟରେ ଭଗବାନ ଶ୍ରୀକୃଷ୍ଣଙ୍କୁ ନେଇ ବିବାଦୀୟ ମନ୍ତବ୍ୟ ଦେବା ଏବେ ବାଗେଶ୍ୱର ଧାମର ପୀଠାଧୀଶ ଧୀରେନ୍ଦ୍ର ଶାସ୍ତ୍ରୀଙ୍କୁ ମହଙ୍ଗା ପଡ଼ିଛି। ତାଙ୍କ ବିରୋଧରେ ଆଗ୍ରାର ଏକ କୋର୍ଟରେ ଅପରାଧିକ ମାନହାନି ଅଭିଯୋଗରେ ମାମଲା ଦାୟର ହୋଇଛି। ଶ୍ରୀକୃଷ୍ଣଙ୍କୁ ନେଇ ଦେଇଥିବା ମନ୍ତବ୍ୟ ତାଙ୍କ ବଂଶଧରଙ୍କ ଧାର୍ମିକ ଭାବନାକୁ ଆଘାତ ଦେବା ସହ ସାମାଜିକ ସମ୍ମାନ ଓ ପ୍ରତିଷ୍ଠାକୁ କ୍ଷୁଣ୍ଣ କରିଥିବା ଅଭିଯୋଗ ହୋଇଛି।ଆଗ୍ରା ସିଭିଲ କୋର୍ଟରେ ଏହି ଅଭିଯୋଗ ଦାଖଲ କରିଛନ୍ତି ଆଇନଜୀବୀ ଅଜୟ ପ୍ରତାପ ସିଂହ । ମଧ୍ୟପ୍ରଦେଶର ଶିବପୁରୀ ଜିଲ୍ଲା ଅନ୍ତର୍ଗତ କରେରାଠାରେ ଏକ ରାମକଥା କାର୍ଯ୍ୟକ୍ରମରେ ପ୍ରବଚନ ଦେବା ସମୟରେ ଧୀରେନ୍ଦ୍ର ଶାସ୍ତ୍ରୀ ଭଗବାନ ଶ୍ରୀକୃଷ୍ଣଙ୍କ ଶାରୀରିକ ଭଙ୍ଗୀକୁ ନେଇ ଅପମାନଜନକ ମନ୍ତବ୍ୟ ଦେଇଥିବା ସେ ଅଭିଯୋଗ କରିଛନ୍ତି।ଅଭିଯୋଗ ଅନୁସାରେ, ପ୍ରବଚନ ସମୟରେ ଶାସ୍ତ୍ରୀ କହିଥିଲେ, 'କୃଷ୍ଣଙ୍କୁ ମାନୁଥିବା ଲୋକଙ୍କୁ ହୁଏତ ଖରାପ ଲାଗିପାରେ, କିନ୍ତୁ କୃଷ୍ଣ ବହୁତ ବଙ୍କା। ସେ ଠିଆ ହେଲେ ମଧ୍ୟ ତିନୋଟି ସ୍ଥାନରେ ବଙ୍କା ହୋଇ ରହିଥାନ୍ତି।' ଏହି ମନ୍ତବ୍ୟକୁ ନେଇ ଅଭିଯୋଗକାରୀ ଆପତ୍ତି ଉଠାଇଛନ୍ତି। ତାଙ୍କ କହିବା ଅନୁସାରେ, ଏଭଳି ମନ୍ତବ୍ୟ କେବଳ ଶ୍ରୀକୃଷ୍ଣଙ୍କ ପ୍ରତି ଅସମ୍ମାନ ନୁହେଁ, ବରଂ ତାଙ୍କ ବଂଶଧରଙ୍କ ଧାର୍ମିକ ଭାବନା ଓ ସାମାଜିକ ପ୍ରତିଷ୍ଠାକୁ ମଧ୍ୟ ଆଘାତ ପହଞ୍ଚାଇଛି।ଆଇନଜୀବୀ ସିଂହ ଯୁକ୍ତି ବାଢ଼ିଛନ୍ତି ଯେ, ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ମାନବ ରୂପରେ ଜନ୍ମ ଗ୍ରହଣ କରିଥିଲେ ଏବଂ ତାଙ୍କ ବଂଶଧରମାନେ ଏବେ ମଧ୍ୟ ଭାରତର ବିଭିନ୍ନ ସ୍ଥାନରେ ବସବାସ କରୁଛନ୍ତି। ଏହାର ପ୍ରମାଣ ସ୍ୱରୂପ ସେ ଜାଦୁନ୍, ଜାଡେଜା ଓ ଭାଟି ସମ୍ପ୍ରଦାୟର ଐତିହାସିକ ବିବରଣୀ ଉଲ୍ଲେଖ କରିଛନ୍ତି। ଏହି ସମ୍ପ୍ରଦାୟଗୁଡ଼ିକୁ ଶ୍ରୀକୃଷ୍ଣଙ୍କ ବଂଶଧର ଭାବେ ଦାବି କରିଛନ୍ତି।ଏପରିକି ନିଜ ମାତୃକୁଳ ଦିଗରୁ ମଧ୍ୟ ସେ ଶ୍ରୀକୃଷ୍ଣଙ୍କ ବଂଶଧର ବୋଲି ଦାବି କରିଛନ୍ତି। ଧୀରେନ୍ଦ୍ର ଶାସ୍ତ୍ରୀଙ୍କ ମନ୍ତବ୍ୟ ତାଙ୍କ ସମ୍ପ୍ରଦାୟର ଧାର୍ମିକ ଭାବନାକୁ ଆଘାତ ଦେବା ସହ ସାମାଜିକ ସମ୍ମାନକୁ କ୍ଷତି ପହଞ୍ଚାଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।ଏହି ମାମଲାର ପ୍ରାରମ୍ଭିକ ଶୁଣାଣି ସିଭିଲ୍ ଜଜ୍ କଞ୍ଚନ କୁମାରଙ୍କ ଅଦାଲତରେ ହୋଇଥିବା ବେଳେ କୋର୍ଟ ମାମଲାକୁ ପଞ୍ଜୀକୃତ କରିବା ସହ ଆସନ୍ତା ଡିସେମ୍ବର ୧୪ ତାରିଖକୁ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି।ଅନ୍ୟପକ୍ଷରେ, ଏହି ଘଟଣାର ଠିକ୍ ଗୋଟିଏ ଦିନ ପୂର୍ବରୁ ସମାଜବାଦୀ ପାର୍ଟିର ମୁଖ୍ୟ ଅଖିଳେଶ ଯାଦବ ଧାର୍ମିକ କାର୍ଯ୍ୟକ୍ରମର ଆୟୋଜକ ଓ ପ୍ରାୟୋଜକମାନଙ୍କୁ ବିବାଦୀୟ ପ୍ରବଚକଙ୍କଠାରୁ ଦୂରେଇ ରହିବାକୁ ଅପିଲ୍ କରିଥିଲେ। ଏଭଳି ପ୍ରବଚକଙ୍କୁ ଧାର୍ମିକ ମଞ୍ଚରେ ପ୍ରୋତ୍ସାହନ ନଦେବାକୁ ସେ ଆହ୍ୱାନ ଦେଇଥିଲେ।ଅଖିଳେଶଙ୍କ ଏହି ମନ୍ତବ୍ୟର ଜବାବ ଦେଇ ବିଜେପିର ଉତ୍ତରପ୍ରଦେଶ ସଭାପତି ପଙ୍କଜ ଚୌଧୁରୀ ରାମଚରିତମାନସର ଏକ ଚୌପାଇ ଉଦ୍ଧୃତ କରିଥିଲେ। ନିଜ ଆଚରଣ ଠିକ୍ ନଥିବା ବ୍ୟକ୍ତି ଅନ୍ୟକୁ ଉପଦେଶ ଦେବାରୁ ଦୂରେଇ ରହିବା ଉଚିତ ବୋଲି ସେ ଏହା ମାଧ୍ୟମରେ ଇଙ୍ଗିତ କରିଥିଲେ।ତେବେ ଧୀରେନ୍ଦ୍ର ଶାସ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ଆଗ୍ରା କୋର୍ଟରେ ମାମଲା ଦାୟର ହେବା ପରେ ଏହି ବିବାଦ ଏବେ ଆଇନଗତ ମୋଡ଼ ନେଇଛି। ଡିସେମ୍ବର ୧୪ରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ଉପରେ ଏବେ ସମସ୍ତଙ୍କ ନଜର।

କର୍ମଭୂମି ଏକ୍ସପ୍ରେସରେ ୪ଟି ବର୍ଗିରେ ଲାଗିଲା ନିଆଁ

ନୂଆଦିଲ୍ଲୀ,୬।୧୧(ଏଜେନ୍ସି): ପଞ୍ଜାବରୁ ନ୍ୟୁ ଜଲପାଇଗୁଡ଼ି ଯାଉଥିବା କର୍ମଭୂମି ଏକ୍ସପ୍ରେସରେ ଶୁକ୍ରବାର ଅପରାହ୍ଣରେ ନିଆଁ ଲାଗିଛି । ପଞ୍ଜାବର ପଟିଆଲା ନିକଟରେ ଏହି ଅଗ୍ନିକାଣ୍ଡ ଘଟିଛି । ଟ୍ରେନର ଚାରିଟି ବଗିରେ ନିଆଁ ଲାଗିଥିବା ଜଣାପଡ଼ିଛି । ନିଆଁ ଲାଗିବା ପରେ ଚାରିଆଡ଼େ ଧୂଆଁ ଉଠୁଥିବା ଦେଖିବାକୁ ମିଳିଛି । ପ୍ରଥମିକ ସୂଚନା ଅନୁସାରେ, ଟ୍ରେନ୍ ଚଳନ୍ତା ଅବସ୍ଥାରେ ଥିବା ସମୟରେ ହଠାତ୍ ଭୀଷଣ ନିଆଁ ଲାଗିଯାଇଥିଲା । ପଟିଆଲା ନିକଟ ରାଜପୁରା ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି । ତେବେ ଆଶ୍ୱସ୍ତି କଥା ହେଉଛି, ଏହି ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନଥିବା ସୂଚନା ରହିଛି ।ରିପୋର୍ଟ ଅନୁଯାୟୀ ଦୁର୍ଘଟଣା ଘଟିବା ସମୟରେ ଟ୍ରେନଟି ଅମୃତସରରୁ ନ୍ୟୁ ଜଲପାଇଗୁଡ଼ି ଅଭିମୁଖେ ଯାତ୍ରା କରୁଥିଲା । ପ୍ରାରମ୍ଭିକ ଭାବରେ ଟ୍ରେନର ପ୍ୟାଣ୍ଟ୍ରିରୁ ନିଆଁ ଲାଗିଥିବା କୁହାଯାଉଛି । ଅଗ୍ନିକାଣ୍ଡ ଯୋଗୁଁ ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା । ରିପୋର୍ଟ ଅନୁଯାୟୀ, ଇଞ୍ଜିନରୁ ପଞ୍ଚମ କୋଚକୁ ନିଆଁ ବ୍ୟାପିଥିଲା । ନିଆଁ ଲାଗିବା ଖବର ପାଇବା ପରେ ଟ୍ରେନକୁ ଅଟକାଇ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବରେ ବାହାର କରାଯାଇଛି ଏବଂ ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ପ୍ରୟାସ ଜାରି ରହିଛି ।ଅମର ଉଜାଲା ରିପୋର୍ଟ ଅନୁସାରେ ଉତ୍ତର ରେଳବାଇର ମୁଖ୍ୟ ଜନସମ୍ପର୍କ ଅଧିକାରୀ ହିମାଂଶୁ ଶେଖର ଉପାଧ୍ୟାୟ କହିଛନ୍ତି ଯେ ଅମ୍ବାଲା ଡିଭିଜନର ସରାଇ ବଞ୍ଜାରା ଷ୍ଟେସନ ନିକଟରେ ଅମୃତସରରୁ ନ୍ୟୁ ଜଲପାଇଗୁଡ଼ି ଯାଉଥିବା ୧୨୫୦୮ କର୍ମଭୂମି ଏକ୍ସପ୍ରେସର ଚାରୋଟି କୋଚରେ ଅଗ୍ନିକାଣ୍ଡ ଘଟିଥିବାର ସୂଚନା ମିଳିଛି । ସମସ୍ତ ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ଏହି ଘଟଣାରେ କୌଣସି ଆହତ, ଅନ୍ୟାନ୍ୟ କ୍ଷୟକ୍ଷତି କିମ୍ବା ଜୀବନହାନିର ରିପୋର୍ଟ ନାହିଁ ।

କେପିସିସିର ସମସ୍ତ କର୍ମକର୍ତ୍ତାଙ୍କୁ ଅଦାଲତ ଅବମାନନା ନୋଟିସ୍

ନୂଆଦିଲ୍ଲୀ,୬।୧୧(ଏଜେନ୍ସି):ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କୁ ଲକ୍ଷ୍ୟ କରି ଗତମାସ ସାମାଜିକ ଗଣମାଧ୍ୟମରେ କରାଯାଇଥିବା ବିବାଦୀୟ ପୋଷ୍ଟ ଘଟଣାରେ ସର୍ବୋଚ୍ଚ ଅଦାଲତ କେରଳ ପ୍ରଦେଶ କଂଗ୍ରେସ କମିଟି (କେପିସିସି)ର ସମସ୍ତ ପଦାଧିକାରୀଙ୍କୁ ଅଦାଲତ ଅବମାନନା ନୋଟିସ୍ ଜାରି କରିଛନ୍ତି।ଶୁକ୍ରବାର ବିଚାରପତି ଅରବିନ୍ଦ କୁମାର ଓ ବିପୁଲ ଏମ୍ ପାଞ୍ଚଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଖଣ୍ଡପୀଠ କହିଥିଲେ ଯେ, ସମ୍ବିଧାନ ସର୍ବୋଚ୍ଚ। କୌଣସି ବ୍ୟକ୍ତି କିମ୍ବା ରାଜନୈତିକ ସଂଗଠନ ସମ୍ବିଧାନଠାରୁ ଉପରେ ନୁହନ୍ତି। ଅଦାଲତଙ୍କ ରାୟକୁ ସମାଲୋଚନା କରିବାର ଅଧିକାର ସମସ୍ତଙ୍କର ରହିଛି। କିନ୍ତୁ ଅଭିବ୍ୟକ୍ତିର ସ୍ୱାଧୀନତାକୁ ନ୍ୟାୟ ପ୍ରକ୍ରିୟାରେ ଭୟ ସୃଷ୍ଟି କରିବା କିମ୍ବା ହସ୍ତକ୍ଷେପ କରିବାର ମାଧ୍ୟମ ଭାବେ ବ୍ୟବହାର କରାଯାଇପାରିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଥିଲେ। ଏପରିକି ଯେତେ ଉଚ୍ଚ ପଦବିରେ ଥିବା ବ୍ୟକ୍ତି ହୁଅନ୍ତୁ ନା କାହିଁକି, ଅଦାଲତଙ୍କ କ୍ଷମତା ଓ ମର୍ଯ୍ୟାଦାକୁ ଦୁର୍ବଳ କରିବାର ଉଦ୍ୟମକୁ କଠୋର ଭାବେ ଦମନ କରାଯିବା ଆବଶ୍ୟକ।ଏହି ମାମଲାରେ ଅଦାଲତ ଜଣେ ବରିଷ୍ଠ ଆଇନଜୀବୀଙ୍କୁ ଆମିକସ୍ କ୍ୟୁରି ଭାବେ ନିଯୁକ୍ତ କରିଛନ୍ତି। ଏଥିସହ ଆଟର୍ଣ୍ଣି ଜେନେରାଲ ଆର୍ ଭେଙ୍କଟରମଣିଙ୍କ ସହଯୋଗ ମଧ୍ୟ ଲୋଡ଼ିଛନ୍ତି। ଏହି ଘଟଣାରେ ଦେୱାନୀ କିମ୍ବା ଫୌଜଦାରୀ ଅଦାଲତ ଅବମାନନା ଆଇନ ଲାଗୁ ହେବ କି ନାହିଁ, ତାହା ଯାଞ୍ଚ କରାଯିବ। ସୂଚନାଯୋଗ୍ୟ, ଅକ୍ଟୋବର ୧୨ରେ କେରଳ କଂଗ୍ରେସର ଆଧିକାରିକ 'ଏକ୍ସ' ଆକାଉଣ୍ଟରେ ସିଜେଆଇଙ୍କୁ ନେଇ ଏକ ବିବାଦୀୟ ପୋଷ୍ଟ କରାଯାଇଥିଲା। ଏହା ଭାଇରାଲ୍ ହେବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପରେ ଦଳ ପୋଷ୍ଟଟିକୁ ହଟାଇବା ସହ ଏଥିପାଇଁ ଦାୟୀ ବ୍ୟକ୍ତିଙ୍କୁ ହଟାଇଥିବା ସ୍ପଷ୍ଟ କରିଥିଲା।



ତରୁଣ ତେଜପାଲଙ୍କ ଦଣ୍ଡାଦେଶ ସ୍ଥଗିତ ଆବେଦନ ଖାରଜ

ନୂଆଦିଲ୍ଲୀ,୬।୧୧(ଏଜେନ୍ସି):୨୦୧୩ ମସିହାରେ ସହକର୍ମୀ ମହିଳାଙ୍କୁ ଦୁଷ୍କର୍ମ ମାମଲାରେ 'ତେହେଲକା' ପତ୍ରିକାର ପୂର୍ବତନ ମୁଖ୍ୟ ସମ୍ପାଦକ ତରୁଣ ତେଜପାଲଙ୍କୁ ଉଚ୍ଚତମ ନ୍ୟାୟାଳୟରୁ ଆଶ୍ୱସ୍ତି ମିଳିନାହିଁ। ତେଜପାଲଙ୍କ ୧୦ ବର୍ଷର ଦଣ୍ଡାଦେଶ ଉପରେ ରୋକ୍ ଲଗାଇବା ପାଇଁ ହୋଇଥିବା ଆବେଦନକୁ ସର୍ବୋଚ୍ଚ ଅଦାଲତ ଗୁରୁବାର ଦିନ ଖାରଜ କରିଛନ୍ତି। ଏହି ନିଷ୍ପତ୍ତି ଫଳରେ, ଦଣ୍ଡାଦେଶ ବିରୋଧରେ ତାଙ୍କର ଆବେଦନ ବିଚାରାଧୀନ ଥିବା ସମୟରେ ତେଜପାଲଙ୍କୁ ଜେଲରେ ହିଁ ରହିବାକୁ ପଡ଼ିବ।ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦରେଶ ଏବଂ ଜଷ୍ଟିସ୍ ପ୍ରସନ୍ନ ବି. ଭରାଲେଙ୍କୁ ନେଇ ଗଠିତ ଖଣ୍ଡପୀଠ ବମ୍ବେ ହାଇକୋର୍ଟଙ୍କ ଅଗଷ୍ଟ ୬ ତାରିଖର ରାୟ ବିରୋଧରେ ତେଜପାଲଙ୍କ ଯାଚିକାର ଶୁଣାଣି କରୁଥିଲେ। ସୂଚନାଯୋଗ୍ୟ ଯେ, ୨୦୨୧ ମସିହାରେ ନିମ୍ନ ଅଦାଲତ ତେଜପାଲଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ବେଳେ, ବମ୍ବେ ହାଇକୋର୍ଟ ସେହି ନିଷ୍ପତ୍ତିକୁ ବାତିଲ କରି ତାଙ୍କୁ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ଶୁଣାଣି ସମୟରେ ତେଜପାଲଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଦୀପାବଳି ଛୁଟି ପାଇଁ ତାଙ୍କୁ ସାମୟିକ ଭାବେ ଘରକୁ ଯିବାକୁ ଅନୁମତି ଦେବାକୁ ଅନୁରୋଧ କରିଥିଲେ। ମାତ୍ର ଗୋଆ ସରକାରଙ୍କ ପକ୍ଷରୁ ହାଜର ହୋଇଥିବା ସୋଲିସିଟର ଜେନେରାଲ ତୁଷାର ମେହେଟ୍ଟା ଏହାକୁ କଡ଼ା ବିରୋଧ କରିଥିଲେ। ଏହା ସହିତ ଗୋଆ ସରକାର ତେଜପାଲଙ୍କ ୧୦ ବର୍ଷର ଜେଲ ଦଣ୍ଡକୁ ବୃଦ୍ଧି କରି ଆଜୀବନ କାରାଦଣ୍ଡରେ ପରିଣତ କରିବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୨୦୧୩ ନଭେମ୍ବର ମାସରେ ଗୋଆର ଏକ ତାରକା ହୋଟେଲ ଲିଫ୍ଟ ମଧ୍ୟରେ ସହକର୍ମୀଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ ତେଜପାଲ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।



ହ୍ରାସ ପାଇଲା ସୁନା ରୁପା ଦର

ନୂଆଦିଲ୍ଲୀ,୬।୧୧(ଏଜେନ୍ସି): ଧନତେରସ ଅବସରରେ ସୁନା ଓ ରୁପା କିଣିବାକୁ ଯୋଜନା କରୁଥିବା ଗ୍ରାହକଙ୍କ ପାଇଁ ଆସିଛି ଆଶ୍ୱସ୍ତିକର ଖବର। ବଜାରରେ ମୂଲ୍ୟବାନ ଧାତୁର ଦର ହ୍ରାସ ପାଇଛି। ବିଶ୍ୱ ବଜାରରେ ମାନ୍ଦାବସ୍ଥା ଏବଂ ନିବେଶକଙ୍କ ଲାଭ ଉଠାଇବା ପ୍ରବୃତ୍ତି ଯୋଗୁଁ ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ସୁନା ପ୍ରାୟ ୩ ହଜାର ଟଙ୍କା ଏବଂ ରୁପା ୫ ହଜାର ଟଙ୍କାରୁ ଅଧିକ ଶସ୍ତା ହୋଇଛି। ନଭେମ୍ବର ୬ ତାରିଖରେ ୯୯୯ଶୁଦ୍ଧତା ଥିବା ସୁନାର ମୂଲ୍ୟ ୩, ୧୦୬ ଟଙ୍କା ହ୍ରାସ ପାଇଛି। ଫଳରେ ୧୦ଗ୍ରାମ ପ୍ରତି ସୁନା ମୂଲ୍ୟ ୧,୪୧, ୦୨୩ ଟଙ୍କାରେ ପହଞ୍ଚିଛି। ସୂଚନା ଅନୁଯାୟୀ, ନଭେମ୍ବର ୫ ତାରିଖରେ ୯୯୯ ଶୁଦ୍ଧତା ବିଶିଷ୍ଟ ସୁନାର ଦର ୧୦ ଗ୍ରାମ ପିଛା ୧,୪୪,୧୨୯ ଟଙ୍କା ଥିଲା। କିନ୍ତୁ ନଭେମ୍ବର ୬ ତାରିଖରେ ଏହା ୩,୧୦୬ ଟଙ୍କା ହ୍ରାସ ପାଇ ୧,୪୧,୦୨୩ ଟଙ୍କାରେ ବ୍ୟବସାୟ ଆରମ୍ଭ କରିଥିଲା।ସେହିପରି ରୁପା ଦରରେ ମଧ୍ୟ ବଡ଼ ହ୍ରାସ ଘଟିଛି। ନଭେମ୍ବର ୫ ତାରିଖରେ ରୁପାର ମୂଲ୍ୟ କିଲୋଗ୍ରାମ ପିଛା ୧,୮୭,୩୦୦ ଟଙ୍କା ଥିବାବେଳେ ନଭେମ୍ବର ୬ ତାରିଖରେ ଏହା ୫,୪୩୭ ଟଙ୍କା ହ୍ରାସ ପାଇ ୧,୮୧,୮୬୩ ଟଙ୍କାରେ ପହଞ୍ଚିଛି।କେବଳ ସୁନା ନୁହେଁ, ରୁପା ଦରରେ ମଧ୍ୟ ବଡ଼ ହ୍ରାସ ଘଟିଛି। ସଦ୍ୟତମ ତଥ୍ୟ ଅନୁସାରେ, ରୁପା କିଲୋଗ୍ରାମ ପିଛା ପ୍ରାୟ ୫୪୩୭ଟଙ୍କା ଶସ୍ତା ହୋଇଛି। ଫଳରେ ଗ୍ରାହକଙ୍କ ପାଇଁ ରୁପା କିଣିବା ଅଧିକ ସୁବିଧାଜନକ ହୋଇଛି। ପାର୍ବଣ ଋତୁରେ ସୁନା ଓ ରୁପା ଦର ହ୍ରାସକୁ ବଜାର ବିଶେଷଜ୍ଞ କିଣାକିଣି ପାଇଁ ଏକ ଭଲ ସୁଯୋଗ ବୋଲି ମତ ଦେଉଛନ୍ତି। ବିବାହ ଋତୁ ଓ ଧନତେରସକୁ ଦୃଷ୍ଟିରେ ରଖି ଗ୍ରାହକମାନେ ଏହି ଦର ହ୍ରାସର ଫାଇଦା ଉଠାଇପାରିବେ। ତେବେ ଅଳଙ୍କାର କିଣିବା ପୂର୍ବରୁ ନିଜ ସହରର ସ୍ଥାନୀୟ ଗହଣା ଦୋକାନରେ ଦର ନିଶ୍ଚିତ କରିନେବା ଆବଶ୍ୟକ। ଜିଏସଟି ଓ ଗଢ଼ା ମଜୁରି ଯୋଗୁଁ ଅନ୍ତିମ ମୂଲ୍ୟରେ ପାର୍ଥକ୍ୟ ରହିପାରେ।

ଭୋଟର ତାଲିକାର ଏସ୍ଆଇଆର୍ ନାମରେ

ଲକ୍ଷ ଲକ୍ଷ ଲୋକଙ୍କ ନାଁ କଟାଯାଉଛି: ରାହୁଲ

ନୂଆଦିଲ୍ଲୀ,୬।୧୧(ଏଜେନ୍ସି): ଭୋଟର ପରିଚୟପତ୍ରକୁ ସରକାରୀ ଜନକଲ୍ୟାଣ ଯୋଜନାର ଲାଭ ପାଇବାର ମାଧ୍ୟମ କରିବାକୁ ନେଇ ରାଜନୈତିକ ବିବାଦ ତେଜିଛି। କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପକୁ ନେଇ କଂଗ୍ରେସ ନେତା ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ତୀବ୍ର ଆପତ୍ତି ଉଠାଇଛନ୍ତି। ଏହାକୁ କେବଳ ଭୋଟ ଚୋରି ନୁହେଁ, ବରଂ ଗରିବ ଲୋକଙ୍କ ଅଧିକାର ଛଡ଼ାଇ ନେବାର ଉଦ୍ୟମ ବୋଲି ସେ କହିଛନ୍ତି।କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଘୋଷଣା କରିଥିଲେ ଯେ, ପଞ୍ଚାୟତିରାଜ ମନ୍ତ୍ରଣାଳୟର ବିଭିନ୍ନ ଆର୍ଥିକ ସହାୟତା ଓ ଜନକଲ୍ୟାଣ ଯୋଜନାର ହିତାଧିକାରୀଙ୍କୁ ଏଣିକି ଆଧାର ବଦଳରେ ଭୋଟର ପରିଚୟପତ୍ର ନମ୍ବର ଦେବାକୁ ପଡ଼ିବ। ଏଥିସହ ବାୟୋମେଟ୍ରିକ୍ ଯାଞ୍ଚ ମଧ୍ୟ ବାଧ୍ୟତାମୂଳକ ହେବ।ଏହି ଘୋଷଣାକୁ ନେଇ ଶୁକ୍ରବାର ରାହୁଲ ଗାନ୍ଧୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ତୀବ୍ର ପ୍ରତିକ୍ରିୟା ରଖିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ନାମରେ ଲକ୍ଷ ଲକ୍ଷ ଲୋକଙ୍କ ନାଁ କଟାଯାଉଛି। ଏହାଦ୍ୱାରା ଲୋକଙ୍କ ମତଦାନ ଅଧିକାର ସହ ସରକାରୀ ସହାୟତା ପାଇବାର ଅଧିକାର ମଧ୍ୟ ବିପଦରେ ପଡ଼ିପାରେ।ଆଗକୁ ରାସନ, ବାର୍ଦ୍ଧକ୍ୟ ଭତ୍ତା, ମନରେଗା, ଆବାସ ଯୋଜନା, ଛାତ୍ରବୃତ୍ତି ଓ ସଂରକ୍ଷଣ ପାଇଁ ମଧ୍ୟ ଭୋଟର ପରିଚୟପତ୍ର ଜରୁରୀ ହୋଇପାରେ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି। ନିର୍ବାଚନ ଆୟୋଗର ନିରପେକ୍ଷତା ଉପରେ ମଧ୍ୟ ରାହୁଲ ପ୍ରଶ୍ନ ଉଠାଇଛନ୍ତି। ତେବେ ଭୋଟର ତାଲିକାରୁ ନାଁ କଟିବା ଓ ସରକାରୀ ଯୋଜନାରୁ ବଞ୍ଚିତ ହେବା ମଧ୍ୟରେ ସମ୍ପର୍କ ସୃଷ୍ଟି ହେବା ନେଇ ତାଙ୍କ ଚେତାବନୀ ଏବେ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ମତଦାନ ଏକ ନାଗରିକ ଅଧିକାର, ସରକାରୀ ସହାୟତା ପାଇବାର ସର୍ତ୍ତ ନୁହେଁ ବୋଲି ରାହୁଲ ସ୍ପଷ୍ଟ କରିଛନ୍ତି।

କର୍ଣ୍ଣାଟକ ସରକାରଙ୍କ ବଡ଼ ଦାବି

ପେଟ୍ରୋଲରେ ୨୦ ନୁହେଁ ୩୧ ପ୍ରତିଶତ ମିଶାଯାଉଛି ଇଥାନଲ୍

ନୂଆଦିଲ୍ଲୀ,୬।୧୧(ଏଜେନ୍ସି): ପେଟ୍ରୋଲକୁ ନେଇ ପୁଣି ତେଜ ହୋଇଛି ବିବାଦ। ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶାଯାଉଥିବା କଥା କୁହାଯାଉଥିବା ବେଳେ, କର୍ଣ୍ଣାଟକ ସରକାର ଏବେ ଚମକପ୍ରଦ ଦାବି କରିଛନ୍ତି। ରାଜ୍ୟର ବିଭିନ୍ନ ପେଟ୍ରୋଲ ପମ୍ପରୁ ସଂଗ୍ରହ ହୋଇଥିବା ନମୁନାର ପରୀକ୍ଷାରେ କେତେକ ସ୍ଥାନରେ ଇଥାନଲର ମାତ୍ରା ୩୧.୨ ପ୍ରତିଶତ ପର୍ଯ୍ୟନ୍ତ ମିଳିଥିବା ସରକାର ପକ୍ଷରୁ କୁହାଯାଇଛି। ଏହି ପରୀକ୍ଷା ରିପୋର୍ଟକୁ କେନ୍ଦ୍ର ସରକାରଙ୍କ ପାଖକୁ ପଠାଯିବ ବୋଲି ମଧ୍ୟ କର୍ଣ୍ଣାଟକ ସରକାର କହିଛନ୍ତି।ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ, ଇଣ୍ଡିଆନ୍ ଅଏଲ୍, ହିନ୍ଦୁସ୍ତାନ ପେଟ୍ରୋଲିୟମ୍, ଭାରତ ପେଟ୍ରୋଲିୟମ୍, ନାୟରା ଏବଂ ସେଲ୍‌ର ବିଭିନ୍ନ ପେଟ୍ରୋଲ ପମ୍ପରୁ ମୋଟ ୬୩ଟି ନମୁନା ସଂଗ୍ରହ କରାଯାଇଥିଲା। ପ୍ରଥମେ ଏହି ନମୁନାଗୁଡ଼ିକୁ ସମ୍ପର୍କିତ ତେଲ କମ୍ପାନିର ଲ୍ୟାବ୍‌କୁ ପଠାଯାଇଥିଲା। କିନ୍ତୁ ପେଟ୍ରୋଲରେ ଠିକ୍ କେତେ ପ୍ରତିଶତ ଇଥାନଲ୍ ଅଛି, ସେନେଇ ସ୍ପଷ୍ଟ ଉତ୍ତର ନମିଳିବାରୁ କିଛି ନମୁନାକୁ ଘରୋଇ ଲ୍ୟାବରେ ପରୀକ୍ଷା କରାଯାଇଥିଲା। ସେଥିରେ ସାତଟି ଜିଲ୍ଲାର ନମୁନାରେ ଇଥାନଲ୍‌ର ମାତ୍ରା ୨୦ ପ୍ରତିଶତରୁ ଅଧିକ ଥିବା ଦାବି କରାଯାଇଛି।କମ୍ପାନି ଅନୁଯାୟୀ ମଧ୍ୟ ଇଥାନଲ୍‌ର ମାତ୍ରାରେ ତଫାତ୍ ଦେଖାଯାଇଛି। କର୍ଣ୍ଣାଟକ ସରକାରଙ୍କ ଦାବି ଅନୁସାରେ, ଓଡଉଖର କିଛି ନମୁନାରେ ୩୧.୨ ପ୍ରତିଶତରୁ ଅଧିକ, ଐଚଉଖରେ ୩୦.୫ ପ୍ରତିଶତ, ଇଚଉଖରେ ୨୬.୫ ପ୍ରତିଶତ, ନାୟରାରେ ୨୬.୧ ପ୍ରତିଶତ ଏବଂ ସେଲ୍ ?ରେ ୨୫.୫ ପ୍ରତିଶତ ପର୍ଯ୍ୟନ୍ତ ଇଥାନଲ୍ ମିଳିଥିଲା।ଅଧିକ ଇଥାନଲ୍ ବ୍ଲେଣ୍ଡିଂ ହେଲେ ଗାଡ଼ିର ମାଇଲେଜ୍ କମିପାରେ ଏବଂ ମେଣ୍ଟେନାନ୍ସ ଖର୍ଚ୍ଚ ବଢ଼ିପାରେ ବୋଲି ରାଜ୍ୟ ସରକାର ଚିନ୍ତା ବ୍ୟକ୍ତ କରିଛି। କର୍ଣ୍ଣାଟକ ସରକାରଙ୍କ ଆକଳନ ଅନୁଯାୟୀ, ଯଦି ଇଥାନଲ ବ୍ଲେଣ୍ଡିଂ କାରଣରୁ ମାଇଲେଜ୍ ୧୦ ପ୍ରତିଶତ ପର୍ଯ୍ୟନ୍ତ କମେ, ତେବେ ବର୍ଷକୁ ପ୍ରାୟ ୬୨ ହଜାର କୋଟି ଟଙ୍କାର କ୍ଷତି ହୋଇପାରେ। ସେହିପରି ସର୍ଭିସିଂ ଓ ମେଣ୍ଟେନାନ୍ସ ବାବଦରେ ଆଉ ପ୍ରାୟ ୩୯ ହଜାର କୋଟି ଟଙ୍କାର ଅତିରିକ୍ତ ଭାର ପଡ଼ିପାରେ ବୋଲି ଦାବି କରାଯାଇଛି।କର୍ଣ୍ଣାଟକ ସରକାରର ମନ୍ତ୍ରୀ ରିଜୱାନ୍ ଆର୍ଶଦ୍ ଏହି ବିଷୟରେ କେନ୍ଦ୍ରର ହସ୍ତକ୍ଷେପ ଦାବି କରିଛନ୍ତି। ନିର୍ଦ୍ଧାରିତ ସୀମାଠାରୁ ଅଧିକ ଇଥାନଲ୍ ଥିବା ପେଟ୍ରୋଲ୍ ବ୍ୟବହାର କରି କ୍ଷତିଗ୍ରସ୍ତ ହେଉଥିବା ଗାଡ଼ିମାଲିକଙ୍କ ପାଇଁ ଏକ 'ସ୍ୱଏଲେଜ୍ ଫଣ୍ଡ' ତିଆରି କରି କ୍ଷତିପୂରଣ କିମ୍ବା ରିଫଣ୍ଡ ବ୍ୟବସ୍ଥା କରାଯାଉ ବୋଲି ସେ କହିଛନ୍ତି। ଏବେ କର୍ଣ୍ଣାଟକର ଏହି ଦାବି ଉପରେ କେନ୍ଦ୍ର ଏବଂ ତେଲ କମ୍ପାନିଗୁଡ଼ିକ କଣ ପ୍ରତିକ୍ରିୟା ଦେଉଛନ୍ତି, ସେଥିପାଇଁ ନଜର ରହିଛି।

ଚୀନରେ ପୁଣି ଭୂମିକମ୍ପ

ନୂଆଦିଲ୍ଲୀ,୬।୧୧(ଏଜେନ୍ସି): ଚୀନରେ ଲଗାତାର ଭୂମିକମ୍ପ ଝଟକା। ଗୁରୁବାର ରାତିରେ ଥରିଥିଲା ଡ୍ରାଗନ୍ ମାଟି । ପୁଣି ଥରେ ବିଳମ୍ବିତ ରାତ୍ରରେ ଚୀନରେ ଭୂମିକମ୍ପ ଅନୁଭୂତ ହୋଇଛି ।ରିପୋର୍ଟ ଅନୁସାରେ, ଚୀନରେ ଗୁରୁବାର ଦ୍ୱିତୀୟ ଥର ଭୂମିକମ୍ପର ଝଟକା ଲାଗିଛି । ରାତି ପ୍ରାୟ ସାଢେ ୧୦ଟାରେ ଏଠାରେ ମାଟି ଥରି ଉଠିଥିଲା । ଭୟରେ ଲୋକେ ଘରୁ ବାହାରକୁ ଚାଲି ଆସିଥିଲେ । ଲଗାତାର ଝଟକା ପରେ ସେମାନେ ଭୟଭୀତ ହୋଇ ରହିଛନ୍ତି । ତେବେ ରିକ୍ଟର ସ୍କେଲରେ ତୀବ୍ରତା ୫.୦ ରେକର୍ଡ ହୋଇଛି ।ଏନସିଏସର କହିବାନୁସାରେ, ଭୂମିକମ୍ପର କେନ୍ଦ୍ରସ୍ଥଳୀ ଦେଶର ସିନଜିୟାଙ୍ଗ୍ ଅଞ୍ଚଳରେ ରହିଥିଲା । ଏହାର ତୀବ୍ରତା ୫.୦ ବୋଲି ଜଣା ପଡିଛି । କେହି ମୃତାହତ ହୋଇନଥିଲେ ବି କିଛି ଘର କାନ୍ଥରେ ଫାଟ ସୃଷ୍ଟି ହୋଇଥିବା ସୂଚନା ମିଳିଛି । ରାତିରେ ଝଟକା ଲାଗିଥିବାରୁ ଅନେକ ବ୍ୟକ୍ତି ଘର ବାହାରେ ହିଁ ରାତି କାଟିଥିବା ଜଣା ପଡିଛି ।ସୂଚନାଯୋଗ୍ୟ, ଗୁରୁବାର ସକାଳେ ମଧ୍ୟ ଦେଶରେ ଝଟକା ଲାଗିଥିଲା । ସକାଳ ୬ଟା ୧୯ରେ ଚୀନ ଥରି ଉଠିଥିଲା । ଯାହାର କେନ୍ଦ୍ରସ୍ଥଳୀ ଭୂପୃଷ୍ଠରୁ ୧୦କିମି ଗଭୀରରେ ଥିବା ବେଳେ ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୪ ରହିଥିଲା ।

ଅମିତାଭଙ୍କ ଘରଠାରୁ ହାଇକୋର୍ଟ, ଷ୍ଟକ୍ ଏକ୍ସଚେଞ୍ଜକୁ ବୋମା ଧମକ !

ନୂଆଦିଲ୍ଲୀ,୬।୧୧(ଏଜେନ୍ସି):ମାୟାନଗରୀ ମୁମ୍ବାଇରେ ବୋମା ବିସ୍ଫୋରଣ ଧମକକୁ ନେଇ ଚିନ୍ତା ବଢ଼ିଛି। ବଲିଉଡ଼ର ମେଗାଷ୍ଟାର ଅମିତାଭ ବଚ୍ଚନଙ୍କ ବାସଭବନ 'ଜାଲ୍‌ସା', ବମ୍ବେ ହାଇକୋର୍ଟ, ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଓ ୱର୍ଲି ରେସକୋର୍ସକୁ ବୋମାରେ ଉଡ଼ାଇଦେବାକୁ ଧମକ ମିଳିଛି। ଏକ ଧମକପୂର୍ଣ୍ଣ ଇ-ମେଲ୍ ମିଳିବା ପରେ ସହରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।ସୂଚନା ଅନୁଯାୟୀ, ବମ୍ବେ ହାଇକୋର୍ଟକୁ ଏହି ଧମକପୂର୍ଣ୍ଣ ଇ-ମେଲ୍ ମିଳିଥିଲା। ଏଥିରେ ଅମିତାଭ ବଚ୍ଚନଙ୍କ ଘର ସମେତ ସହରର ଅନ୍ୟ ପ୍ରମୁଖ ସ୍ଥାନଗୁଡ଼ିକରେ ବୋମା ବିସ୍ଫୋରଣ କରିବାର ଧମକ ଦିଆଯାଇଥିଲା। ଘଟଣା ପରେ ମୁମ୍ବାଇ ପୁଲିସ ଓ ସୁରକ୍ଷା ସଂସ୍ଥାଗୁଡ଼ିକୁ ସତର୍କ କରାଯାଇଛି। ଧମକ ମିଳିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଇ-ମେଲ୍ ପଠାଇଥିବା ବ୍ୟକ୍ତି କିଏ ଓ ଏହା ପଛରେ କାହାର ହାତ ରହିଛି, ସେନେଇ ଖୋଳତାଡ଼ ଚାଲିଛି। ଧମକର ସତ୍ୟତା ଯାଞ୍ଚ ସହ ସମ୍ପୃକ୍ତ ସ୍ଥାନଗୁଡ଼ିକର ସୁରକ୍ଷା ଉପରେ ନଜର ରଖାଯାଇଛି।ଉଲ୍ଲେଖଯୋଗ୍ୟ, ଅମିତାଭ ବଚ୍ଚନଙ୍କୁ ଲକ୍ଷ୍ୟ କରି ଏହା ଦ୍ୱିତୀୟ ଧମକ ଘଟଣା। ଗତ ଅକ୍ଟୋବର ୨୨ ତାରିଖରେ ମୁମ୍ବାଇର ଏକ ସ୍କୁଲ୍‌କୁ ମିଳିଥିବା ଧମକପୂର୍ଣ୍ଣ ଇ-ମେଲ୍‌ରେ ମଧ୍ୟ ତାଙ୍କ ନାମ ଉଲ୍ଲେଖ ରହିଥିଲା। ଏବେ ପୁଣି ଏକାଧିକ ପ୍ରମୁଖ ସ୍ଥାନକୁ ଧମକ ମିଳିବା ପରେ ମୁମ୍ବାଇରେ ସୁରକ୍ଷାକୁ ନେଇ ସତର୍କତା ବଢ଼ିଛି। ପ୍ରତି ରବିବାର ଅମିତାଭ ତାଙ୍କ ବାସଭବନ ବାହାରେ ଛିଡ଼ା ହୋଇଥିବା ପ୍ରଶଂସକଙ୍କୁ ନିଜ ବାଲକୋନୀରୁ ହାତ ହଲାଇ ଅଭିନନ୍ଦନ ଜଣାଇଥାନ୍ତି। କିନ୍ତୁ ଏଥର ତାଙ୍କୁ ପୁଅ ଅଭିଷେକ ବଚ୍ଚନଙ୍କ ସହିତ ଏକ ସୁରକ୍ଷା କାଚ ଆବରଣ ପଛରେ ଛିଡ଼ା ହେବାର ଦେଖାଯାଇଥିଲା। ଏହି ଘଟଣା ବଲିଉଡ ତାରକା ଓ ସେମାନଙ୍କ ପରିବାର ନେଇ ଚିନ୍ତା ପ୍ରକାଶ କରିଥିଲା ଏବଂ ଅଲ୍ ଇଣ୍ଡିଆନ୍ ସିନେ ୱର୍କର୍ସ ଆସୋସିଏସନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହସ୍ତକ୍ଷେପ ଲୋଡ଼ିଛି। ୧୮ ଅକ୍ଟୋବରରେ ଅଭିନେତା ଟାଇଗର ଶ୍ରଫଙ୍କ କାର୍ ଉପରେ ଗୁଳିଚାଳନା ପରେ ସେଲିବ୍ରିଟିଙ୍କ ସୁରକ୍ଷା ନେଇ ଉଠିଥିବା ଚିନ୍ତା ମଧ୍ୟରେ ଏହି ସଦ୍ୟତମ ଘଟଣା ଘଟିଛି, ଯାହାର ଦାବି ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ କରିଥିଲା। ଚଳିତ ସପ୍ତାହରେ ବଲିଉଡ ତାରକା ତୁଷାର କପୁର ଓ ଆୟୁଷ୍ମାନ ଖୁରାନାଙ୍କୁ ମଧ୍ୟ ବିଷ୍ଣୋଇ ଗ୍ୟାଙ୍ଗ ନାମରେ ଧମକ ମିଳିଥିଲା। କପୁର ଓ ଖୁରାନାଙ୍କୁ ଧମକ ଦେବା ନେଇ ବୁଧବାର ମୁମ୍ବାଇ କ୍ରାଇମ୍ ବ୍ରାଞ୍ଚ ଜଣେ ୩୦ ବର୍ଷୀୟ ବେଙ୍ଗାଲୁରୁର ଆଇଟି ଇଞ୍ଜିନିୟରଙ୍କୁ ଗିରଫ କରିଥିଲା। ତାଙ୍କର ବିଷ୍ଣୋଇ ଗ୍ୟାଙ୍ଗ ସହିତ କୌଣସି ସମ୍ପୃକ୍ତି ଜଣାପଡ଼ିନାହିଁ।





ଗ୍ରାହକ ସେବା ଓ ନେଟୱର୍କ ସମ୍ପ୍ରସାରଣକୁ ଜାୱା ୟେଜଦିର ଗୁରୁତ୍ୱ

ଭୁବନେଶ୍ୱର, ୬।୧୧ (ନି.ପ୍ର) : ଜାୱା ୟେଜ୍‌ଦି ମୋଟରସାଇକେଲ ପାଇଁ ମୌଳିକ ସେବାଗୁଡିକ ଏହାର ଯାତ୍ରାର ପରବର୍ତ୍ତୀ ଅଧ୍ୟାୟ ପାଇଁ କେନ୍ଦ୍ରବିନ୍ଦୁ ପାଲଟିଛି। ଗତ କିଛି ବର୍ଷ ହେବ ଜାୱା ୟେଜ୍‌ଦି ଏହାର ନେଟ୍‌ୱର୍କ ପହଂଚ, ପାର୍ଟସ ଉପଲବ୍ଧତା, ଉତ୍ପାଦ ଗୁଣବତା ଓ ସେବା କ୍ଷେତ୍ରରେ ମାଲିକାନାର ମୂଳଦୁଆକୁ ମଜବୁତ କରିବା ଉପରେ ବହୁମାତ୍ରାରେ ଧ୍ୟାନ ଦେଉଛି। ସବୁଠାରୁ ଦୃଶ୍ୟାତ୍ମକ ପରିବର୍ତ୍ତନ ହେଉଛି ବ୍ରାଣ୍ଡର ଭୌତିକ ଉପସ୍ଥିତି। ଜାୱା ୟେଜ୍‌ଦି ଏହାର ନେଟ୍‌ୱର୍କ ସମ୍ପ୍ରସାରଣକୁ ବୃଦ୍ଧି କରିଥିବା ବେଳେ ୨୦୨୬ରେ ୫୦୦ ଡିଲରସିପ୍ ମାଇଲଷ୍ଟୋନ ହାସଲ କରିବା ଦିଗରେ ଅଗ୍ରସର ହେଉଛି। କମ୍ପାନୀ ୨୦୨୭-୨୮ ଆର୍ଥିକ ବର୍ଷ ସୁଦ୍ଧା ଭାରତବ୍ୟାପୀ ୭୦୦ରୁ ଅଧିକ ଟଚ୍‌ପଏଂଟରେ ପହଂଚିବା ପାଇଁ ଏକ ରୋଡମ୍ୟାପ ମଧ୍ୟ ପ୍ରସ୍ତୁତ କରିଛି।

ଏସମ୍ପର୍କରେ କ୍ଲାସିକ ଲିଜେଣ୍ଡସ୍‌ର ସହପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି, ଗତ କିଛି ବର୍ଷ ହେବ ଆମେ ଆମର ନେଟ୍‌ୱର୍କ ବିସ୍ତାର କରିବାଠାରୁ ଆରମ୍ଭ କରି ସେବା ପହଂଚକୁ ଉନ୍ନତ କରିବା, ପାର୍ଟସ ଉପଲବ୍ଧତା ବୃଦ୍ଧି କରିବା ଏବଂ ଶିଳ୍ପ-ଅଗ୍ରଣୀ ଓନରସିପ ଆସ୍ୟୁରାନ୍ସ ପ୍ରୋଗ୍ରାମ ଆରମ୍ଭ କରିବା ପର୍ଯ୍ୟନ୍ତ ସେହି ଅନୁଭୂତିର ପ୍ରତ୍ୟେକ ଦିଗକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେଇଛୁ। ଆମର ପ୍ରତିବଦ୍ଧତା ଖୁବ୍ ସରଳ: ତାହା ହେଉଛି ଏକ ଜାୱା, ୟେଜଦି କିମ୍ବା ବିଏସଏ ମୋଟରସାଇକେଲ କ୍ରୟ ସହିତ ପ୍ରତ୍ୟେକ ଚାଳକ ଯେପରି ଆତ୍ମବିଶ୍ୱାସ, ନିର୍ଭରଯୋଗ୍ୟତା ଓ ମାନସିକ ଶାନ୍ତି ପାଇବେ ତାହା ନିଶ୍ଚିତ କରିବା।

ଏହି ସମ୍ପ୍ରସାରଣ ଉଦୀୟମାନ ବଜାରଗୁଡିକରେ ବ୍ରାଣ୍ଡର ଉପସ୍ଥିତିକୁ ବୃଦ୍ଧି କରିଛି ଏବଂ ଏହାକୁ ଦେଶବ୍ୟାପୀ ଚାଳକ ସମୁଦାୟର ନିକଟତର କରିଛି। ନେଟ୍‌ୱର୍କ ସମ୍ପ୍ରସାରଣ ହେବା ଫଳରେ ଚାଳକମାନେ ଏବେ ନିଜ ଘର ନିକଟରେ ଏହି ବ୍ରାଣ୍ଡର ମୋଟରସାଇକେଲ କିଣିବାକୁ ସକ୍ଷମ ହୋଇପାରିବେ ଏବଂ ମରାମତି ଓ ବିକ୍ରି ପରବର୍ତ୍ତୀ ସହାୟତା ମଧ୍ୟ ପାଇପାରିବେ। ସେହିପରି ଜାୱା ୟେଜ୍‌ଦି ନିଜର ସ୍ପେୟାର-ପାର୍ଟସ ଇକୋସିଷ୍ଟମକୁ ସୁଦୃଢ଼ କରିଥିବା ବେଳେ ଏହାର ପ୍ରାଧିକୃତ ସେବା ଭିତିଭୂମି ଅସଲି ପାର୍ଟସ ଓ କ୍ୟୁମେବୁଲ୍ସ ପାଇଁ ପହଂଚ ପ୍ରଦାନ କରୁଛି। କମ୍ପାନୀର ଲିଜେଣ୍ଡସ୍ କେୟାର କ୍ୟାମ୍ପ ଭଳି ଅଭିଯାନଗୁଡିକ ଚାଳକଙ୍କ ପାଇଁ ପାର୍ଟସ, ସେବା ଓ ରକ୍ଷଣାବେକ୍ଷଣ ସହାୟତା ଉପଲବ୍ଧ କରୁଛି। ଏହାର ନୂଆ ମୋଟରସାଇକେଲଗୁଡିକ ଏକ ଷ୍ଟାଣ୍ଡାର୍ଡ ୪ ବର୍ଷ/ ୫୦,୦୦୦ କିମି ୱାରେଂଟି ସହ ସମର୍ଥିତ ଥିବାବେଳେ ଅତିରିକ୍ତ ମାଲିକାନା କାର୍ଯ୍ୟକ୍ରମଗୁଡିକ ବର୍ଦ୍ଧିତ କଭରେଜ, ଏଏମସି ବିକଳ୍ପ ଓ ରୋଡସାଇଡ ଆସିଷ୍ଟାନ୍ସ ପ୍ରଦାନ କରୁଛନ୍ତି।

ପାର୍ବଣ ଋତୁରେ ସୁରକ୍ଷିତ ଡିଜିଟାଲ୍ ପେମେଣ୍ଟ ପାଇଁ ଏନ୍ ପିସିଆଇ ପକ୍ଷରୁ ୫ ପ୍ରମୁଖ ସୁରକ୍ଷା ପରାମର୍ଶ

କଟକ, ୬।୧୧ (ନି.ପ୍ର) : ପର୍ବପର୍ବାଣୀ ହେଉଛି ଆନନ୍ଦ ଉତ୍ସବ, ଉପହାର ଆଦାନପ୍ରଦାନ ଏବଂ କିଣାକିଣିର ଗତିବିଧି ବୃଦ୍ଧି ପାଇବାର ସମୟ। ଏହି ଅବସରରେ ଅନଲାଇନ୍ ଓ ଅଫଲାଇନ୍ ଉଭୟ ବଜାରରେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଆକର୍ଷଣୀୟ ରିହାତି, ସୀମିତ ସମୟ ପାଇଁ ସ୍ୱତନ୍ତ୍ର ବିକ୍ରୟ ଅଫର୍ ଏବଂ କ୍ୟାଶବ୍ୟାକ୍ ସୁବିଧା ଉପଲବ୍ଧ କରାଯାଇଥାଏ। ଏଭଳି ଆକର୍ଷଣୀୟ ଅଫର୍ ଗ୍ରାହକଙ୍କୁ ତରବରିଆ ଭାବେ କିଣାକିଣି ସମ୍ପର୍କିତ ନିଷ୍ପତ୍ତି ନେବାକୁ ପ୍ରଲୋଭିତ କରିଥାଏ। ପାର୍ବଣ ଋତୁର ଏହି ବ୍ୟସ୍ତତା ମଧ୍ୟରେ ଅତ୍ୟଧିକ ଆକର୍ଷଣୀୟ ତଥା ଅବିଶ୍ୱସନୀୟ ଅଫର୍ ହାତଛଡ଼ା ନକରିବା ଆଶାରେ ଅନେକ ଲୋକ ବିନା ଯଥେଷ୍ଟ ଯାଞ୍ଚରେ ତରବରିଆ ଭାବେ ନିଷ୍ପତ୍ତି ନେଇଥାନ୍ତି। ପାର୍ବଣର ବିଶେଷ ଅଫର୍ କିମ୍ବା ଶୁଭେଚ୍ଛା କାର୍ଡ ପଠାଇବା ନାଁରେ ଆସୁଥିବା ଲିଙ୍କ୍ ସମେତ ଅଜଣା ଉତ୍ସରୁ ଆସୁଥିବା କୌଣସି ଲିଙ୍କ୍‌ରେ କ୍ଲିକ୍ କରନ୍ତୁ ନାହିଁ କିମ୍ବା ଫାଇଲ୍ ଡାଉନଲୋଡ୍ କରନ୍ତୁ ନାହିଁ। ଏଭଳି ଲିଙ୍କ୍ ଆପଣଙ୍କୁ ନକଲି ୱେବସାଇଟ୍‌କୁ ନେଇଯାଇପାରେ। ଏଥିସହ ଆପଣଙ୍କ ମୋବାଇଲ୍ କିମ୍ବା ଅନ୍ୟ ଡିଜିଟାଲ୍ ଡିଭାଇସ୍‌ର ସୁରକ୍ଷାକୁ ବିପଦରେ ପକାଇପାରୁଥିବା କ୍ଷତିକାରକ ସଫ୍ଟୱେର୍ ମଧ୍ୟ ଏଥିରେ ରହିଥାଇପାରେ।

କେବଳ ଅଫିସିଆଲ୍ ପ୍ଲାଟଫର୍ମ ମାଧ୍ୟମରେ ହିଁ ପେମେଣ୍ଟ ସମ୍ପୂର୍ଣ୍ଣ କରନ୍ତୁ: କେତେକ ସାଇବର ଠକେଇରେ ଠକମାନେ ଗ୍ରାହକଙ୍କୁ ସପିଂ ଆପ୍ କିମ୍ବା ୱେବସାଇଟ୍ ବାହାରେ ଥିବା ଅନ୍ୟ ୟୁପିଆଇ ଆଇଡି କିମ୍ବା ପେମେଣ୍ଟ ଲିଙ୍କ୍ ମାଧ୍ୟମରେ ଟଙ୍କା ପଠାଇବାକୁ ପ୍ରଲୋଭିତ କରିଥାନ୍ତି। ଏହାଦ୍ୱାରା ଅଫିସିଆଲ୍ ପ୍ଲାଟଫର୍ମରେ ଉପଲବ୍ଧ ସୁରକ୍ଷା ଯାଞ୍ଚ ପ୍ରକ୍ରିୟାକୁ ଏଡ଼ାଇ ଠକେଇ କରିବା ସେମାନଙ୍କ ପାଇଁ ସହଜ ହୋଇଥାଏ। ତେଣୁ, ସମସ୍ତ ଅର୍ଥ କାରବାର ସମ୍ପୃକ୍ତ ସପିଂ ଆପ୍ କିମ୍ବା ୱେବସାଇଟ୍‌ର ଅଫିସିଆଲ୍ ଚେକ୍‌ଆଉଟ୍ ପେଜ୍ ମାଧ୍ୟମରେ ହିଁ ସମ୍ପୂର୍ଣ୍ଣ କରନ୍ତୁ। ଏଥିସହ ପେମେଣ୍ଟ କରିବା ପୂର୍ବରୁ ବିକ୍ରେତାଙ୍କ ସମସ୍ତ ବିବରଣୀ ଯାଞ୍ଚ କରି ସେଗୁଡ଼ିକର ସତ୍ୟତା ଓ ବିଶ୍ୱସନୀୟତା ନିଶ୍ଚିତ କରନ୍ତୁ।

ମାଗଣା ଭାଉଚର୍ ଏବଂ କ୍ୟାଶବ୍ୟାକ୍ ପ୍ରତିଶ୍ରୁତି ପ୍ରତି ସତର୍କ ରୁହନ୍ତୁ: ରିୱାର୍ଡ, କ୍ୟାଶବ୍ୟାକ୍ କିମ୍ବା ପାର୍ବଣ ଅବସରରେ ବିଶେଷ ଉପହାର ପ୍ରଦାନ କରିବାର ପ୍ରଲୋଭନ ଦେଖାଇ ଆସୁଥିବା ବାର୍ତ୍ତା ମାଧ୍ୟମରେ ସାଇବର ଠକମାନେ ଉପଭୋକ୍ତାଙ୍କଠାରୁ ଓଟିପି, ବ୍ୟାଙ୍କ ଖାତା ସମ୍ପର୍କିତ ବିବରଣୀ କିମ୍ବା ଅଳ୍ପ ପରିମାଣର ଶୁଳ୍କ ଦାବି କରିପାରନ୍ତି। କିନ୍ତୁ, ପ୍ରକୃତ ତଥା ବୈଧ ଅଫର୍ ପାଇବା ପାଇଁ କୌଣସି ସମ୍ବେଦନଶୀଳ ସୂଚନା ଦେବା କିମ୍ବା ଆଗୁଆ ଅର୍ଥ ପୈଠ କରିବାର ଆବଶ୍ୟକତା ନଥାଏ। ଅପ୍ରତ୍ୟାଶିତ ଓଟିପି ଅନୁରୋଧକୁ ବିପଦର ସଙ୍କେତ ଭାବେ ଗ୍ରହଣ କରନ୍ତୁ: କେତେକ ସାଇବର ଠକ ମେସେଜ୍ ମାଧ୍ୟମରେ ଆପଣଙ୍କ ପେମେଣ୍ଟ ବିଫଳ ହୋଇଛି କିମ୍ବା ବ୍ୟାଙ୍କ ଖାତା ବ୍ଲକ୍ ହୋଇଯାଇଛି ବୋଲି ଦାବି କରିଥାନ୍ତି। ଏହାପରେ ଉକ୍ତ ସମସ୍ୟାର ସମାଧାନ କରିବା ବାହାନାରେ ଆପଣଙ୍କଠାରୁ ଓଟିପି ମାଗିଥାନ୍ତି। ବାସ୍ତବରେ, ଉପଭୋକ୍ତା ନିଜେ ଆରମ୍ଭ କରିଥିବା ଆର୍ଥିକ କାରବାରକୁ ନିଶ୍ଚିତ କରିବା ପାଇଁ ହିଁ ଓଟିପି ବ୍ୟବହାର କରାଯାଇଥାଏ। ବ୍ୟାଙ୍କ କିମ୍ବା ଡିଜିଟାଲ୍ ପେମେଣ୍ଟ ଆପ୍ କେବେବି ଫୋନ୍ କଲ୍ କିମ୍ବା ମେସେଜ୍ ମାଧ୍ୟମରେ ଗ୍ରାହକଙ୍କୁ ଓଟିପି ମାଗିନଥାନ୍ତି। ତେଣୁ, କୌଣସି ବ୍ୟକ୍ତି ନିଜକୁ ବ୍ୟାଙ୍କ ଅଧିକାରୀ କିମ୍ବା ପେମେଣ୍ଟ ଆପ୍ର ପ୍ରତିନିଧି ବୋଲି ପରିଚୟ ଦେଇ ଆପଣଙ୍କ ସହ ଯୋଗାଯୋଗ କଲେ ମଧ୍ୟ ତାଙ୍କ ସହ ଓଟିପି କେବେବି ସେୟାର କରନ୍ତୁ ନାହିଁ। ନିଜର ଓଟିପିକୁ ଗୋପନୀୟ ରଖିବା ଦ୍ୱାରା ଆର୍ଥିକ ଠକେଇରୁ ସୁରକ୍ଷିତ ରହିପାରିବେ।

ସୁରକ୍ଷିତ ଡିଜିଟାଲ୍ ଆର୍ଥିକ କାରବାର ସୁନିଶ୍ଚିତ କରିବା ପାଇଁ ଉପଭୋକ୍ତାମାନେ 'ଅଟକନ୍ତୁ, ଚିନ୍ତା କରନ୍ତୁ ଏବଂ ପଦକ୍ଷେପ ନିଅନ୍ତୁ' ନୀତିକୁ ଅନୁସରଣ କରିବା ଆବଶ୍ୟକ। କୌଣସି ଅପ୍ରତ୍ୟାଶିତ ଅନୁରୋଧ ମିଳିଲେ ତୁରନ୍ତ ପ୍ରତିକ୍ରିୟା ନଦେଇ ପ୍ରଥମେ ଅଟକିବା, ମିଳିଥିବା ସୂଚନାର ସତ୍ୟତା ଓ ବିଶ୍ୱସନୀୟତା ଯାଞ୍ଚ କରିବା ଏବଂ ଏହାପରେ ବିବେକପୂର୍ଣ୍ଣ ଭାବେ ପଦକ୍ଷେପ ନେବା ଜରୁରୀ। ଏହି ନୀତିକୁ ଅନୁସରଣ କରିବା ଦ୍ୱାରା ଉପଭୋକ୍ତାମାନେ ନିଜର ଆର୍ଥିକ କାରବାରକୁ ସୁରକ୍ଷିତ ରଖିବା ସହ ବ୍ୟକ୍ତିଗତ ତଥା ସମ୍ବେଦନଶୀଳ ସୂଚନାର ସୁରକ୍ଷା ମଧ୍ୟ ସୁନିଶ୍ଚିତ କରିପାରିବେ। ଅପ୍ରତ୍ୟାଶିତ ଅନୁରୋଧ କିମ୍ବା ବାର୍ତ୍ତା ମିଳିଲେ ପ୍ରଥମେ ଅଟକନ୍ତୁ।

ବାରବାଟିରେ ଜଗନ୍ନାଥ ପୀଠରେ ଅଖଣ୍ଡ ନାମଯଜ୍ଞ ଓ ଅଷ୍ଟପ୍ରହରି

ଡେଲାଙ୍ଗ, ୬।୧୧ (ନି.ପ୍ର) : ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ସାଉରିଆ ପଂଚାୟତର ବାରବାଟି ଠାରେ ତ୍ରାହି ଜଗନ୍ନାଥ ମନ୍ଦିର ପରିସରରେ ୩୫ ତମ ଅଖଣ୍ଡ ନାମଯଜ୍ଞ ଓ ଅଷ୍ଟପ୍ରହରି କାର୍ଯ୍ୟକ୍ରମ



ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବୁଧବାର ଜଳାଧିବାସ , ଗୁରୁବାର ଅଖଣ୍ଡ ନାମ ସଙ୍କୀର୍ତ୍ତନ, ଶୁକ୍ରବାର ଉଦଯାପନୀ ଉତ୍ସବ ତଥା କୁମ୍ଭ ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରାକ୍ତନ ଅଧ୍ୟାପକା ଡ.ପ୍ରତିଭା ମହାରଥି ଯୋଗଦେଇ ପ୍ରଭୁ ଜଗନ୍ନାଥଙ୍କ ମହିମା ସମ୍ପର୍କରେ ଧର୍ମଚର୍ଚ୍ଚା କରିବା ସହିତ ମନ୍ଦିର ନିର୍ମାଣ ପୂର୍ଣ୍ଣାଙ୍ଗ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସେହିପରି ଏହି ଧାର୍ମିକ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଭ୍ୟ ପ୍ରସନ୍ନ ସାହୁ, ପୂର୍ବତନ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ଉପାଧକ୍ଷ ଦୁର୍ବାଶା ନିଶଙ୍କ, ପୂର୍ବତନ ସମିତି ସଭ୍ୟ ଦୁଷ୍ମନ୍ତ ପାଟଶାଣୀ, ସମିତି ସଭ୍ୟା ଅନ୍ନପୂର୍ଣ୍ଣା ରଣଜିତ୍, କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଚିତ୍ରସେନ ନିଶଙ୍କ ପ୍ରମୁଖଙ୍କ ସହିତ ବରିଷ୍ଠନାଗରିକ ମାନେ ଯୋଗ ଦେଇ ଅଖଣ୍ଡ ନାମ ଯଜ୍ଞରେ ସାମିଲ ହୋଇଥିଲେ ।

୧୫୦୦ ମେଗାୱାଟର ପମ୍ପ୍‌ଡ ହାଇଡ୍ରୋ ଷ୍ଟୋରେଜ ପ୍ରକଳ୍ପ ପାଇଁ ରିନ୍ୟୁ ପକ୍ଷରୁ ଏମ୍‌ଓୟୁ ସ୍ୱାକ୍ଷର

ନୂଆଦିଲ୍ଲୀ,୬।୧୧ (ନି.ପ୍ର) : ଏକ ଅଗ୍ରଣୀ ଡିକାର୍ବନାଇଜେସନ ସଲ୍ୟୁସନ୍ସ କମ୍ପାନୀ ରିନ୍ୟୁ ପକ୍ଷରୁ ୯୦୦୦ କୋଟି ଟଙ୍କାର ଏକ ଆନୁମାନିକ ନିବେଶ ରାଶି ସହିତ ଗଞ୍ଜାମ ଜିଲ୍ଲାର ପୁଟବାଲିଠାରେ ୧୫୦୦ ମେଗାୱାଟ ପମ୍ପ୍?ଡ ହାଇଡ୍ରୋ ଷ୍ଟୋରେଜ ପ୍ରକଳ୍ପ ବିକଶିତ କରିବା ପାଇଁ ଆଜି ଭାରତ ରିନିୱେବୁଲ ଏନର୍ଜି ସମିଟ ୨୦୨୬ରେ ଓଡିଶା ସରକାରଙ୍କ ସହ ଏକ ଏମଓୟୁ ସ୍ୱାକ୍ଷର କରାଯାଇଛି । ଏହି ପ୍ରକଳ୍ପ ଓଡିଶାରେ ରିନ୍ୟୁର ବିସ୍ତୃତ ନିବେଶ ଯୋଜନାର ଏକ ଅଂଶ ଅଟେ ଯାହାର ମୋଟ ମୂଲ୍ୟ ପ୍ରାୟ ୪୫,୦୦୦ କୋଟି ଟଙ୍କା ହେବ ବୋଲି ଆଶା କରାଯାଉଛି। ଏହି ଏମ୍?ଓୟୁ ଓଡିଶା ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଛି । ଏହି ପ୍ରସ୍ତାବିତ ପ୍ରକଳ୍ପ ଓଡିଶାର ଶକ୍ତି ସଂରକ୍ଷଣ କ୍ଷମତାକୁ ମଜବୁତ କରିବ ଏବଂ ରାଜ୍ୟର ପାୱାର ଗ୍ରିଡ୍?ରେ ନବୀକରଣଯୋଗ୍ୟ ଶକ୍ତିର ଅନ୍ତର୍ଭୁକ୍ତୀକରଣକୁ ସମର୍ଥନ କରିବ । ପମ୍ପ୍?ଡ ହାଇଡ୍ରୋ ଷ୍ଟୋରେଜ, ନବୀକରଣଯୋଗ୍ୟ ବା ଅକ୍ଷୟ ଶକ୍ତିର ଅସ୍ଥିର ପ୍ରକୃତିକୁ ସନ୍ତୁଳିତ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ, ଗ୍ରିଡ ଫ୍ଲେକ୍ସିବିଲିଟି ଓ ସ୍ଥିରତା ବୃଦ୍ଧି କରିପାରିବ



ଏବଂ ସ୍ୱଚ୍ଛ ଶକ୍ତିର ଏକ ଅଧିକ ନିର୍ଭରଯୋଗ୍ୟ ଯୋଗାଣକୁ ସକ୍ଷମ କରିପାରିବ । ଏହି ପ୍ରକଳ୍ପ ପ୍ରାକୃତିକ ସଂଶାଧନ କ୍ଷମତାକୁ ଉପଯୋଗ କରି ଏବଂ ଅନୁକୂଳ ନୀତିଗତ ଢାଂଚାକୁ ସକ୍ଷମ କରି ସ୍ୱଚ୍ଛ ଶକ୍ତି ନିବେଶ ପାଇଁ ଏକ ଅଗ୍ରଣୀ ଗନ୍ତବ୍ୟସ୍ଥଳୀ ଭାବେ ଉଭା ହେବା ପାଇଁ ଓଡିଶାର ଲକ୍ଷ୍ୟକୁ ସମର୍ଥନ କରିବ । ପମ୍ପଡ୍ ଷ୍ଟୋରେଜ ପ୍ରକଳ୍ପ ଉପରେ ରାଜ୍ୟର ଗୁରୁତ୍ୱ, ନବୀକରଣଯୋଗ୍ୟ ଶକ୍ତିର ଉନ୍ନତ ଏକତ୍ରିକରଣକୁ ସୁଗମ କରିବା ସହ ଏହାର ବିଦ୍ୟୁତ ବ୍ୟବସ୍ଥାର ସ୍ଥିରତାକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି । ଏହି ଚୁକ୍ତି ସମ୍ପର୍କରେ ରିନ୍ୟୁର ପ୍ରତିଷ୍ଠାତା, ଅଧକ୍ଷ ଓ ସିଇଓ ସୁମନ୍ତ ସିହ୍ନା କହିଛନ୍ତି, "ଶକ୍ତି ସଂରକ୍ଷଣ ବର୍ଦ୍ଧିତ ରୂପେ ଭାରତର ସ୍ୱଚ୍ଛ ଶକ୍ତି ରୂପାନ୍ତରଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି । ରିନ୍ୟୁରେ ଆମେ ଏକ ସମନ୍ୱିତ ସ୍ୱଚ୍ଛ ଶକ୍ତି ପ୍ଲାଟଫର୍ମ ନିର୍ମାଣ କରିବା ଉପରେ ଗୁରୁତ୍ୱ ଦେଉଛୁ ଯାହା ନବୀକରଣଯୋଗ୍ୟ ବା ଅକ୍ଷୟ ଶକ୍ତିକୁ ନିର୍ଭରଯୋଗ୍ୟ, ସମୟାନୁବର୍ତ୍ତୀ ସ୍ୱଚ୍ଛ ଶକ୍ତି ପ୍ରଦାନ କରିବା ପାଇଁ ଆବଶ୍ୟକ ସଂରକ୍ଷଣ ଓ ଭିତିଭୂମି ସହ ଏକତ୍ରିତ କରିଥାଏ । ଏହି ପ୍ରସ୍ତାବିତ ୧୫୦୦ ମେଗାୱାଟ ପମ୍ପ୍?ଡ ହାଇଡ୍ରୋ ଷ୍ଟୋରେଜ ପ୍ରକଳ୍ପ ସେହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ଓଡିଶାରେ ଆମର ବର୍ଦ୍ଧିତ ନିବେଶ, ସ୍ୱଚ୍ଛ ଶକ୍ତି ଭିତିଭୂମି ବିକଶିତ କରିବା ପାଇଁ ଆମର ଦୀର୍ଘକାଳିନ ପ୍ରତିବଦ୍ଧତାକୁ ଦର୍ଶାଇବା ସହିତ ରାଜ୍ୟର ଅର୍ଥନୈତିକ ଓ ସାମାଜିକ ବିକାଶରେ ଯୋଗଦାନ ଦେଉଛି । ସ୍ୱଚ୍ଛ ଶକ୍ତି ଭିତିଭୂମିରେ ଏହାର ନିବେଶ ବ୍ୟତୀତ ରିନ୍ୟୁ ପକ୍ଷରୁ ଶିକ୍ଷା, ଜରୁରୀ ସେବା, ସ୍ଥାୟୀ ଜୀବିକା ଓ ଜଳବାୟୁ ସ୍ଥିରତା ଉପରେ ମହତ୍ୱ ସହିତ ଓଡିଶାରେ ବିଭିନ୍ନ ସମୁଦାୟ ବିକାଶ ପଦକ୍ଷେପଗୁଡିକୁ ମଧ୍ୟ କାର୍ଯ୍ୟକାରୀ କରାଯାଉଛି । ଏହାମଧ୍ୟରୁ ଏକ ପ୍ରମୁଖ ପଦକ୍ଷେପ ହେଉଛି ମୟୁରଭଞ୍ଜ ଜିଲ୍ଲାର ପାହାଡପୁରଠାରେ ରିନ୍ୟୁର ନେଟ୍ ଜିରୋ ଭିଲେଜ ପ୍ରୋଗ୍ରାମ, ଯାହା ସ୍ଥାୟୀ ଗ୍ରାମୀଣ ବିକାଶ ପାଇଁ ଏକ ମଡେଲ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି । ପ୍ରଥମ ପର୍ଯ୍ୟାୟ ସୋଲାର ବିଦ୍ୟୁତୀକରଣ, ସୁରକ୍ଷିତ ପାନୀୟ ଜଳ ସୁବିଧା ଓ ସମୁଦାୟ ଭିତିଭୂମିକୁ ସୁଦୃଢ଼ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଛି । ପରବର୍ତ୍ତୀ ପର୍ଯ୍ୟାୟରେ ଯୁବପିଢ଼ି, ମହିଳା, କୃଷକ ଓ ବିସ୍ତୃତ ସମୁଦାୟ ପାଇଁ ଏକ କେନ୍ଦ୍ର ଭାବେ ସେବା ପ୍ରଦାନ କରିବା ପାଇଁ ଏକ ବହୁମୁଖୀ ସମ୍ବଳ କେନ୍ଦ୍ରର ପରିକଳ୍ପନା କରାଯାଇଛି । ଭବିଷ୍ୟତର ହସ୍ତକ୍ଷେପଗୁଡିକ ସମ୍ପର୍କରେ ସୂଚିତ କରିବା ଏବଂ ଏହାର ନେଟ୍?-ଜିରୋ ଲକ୍ଷ୍ୟ ଦିଗରେ ଏକ ସଂରଚିତ ମାର୍ଗ ସ୍ଥାପନ କରିବା ପାଇଁ ଏହି ଗ୍ରାମର କାର୍ବନ ନିର୍ଗମନର ଏକ ବୈଷୟିକ ମୂଲ୍ୟାଙ୍କନ ମଧ୍ୟ କରାଯାଇଛି ।

ପାର୍ବଣରେ ମିଠା ଖାଇବା ସହ ଦାନ୍ତର ଯତ୍ନ ନେବା ଜରୁରୀ : ଦନ୍ତ ବିଶେଷଜ୍ଞ

ଭୁବନେଶ୍ୱର,୬।୧୧ (ନି.ପ୍ର): ପାର୍ବଣ ଋତୁରେ ମିଠା ଖାଇବା ଓ ପରସ୍ପରକୁ ମିଠା ବାଣ୍ଟିବା ଆମ ପରମ୍ପରାର ଏକ ଅଂଶ। ତେବେ ଏହି ସମୟରେ ବାରମ୍ବାର ମିଠା ଖାଇବା ଦ୍ୱାରା ଦାନ୍ତର ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ। ଏଥିପାଇଁ ମିଠା ଖାଇବାର ପରିମାଣ ସହିତ କେତେ ଥର ଖାଉଛୁ, ସେଥିପ୍ରତି ମଧ୍ୟ ସଚେତନ ରହିବା ଆବଶ୍ୟକ ବୋଲି ଦନ୍ତ ବିଶେଷଜ୍ଞ ଡକ୍ଟର ସୋନିଆ ଦତ୍ତା ପରାମର୍ଶ ଦେଇଛନ୍ତି। ଚିନିଯୁକ୍ତ ଖାଦ୍ୟ ଖାଇବା ପରେ ପାଟିରେ ଥିବାଜୀବାଣୁ ଅମ୍ଳ ସୃଷ୍ଟି କରନ୍ତି, ଯାହା ଦାନ୍ତର ବାହାର ଆବରଣକୁ ଦୁର୍ବଳ କରିବା ସହ ଦାନ୍ତ ପୋକ ଖାଇବାର ଆଶଙ୍କା ବଢ଼ାଇଥାଏ।ତେଣୁ ଦିନସାରା ବାରମ୍ବାର ମିଠା ଖାଇବା ପରିବର୍ତ୍ତେମୁଖ୍ୟଖାଦ୍ୟ ଖାଇବାସମୟରେସୀମିତ ପରିମାଣରେ ମିଠା ଖାଇବା ଉଚିତ। ଏହା ସହିତ ଯଥେଷ୍ଟ ପାଣି ପିଇବା, ମିଠା ଖାଇବା ପରେ ପାଟିକୁଳି କରିବା ଏବଂ ରାତିରେ ଶୋଇବା ପୂର୍ବରୁ ଦାନ୍ତ ଘଷିବା ଅଭ୍ୟାସ ରଖିବା ଜରୁରୀ।



ଦୈନନ୍ଦିନ ଦନ୍ତ ଯତ୍ନରେ ଉପଯୁକ୍ତ ଟୁଥ୍‌ପେଷ୍ଟ ବ୍ୟବହାର କରିବା ମଧ୍ୟ ସହାୟକ ହୋଇଥାଏ। ଆୟୁର୍ବେଦିକ ଉପାଦାନରେ ପ୍ରସ୍ତୁତ ଡାବରରେ ଡ଼ପେଷ୍ଟରେ ତମାଳବୀଜ ଓ ପୁଦିନାସତ୍ତ୍ୱ ରହିଛି। ଏହାର ଜୀବାଣୁରୋଧୀ ଗୁଣ ଓ ପାଟିକୁ ଦୀର୍ଘ ସମୟ ସତେଜ ରଖିବାର ବିଶେଷତା ଦୈନନ୍ଦିନ ମୁଖ ଯତ୍ନରେ ସହାୟକ ହୋଇଥାଏ। ଏହା ଭାରତୀୟ ଦନ୍ତ ଚିକିତ୍ସକ ସଂଘ (ଆଇଡିଏ)ର ସ୍ୱୀକୃତି ମୋହର ମଧ୍ୟ ଲାଭ କରିଛି। ପାର୍ବଣର ଆନନ୍ଦ ଉପଭୋଗ କରିବା ସହ ଦାନ୍ତର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ରହିବା ଦ୍ୱାରା ସୁନ୍ଦର ଓ ସୁସ୍ଥ ହସ ବଜାୟ ରଖି ହେବ।

ଏଚପି ପକ୍ଷରୁ ଓମ୍ନିବୁକ ୫ ଏବଂ ପ୍ରୋବୁକ ୪ ଜି୨ଆଇଏସ ଲଂଚ

ଭୁବନେଶ୍ୱର, ୬।୧୧ (ନି.ପ୍ର): ଏଚପି ଇଣ୍ଡିଆ ପକ୍ଷରୁ ଦୁଇଟି ନୂଆ ଲ୍ୟାପଟପ ଏଚପି ଓମ୍ନିବୁକ ୫ ଏବଂ ଏଚପି ପ୍ରୋବୁକ ୪ ଜି୨ଆଇଏସର ଶୁଭାରମ୍ଭ କରାଯାଇଛି । ଏଚପି ଓମ୍ନିବୁକ ୫ ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷାଗତ ଏବଂ ସୃଜନଶୀଳ ପ୍ରୟାସରେ ସହାୟତା କରିବା ପାଇଁ ଡିଜାଇନ୍ କରାଯାଇଥିବାବେଳେ ଏଚପି ପ୍ରୋବୁକ ୪ ଜି୨ଆଇଏସ ଭାରତର ବଢୁଥିବା ବ୍ୟବସାୟ ଏବଂ ପ୍ରଫେସନାଲମାନଙ୍କର ବଦଳୁଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ତିଆରି କରାଯାଇଛି । ଏଚ୍‌ପି ଇଣ୍ଡିଆର ପର୍ସନାଲ୍ ସିଷ୍ଟମ୍ସର ସିନିୟର ଡାଇରେକ୍ଟର୍ ଭିନୀତ ଗେହାନୀ କହିଛନ୍ତି, 'ଭାରତର ଛାତ୍ରଛାତ୍ରୀ ଏବଂ ବ୍ୟବସାୟଗୁଡ଼ିକ ଯେହେତୁ ଅଧିକ ଡିଜିଟାଲ୍ ଭାବରେ ସଂଯୁକ୍ତ ହେଉଛନ୍ତି, ତେଣୁ ପ୍ରଯୁକ୍ତିବିଦ୍ୟା ଠାରୁ ସେମାନଙ୍କର ଆଶା ମଧ୍ୟ ବଦଳୁଛି । ଏଚପି ଓମ୍ନିବୁକ ୫ ଏବଂ ଏଚପି ପ୍ରୋବୁକ ୪ ଜି୨ଆଇଏସ ମାଧ୍ୟମରେ, ଆମେ ଏହିପରି ଏକ ଭିନ୍ନ ଗୋଷ୍ଠୀଙ୍କ ଆବଶ୍ୟକତାକୁ ପୂରଣ କରିପାରିବୁ ।'ଏଚପି ଓମ୍ନିବୁକ ୫ ଏଆଇ-ପ୍ରସ୍ତୁତ ସହ ୧୬ ଟପ୍ସ ପର୍ଯ୍ୟନ୍ତ ଇଂଟିଗ୍ରେଟେଡ୍ ଏନପିୟୁ କ୍ଷମତା ସହିତ ଇଂଟେଲ କୋର୍ ୭ ପ୍ରୋସେସର୍ ଦ୍ୱାରା ପରିଚାଳିତ, ୪୨ ଘଂଟା ପର୍ଯ୍ୟନ୍ତର



ଲୋକାଲ୍ ଭିଡିଓ ପ୍ଲେବ୍ୟାକ ବ୍ୟାଟେରୀ ରହିଛି । ଚାରୋଟି ରଙ୍ଗରେ ଉପଲବ୍ଧ ଏହି ଡିଭାଇସ ୧୧.୭୭ ମିମି ପତଳା ସହ ୧.୧୬ କେଜି ଓଜନ । ସେହିପରି ଏଚପି ପ୍ରୋବୁକ ୪ ଜି୨ଆଇଏସ ଏଆଇ ପିସି ଭାରତର ବଢୁଥିବା ବ୍ୟବସାୟ ଏବଂ ପ୍ରଫେସନାଲମାନଙ୍କ ପାଇଁ ପ୍ରିମିୟମ୍ ଡିଜାଇନ୍ ଏବଂ ଏଆଇ-ପ୍ରସ୍ତୁତ କାର୍ଯ୍ୟଦକ୍ଷତା ଆଣିଥାଏ । ଏହି ଡିଭାଇସ ୧୨ ମିମି ପତଳା ଏବଂ ଓଜନ ମାତ୍ର ୧.୧୮ କେଜି, ସହ ୭୦ ୱାର୍କଆର ବ୍ୟାଟେରୀ କ୍ଷମତା ରଖେ । ତିନୋଟି ରଙ୍ଗରେ ଉପଲବ୍ଧ ଏହି ଡିଭାଇସରେ ରହିଛି ୧୭ ଟପ୍ସ ପର୍ଯ୍ୟନ୍ତ ଏନପିୟୁ କାର୍ଯ୍ୟଦକ୍ଷତା ସହିତ ଇଂଟେଲ୍ କୋର୍ ୭ ପ୍ରୋସେସର ଏବଂ ୩୨ ଜିବି ମେମୋରୀ ଏବଂ ୧ ଟିବି ଷ୍ଟୋରେଜ । ଏଚପି ଓମ୍ନିବୁକ ୫ ୧୪କୁ ଏଚପି ଅନଲାଇନ୍ ଷ୍ଟୋର୍ ଏବଂ ଏଚପି ୱାର୍ଲ୍ଡ ଷ୍ଟୋରରେ ୧୦୯,୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ନଭେମ୍ବର ୧୦ ପର୍ଯ୍ୟନ୍ତ ପ୍ରି-ବୁକ୍ କରାଯାଇପାରିବ । ଯେବେକି ଏଚପି ଓମ୍ନିବୁକ ୫ ୧୪ ନଭେମ୍ବର ୧୦ ରୁ କ୍ରୟ ପାଇଁ ଉପଲବ୍ଧ ହେବ । ସେହିପରି ଏଚପି ପ୍ରୋବୁକ ୪ ଜି୨ଆଇଏସର ମୂଲ୍ୟ ୮୬,୦୦୦ + ଟିକସରୁ ଆରମ୍ଭ ଏବଂ ନଭେମ୍ବର ୬ ତାରିଖ ଧନତେରାସ୍‌ରୁ ମିଷ୍ଟି ସିଲ୍ଭର ରଙ୍ଗରେ ଉପଲବ୍ଧ ହେବ ।

ଡେଲାଙ୍ଗରେ ୩ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତିପ୍ରସ୍ତର ସ୍ଥାପନ


ଡେଲାଙ୍ଗ, ୬।୧୧ (ନି.ପ୍ର): ଡେଲାଙ୍ଗ ବ୍ଲକର ଗଡମୋଟରୀ ପଂଚାୟତ ସ୍ଥିତ ପିଏମଶ୍ରୀ ବିଶ୍ୱନାଥ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ, ସାଉରିଆ ପଂଚାୟତର ଘୋଡିଆଁ କେନ୍ଦ୍ର ପ୍ରାଥମିକ ଓ ଗୋଡିପୁରମାଠିଆ ପଡା ପଂଚାୟତରେ ସତ୍ୟପ୍ରିୟ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମିଶାଇ ମୋଟ ୩ଟି ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟରେ ରୂପାନ୍ତରୀକରଣ ପାଇଁ ଶୁକ୍ରବାର ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଶିଳାନ୍ୟାସ କରିଛନ୍ତି ।



ଏହି କାର୍ଯ୍ୟକ୍ରମ ରେ ମଣ୍ଡଳ ଉନ୍ନୟନ ଅଧିକାରୀ ସମୀର ବେହେରା, ବ୍ଲକ ଶିକ୍ଷାଧିକାରୀ ପୀତବାସ ସେଠୀ, ବ୍ଲକ ସହଶିକ୍ଷାଧିକାରୀ ଲକ୍ଷ୍ମଣ ପ୍ରଧାନ, ଗଡମୋଟରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱଜିତ ବାନାର୍ଜୀ, ଘୋଡିଆଁ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜିକେନ ବେହେରା, ସତ୍ୟପ୍ରିୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ ରଥ , ସ୍ଥାନୀୟ ସରପଂଚ ମାର୍କଣ୍ଡ ମଙ୍ଗରାଜ,ରଜନୀ ଶାସମଲ୍ଲ, ବିଜେପି ଜିଲ୍ଲା ସମ୍ପାଦକ ଗଙ୍ଗାଧର ବରାଳ, ରାଜ୍ୟ ସମ୍ପାଦକ ବିଷ୍ଣୁଦତ୍ତ ବଡଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତ ବାରିକ୍,ପୂର୍ବତନ ଜିଲ୍ଲାପରିଷଦ ମଳୟ ମହାନ୍ତି, ପ୍ରାକ୍ତନ ସରପଂଚ ବିପିନି ବଳବନ୍ତରାୟ,,ବିଜୟ ଚମ୍ପତିରାୟ, ଆତ୍ମକମିଟି ଅଧକ୍ଷ ଲଡୁକିଶୋର ରାଉ, ମଣ୍ଡଳ ସାଧାରଣ ସମ୍ପାଦକ ଲିଳେନ୍ଦ୍ର ଜେନା,ରୋହିତେଶ ଧାଉଡିଆ, ବିଭୂତି ଭୂଜବଳ, ବବଲି କୋଦମା ସିଂହ, ସିଆରସିସି ତପନ ମଲ୍ଲିକ୍, ସୁମିତ୍ରା ମହାପାତ୍ର, ପୂର୍ଣ୍ଣେନ୍ଦ୍ର ଶତ୍ପଥୀ ପ୍ରମୁଖ ଉପସ୍ଥିତ ଥିଲେ । ଗଡମୋଟରୀରେ ସିଆରସିସି ବସନ୍ତ ସେଠୀ ଓ ଦୁର୍ଯ୍ୟୋଧନ ପ୍ରଧାନ, ଘୋଡିଆଁରେ ଶିକ୍ଷକ ହୃଷିକେଶ ବଳିଆରସିଂହ ଓ ସତ୍ୟପ୍ରିୟ ବିଦ୍ୟାଳୟରେ ଜିଲ୍ଲା ସମ୍ପାଦକ ଶ୍ରୀ ବରାଳ ସଭା ସଂଯୋଜନା କରିଥିଲେ ।

ସୋନି ଇଣ୍ଡିଆ ପକ୍ଷରୁ ସିନେମା ଲାଇନ୍ ସିରିଜ୍‌ର ନୂଆ ଫୁଲ୍ ଫ୍ରେମ୍ କ୍ୟାମେରା ଏଫ୍‌ଏକ୍ସ୫ ଉନ୍ମୋଚିତ

ଭୁବନେଶ୍ୱର, ୬।୧୧ (ନି.ପ୍ର) : ସୋନି ଇଣ୍ଡିଆ ପକ୍ଷରୁ ଲୋକପ୍ରିୟ ସିନେମା ଲାଇନ୍ ସିରିଜରେ ନୂଆ ଫୁଲ୍ ଫ୍ରେମ୍ କ୍ୟାମେରା ଏଫ୍‌ଏକ୍ସ୫କୁ ଉନ୍ମୋଚନ କରାଯାଇଛି। ଏହି ଅତ୍ୟାଧୁନିକ କ୍ୟାମେରା ଭିଡିଓ ନିର୍ମାତା ଓ ସିନେମାଟୋଗ୍ରାଫରମାନଙ୍କ ପାଇଁ ବେଶ୍ ଉପଯୋଗୀ। ଏହି କ୍ୟାମେରାରେ ନୂତନ ଭାବେ ବିକାଶ କରାଯାଇଥିବା ଫୁଲ୍ ଫ୍ରେମ୍ ଷ୍ଟାକ୍ଡ ସିଏମ୍‌ଓଏସ୍ ଇମେଜ୍ ସେନ୍ସର୍ ଓ ବିଓଞ୍ଜ ଏକ୍ସଆର୨ ଇମେଜ୍ ପ୍ରୋସେସିଂ ଇଞ୍ଜିନ ରହିଛି। ଏଥିରେ ଏକ ସ୍ୱତନ୍ତ୍ର ଏଆଇ ପ୍ରୋସେସିଂ ୟୁନିଟ୍ ମଧ୍ୟ ସାମିଲ କରାଯାଇଛି। ସିନେମା ଲାଇନ୍ ଏଫ୍‌ଏକ୍ସ ସିରିଜ୍‌ର ଏହି କ୍ୟାମେରା ପ୍ରଥମ ଥର ପାଇଁ ଓପନ୍ ଗେଟ୍ ସୁଟିଂ ଓ ଆଭ୍ୟନ୍ତରୀଣ ଆର୍‌ଏଡବ୍ଲ୍ୟୁ (ଏକ୍ସ-ଓସିଏନ) ରେକର୍ଡିଂକୁ ସମର୍ଥନ କରୁଛି। ଏହା ସହିତ ଏଥିରେ ୫କେ ରିଜୋଲ୍ୟୁସନରେ ୧୨୦ ଫ୍ରେମ୍ ପର୍ଯ୍ୟନ୍ତ ଭିଡିଓ ସୁଟ୍ କରିବାର କ୍ଷମତା ରହିଛି। ଏହି ନୂତନ କ୍ୟାମେରା ସମ୍ପର୍କରେ ସୋନି ଇଣ୍ଡିଆର ଇମେଜିଂ ଓ ପ୍ରଫେସନାଲ୍ ସଲ୍ୟୁସନ୍ସ ବିଜନେସ୍‌ର ମୁଖ୍ୟ ମୁକେଶ ଶ୍ରୀବାସ୍ତବ କହିଛନ୍ତି ଯେ, "ଏଫ୍‌ଏକ୍ସ୫ କ୍ୟାମେରା ହେଉଛି ଆମ ସିନେମା ଲାଇନ୍ ସିରିଜରେ ନୂତନ ଭାବେ ଯୋଡ଼ିହୋଇଥିବା କ୍ୟାମେରା ଯାହାକୁ ଆଧୁନିକ ସିନେ ନିର୍ମାତା ଓ ସିନେମାଟୋଗ୍ରାଫରମାନଙ୍କ ବଦଳୁଥିବା ଚାହିଦାକୁ ନଜରରେ ରଖି ପ୍ରସ୍ତୁତ କରାଯାଇଛି। ଏହାର ନୂତନ ଭାବେ ବିକଶିତ ଫୁଲ୍‌ଫ୍ରେମ୍‌ସେନ୍ସର୍, ଇଂଟରନାଲ୍ ଆର୍‌ଏଡବ୍ଲ୍ୟୁ ରେକର୍ଡିଂ ଦକ୍ଷତା ଓ ଏଫ୍‌ଏକ୍ସ ସିରିଜ୍‌ରେ ପ୍ରଥମ ଧରଣର ଓପନ୍ ଗେଟ୍ ସୁଟିଂ ସହାୟତାକୁ ନେଇ




ଏହା କ୍ରିଏଟରମାନଙ୍କୁ ଅତୁଳନୀୟ ସୃଜନଶୀଳ ନମନୀୟତା ଓ ସିନେମା ପରିପ୍ରକାଶ କରିବାରେ ସଶକ୍ତ କରିବ। ସୋନିରେ ଆମେ ଇମେଜିଂ ପ୍ରଯୁକ୍ତିର ପରିସୀମାକୁ ବ୍ୟାପକ କରିବା ପାଇଁ ଗଭୀର ଭାବେ ପ୍ରତିବଦ୍ଧ ରହିଛୁ ଏବଂ ଏଫ୍‌ଏକ୍ସ୫ ହେଉଛି କ୍ରିଏଟରମାନଙ୍କୁ ଏଭଳି ଟୁଲ୍ ପ୍ରଦାନ କରିବା ପାଇଁ ଆମ ସମର୍ପଣ ଭାବର ପ୍ରମାଣ ଯାହା ସେମାନଙ୍କ ଚିନ୍ତାଧାରାକୁ ଯେକୌଣସି ସୁଟିଂ ପରିବେଶରେ ଜୀବନ୍ତ କରିପାରିବ। ଏହାକୁ ଦୁଇଟି ମଡେଲରେ ଉପଲବ୍ଧ କରାଯାଇଛି। ଏକ୍ସଏଲଆର୍ ହ୍ୟାଣ୍ଡଲ୍ ୟୁନିଟ୍ ସହିତ ଆସୁଥିବା ଆଇଏଲଏମ୍‌ଇ-ଏଫ୍‌ଏକ୍ସ୫ ମଡେଲର ମୂଲ୍ୟ ୫,୬୧,୯୯୦ ଟଙ୍କା ଥିବାବେଳେ କେବଳ ବଡି ଥିବା ଆଇଏଲ୍‌ଏମ୍‌ଇ-ଏଫ୍‌ଏକ୍ସ୫ବି ମଡେଲର ମୂଲ୍ୟ ୫,୦୯,୯୯୦ ଟଙ୍କା ରହିଛି। ଏହା ବ୍ୟତୀତ କ୍ୟାମେରା ପାଇଁ କିଛି ଅତିରିକ୍ତ ସାମଗ୍ରୀ ଭାବେ ୧,୦୫,୯୯୦ ଟଙ୍କାର ଡିଭିଏଫ୍-ଇଏଲ୍୧ ଓଏଲ୍‌ଇଡି ଡିଟାଚେବଲ୍ ଭିଉଫାଇଣ୍ଡର, ୧,୩୩,୯୯୦ ଟଙ୍କାର ଏକ୍ସଏଲଆର୍-ଏଚ୍୨ ଓ ୧୩,୯୯୦ ଟଙ୍କାର ଭିଏମସି-ବିଏନସିୟୁ୧ ଟାଇମ୍ କୋଡ୍ ଆଡାପ୍ଟର୍ କେବୁଲ୍ ମଧ୍ୟ ମିଳୁଛି। ଏହି କ୍ୟାମେରା ଏବଂ ଏହାର ସମସ୍ତ ସାମଗ୍ରୀ ଦେଶର ସମସ୍ତ ସ୍ୱୀକୃତିପ୍ରାପ୍ତ ସୋନି ଖୁଚୁରା ବିକ୍ରୟ କେନ୍ଦ୍ର, ସୋନି କ୍ୟାମେରା ଲାଉଞ୍ଜ, ଆଲଫା ଫ୍ଲାଗସିପ୍ ଷ୍ଟୋର, ସୋନି ସେଂଟର, ଅଫିସିଆଲ୍ ୱେବସାଇଟ୍ www.ShopatSC.com ଓ ଭାରତର ପ୍ରମୁଖ ଇଲେକ୍ଟ୍ରୋନିକ୍ସ ଦୋକାନଗୁଡ଼ିକରେ ଗ୍ରାହକମାନଙ୍କ ପାଇଁ ଉପଲବ୍ଧ ହେଉଛି।

ନିବେଶକଙ୍କୁ ଉଦୟ କୋଟକଙ୍କ ପରାମର୍ଶ: ଗୁଣାତ୍ମକ କମ୍ପାନିରେ ଦୀର୍ଘମିଆଦୀ ନିବେଶ କର

ଭୁବନେଶ୍ୱର, ୬।୧୧ (ନି.ପ୍ର) : ଦୀପାବଳି ଅବସରରେ ନିବେଶକଙ୍କୁ ଦୀର୍ଘମିଆଦୀ ଚିନ୍ତାଧାରା ସହ ନିବେଶ କରିବାକୁ ପରାମର୍ଶ ଦେଇଛନ୍ତି କୋଟକ ମହିନ୍ଦ୍ରା ବ୍ୟାଙ୍କର ପ୍ରତିଷ୍ଠାତା ତଥା ଅଣକାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଉଦୟ କୋଟକ। ସମ୍ବତ ୨୦୮୩କୁ ସ୍ୱାଗତ କରି ସେ କହିଛନ୍ତି, ଗତବର୍ଷ ବିଶ୍ୱ ଅର୍ଥନୀତି ଓ ଆର୍ଥିକ ବଜାରରେ ବହୁ ପରିବର୍ତ୍ତନ ହୋଇଛି। ଭୂରାଜନୈତିକ ଅସ୍ଥିରତା, ବିଶ୍ୱ ବଜାରରେ ଉତଥାନପତନ ଏବଂ ବିଦେଶୀ ସଂସ୍ଥାଗତ ନିବେଶକଙ୍କ (ଏଫ୍‌ଆଇଆଇ) ପୁି ପ୍ରତ୍ୟାହାର ସତ୍ତ୍ୱେ ଭାରତୀୟ ନିବେଶକମାନେ ସେୟାର ବଜାର ଉପରେ ଭରସା ରଖିଛନ୍ତି। ବଜାରରେ ସଂଶୋଧନ ପରେ ଅନ୍ୟ ଦେଶ ତୁଳନାରେ ଭାରତୀୟ ସେୟାର ବଜାରର ମୂଲ୍ୟାୟନ ଅଧିକ ଯୁକ୍ତିଯୁକ୍ତ ହୋଇଛି। ଭାରତର ଅଧିକ ଅଭିବୃଦ୍ଧି ସମ୍ଭାବନା ଏହାର ସକାରାତ୍ମକ ଦିଗ ବୋଲି ସେ କହିଛନ୍ତି।

କୃତ୍ରିମ ବୁଦ୍ଧିମତା (ଏଆଇ) ବିଶ୍ୱ ଅର୍ଥନୀତିରେ ବଡ଼ ପରିବର୍ତ୍ତନ ଆଣିବାକୁ ଯାଉଥିଲେ ମଧ୍ୟ ଏହାକୁ ନେଇ ଅତ୍ୟଧିକ ନିବେଶ ଓ ଋଣ ଗ୍ରହଣ କିଛି କ୍ଷେତ୍ରରେ ସେୟାର ମୂଲ୍ୟକୁ ଅଧିକ ବଢ଼ାଇ ଦେଇଛି। ବିଶ୍ୱ ବଜାରରେ ଏଆଇ ସମ୍ପର୍କିତ ନିବେଶରେ ସଂଶୋଧନ ହେଲେ ପୁି ଭାରତକୁ ଫେରିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଅଶୋଧିତ ତୈଳ ଦର ବୃଦ୍ଧି ଭାରତ ପାଇଁ ଏକ ବଡ଼ ଚିନ୍ତା। ଭାରତ ନିଜ ଆବଶ୍ୟକତାର ଅଧିକାଂଶ ତୈଳ ଆମଦାନି କରୁଥିବାରୁ ଏହାର ପ୍ରଭାବ ଅର୍ଥନୀତି ଉପରେ ପଡ଼ିପାରେ। ସୁଧ ହାର ସମ୍ପର୍କରେ ସେ କହିଛନ୍ତି, ଆଗାମୀ



ଦିନରେ ରେପୋ ହାର ଆଉ ୫୦ରୁ ୭୫ ବେସିସ୍ ପଏଂଟ ବଢ଼ିପାରେ। ଏହା ଦୀର୍ଘମିଆଦୀ ବଣ୍ଡ୍ ଓ ସୁଧ ହାର ଉପରେ ଚାପ ସୃଷ୍ଟି କରିପାରେ। ନିବେଶକମାନେ ବଜାରର ଅଳ୍ପକାଳୀନ ଗତିବିଧିକୁ ଅନୁମାନ କରିବା ପରିବର୍ତ୍ତେ ଗୁଣାତ୍ମକ କମ୍ପାନି, ଆର୍ଥିକ ଶୃଙ୍ଖଳା ଓ ବିପଦ ପରିଚାଳନା ଉପରେ ଗୁରୁତ୍ୱ ଦେବା ଉଚିତ ବୋଲି ଉଦୟ କୋଟକ ପରାମର୍ଶ ଦେଇଛନ୍ତି। ବିଶେଷକରି ଡେରିଭେଟିଭସ କାରବାର କରୁଥିବା ନିବେଶକମାନେ ବଜାରର ଅସ୍ଥିରତା ସହିବା ଭଳି ଆର୍ଥିକ କ୍ଷମତା ରଖିବା ଆବଶ୍ୟକ। ଅତ୍ୟଧିକ ବିପଦ ନେଇ ନିବେଶ କରିବାରୁ ଦୂରେଇ ରହିବା ଉଚିତ। ଅଳ୍ପକାଳୀନ ଲାଭ ପରିବର୍ତ୍ତେ ମଧ୍ୟମ ଓ ଦୀର୍ଘମିଆଦୀ ଲକ୍ଷ୍ୟ ରଖି ନିବେଶ କଲେ ଭଲ ଫଳ ମିଳିପାରିବ ବୋଲି ସେ ମତ ଦେଇଛନ୍ତି। ସେହିପରି କୋଟକ ନିଓର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଶ୍ରୀପାଳ ଶାହ ସମ୍ବତ ୨୦୮୩କୁ ନେଇ ଆଶାବାଦୀ ରହିଛନ୍ତି। ସେ କହିଛନ୍ତି, ଭାରତୀୟ ସେୟାର ବଜାରର ମୂଲ୍ୟାୟନ ଏବେ ଅଧିକ ଯୁକ୍ତିଯୁକ୍ତ ହୋଇଛି ଏବଂ କମ୍ପାନିଗୁଡ଼ିକର ଲାଭ ବୃଦ୍ଧି ନେଇ ଆଶା ରହିଛି। ଅଳ୍ପକାଳୀନ ବଜାର ଗତିବିଧି ଆକଳନ କରିବା କଷ୍ଟକର ହେଲେ ମଧ୍ୟ ଭାରତର ଦୀର୍ଘମିଆଦୀ ଅଭିବୃଦ୍ଧି ସମ୍ଭାବନା ଦୃଢ଼ ରହିଛି। ତେଣୁ ବଜାରରେ ଉପଯୁକ୍ତ ସମୟ ଖୋଜିବା ଅପେକ୍ଷା ପର୍ଯ୍ୟାୟକ୍ରମେ ନିବେଶ କରିବା ଉଚିତ। ନିବେଶକମାନେ ବଜାରରେ ରହିବା ସହ ଦୀର୍ଘମିଆଦୀ ଦୃଷ୍ଟିକୋଣ ଆପଣାଇବା ଆବଶ୍ୟକ ବୋଲି ସେ କହିଛନ୍ତି।

ଶ୍ରୀପାଳ ଶାହ ନିବେଶକଙ୍କୁ ଲାର୍ଜ କ୍ୟାପ, ମିଡ୍ କ୍ୟାପ୍ ଓ ସ୍ମଲ୍ କ୍ୟାପ୍ ସେୟାର ସହ ବିଭିନ୍ନ ସମ୍ପତି ବର୍ଗରେ ନିବେଶ ବିଭାଜନ କରିବାକୁ ପରାମର୍ଶ ଦେଇଛନ୍ତି। ପ୍ରତ୍ୟକ୍ଷ ସେୟାର ସହ ମ୍ୟୁଚୁଆଲ୍ ଫଣ୍ଡ୍‌ରେ ନିବେଶ କରିବା ଉଚିତ। ପରିବର୍ତ୍ତିତ ସୁଧ ହାର ପରିବେଶରେ ଋଣଭିତିକ ନିବେଶ ମଧ୍ୟ ଭଲ ସୁଯୋଗ ଦେଇପାରେ ଏବଂ ଏକ ସନ୍ତୁଳିତ ପୋର୍ଟଫୋଲିଓ ଗଠନରେ ସହାୟକ ହୋଇପାରେ। ଏହି ସମ୍ବତରେ କୋଟକ ସିକ୍ୟୁରିଟିଜ୍‌ର ନୂଆ ପରିଚୟ 'କୋଟକ ନିଓ' ହୋଇଛି। ନୂଆ ପରିଚୟ ମାଧ୍ୟମରେ ନୂଆ ପିଢ଼ିର ନିବେଶକଙ୍କୁ ସରଳ, ସହଜ ଓ ଅଧିକ ସୁଗମ ନିବେଶ ସେବା ଯୋଗାଇବା କମ୍ପାନିର ଲକ୍ଷ୍ୟ ରହିଛି।

ଉଭୟ ଉଦୟ କୋଟକ ଓ ଶ୍ରୀପାଳ ଶାହ ନୂଆ ସମ୍ବତରେ ନିବେଶକଙ୍କୁ ଶୃଙ୍ଖଳିତ ରହିବା, ନିବେଶରେ ବିବିଧତା ରଖିବା ଏବଂ ଦୀର୍ଘମିଆଦୀ ଚିନ୍ତାଧାରା ଆପଣାଇବାକୁ ପରାମର୍ଶ ଦେଇଛନ୍ତି। ବଜାରର ପ୍ରତ୍ୟେକ ପରିବର୍ତ୍ତନକୁ ଆକଳନ କରିବା ପରିବର୍ତ୍ତେ ପର୍ଯ୍ୟାୟକ୍ରମେ ଓ ବିଚାରପୂର୍ବକ ନିବେଶ କଲେ ବିଭିନ୍ନ କ୍ଷେତ୍ରରେ ଉପଲବ୍ଧ ସୁଯୋଗର ଲାଭ ମିଳିପାରିବ। ଦୀପାବଳି ଓ ସମ୍ବତ ୨୦୮୩ ଅବସରରେ ସେମାନେ ନିବେଶକ ଓ ସେମାନଙ୍କ ପରିବାରକୁ ସୁଖ, ସମୃଦ୍ଧି ଓ ଉନ୍ନତିର ଶୁଭେଚ୍ଛା ଜଣାଇଛନ୍ତି।

ଆଞ୍ଚଳିକ ସୃଜନ

ଶନିବାର, ୦୭ ନଭେମ୍ବର ୨୦୨୬, ଭୁବନେଶ୍ୱର Saturday, 07 November, 2026, Bhubaneswar



ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଓ ଫାଉଣ୍ଡେସନ ପକ୍ଷରୁ

ଢିଙ୍କିଆରେ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ପାରାଦୀପ,୬/୧୧ (ନି.ପ୍ର): ଗ୍ରାମୀଣ ଭିତ୍ତିଭୂମିର ବିକାଶ ଓ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଓ ଜେଏସଡବ୍ଲୁ ଫାଉଣ୍ଡେସନ୍ ପକ୍ଷରୁ ଢିଙ୍କିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଢିଙ୍କିଆ ଗ୍ରାମରେ ଏକ କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ଏହି ପଦକ୍ଷେପ ଅଞ୍ଚଳର ସାମୁଦାୟିକ ବିକାଶ ଓ ଉନ୍ନତ ଗମନାଗମନ ବ୍ୟବସ୍ଥା ପ୍ରତି ସଂସ୍ଥାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ?ର ସଭାପତି ଶ୍ରୀ ଅନିଲ କୁମାର ସିଂହଙ୍କ ନେତୃତ୍ୱରେ ଏହି ପଦକ୍ଷେପ ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଗ୍ରାମୀଣ ବିକାଶ ଏବଂ ସାମାଜିକ-ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ଜେଏସଡବ୍ଲୁ ନିରନ୍ତର ପ୍ରୟାସର ଏକ ଅଂଶ। ୧୯୦ ମିଟର ଲମ୍ବ ଓ ୧୨ ଫୁଟ୍ ଚଉଡ଼ା ବିଶିଷ୍ଟ ଏହି କଂକ୍ରିଟ୍ ରାସ୍ତାଟି ବଂଶୀଧର ଭୋଲଙ୍କ ଘରଠାରୁ ଗ୍ରାମର ନଦୀକୂଳ ପର୍ଯ୍ୟନ୍ତ ସଂଯୋଗ ସ୍ଥାପନ କରିବ। ଏହା ସ୍ଥାନୀୟ ଗ୍ରାମବାସୀଙ୍କ ଦୀର୍ଘଦିନର ଏକ ଭିତ୍ତିଭୂମି ଆବଶ୍ୟକତାକୁ ପୂରଣ କରିବ। ବର୍ଷ ବର୍ଷ ଧରି ବିଶେଷକରି ବର୍ଷା ଋତୁରେ ଜଳବନ୍ଦୀ ଓ କାଦୁଆ ରାସ୍ତା ଯୋଗୁଁ ଗ୍ରାମବାସୀମାନେ ଯାତାୟାତରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହା ଦୈନନ୍ଦିନ ଜୀବନ ଓ କାର୍ଯ୍ୟକଳାପକୁ ମଧ୍ୟ ପ୍ରଭାବିତ କରୁଥିଲା। ନୂତନ କଂକ୍ରିଟ୍ ରାସ୍ତା ନିର୍ମାଣ ହେବା ଦ୍ୱାରା



ବର୍ଷସାରା ଯାତାୟାତ ସୁବିଧାଜନକ ହେବା ସହ ଗ୍ରାମବାସୀଙ୍କ ପାଇଁ ନିରାପଦ ଓ ସୁଗମ ଗମନାଗମନ ସୁନିଶ୍ଚିତ ହୋଇପାରିବ। ଏହାଦ୍ୱାରା ଛାତ୍ରଛାତ୍ରୀ, ଚାଷୀ, ବୟସ୍କ ବ୍ୟକ୍ତି ଏବଂ ଜରୁରୀକାଳୀନ ସେବାର ଯାତାୟାତ ମଧ୍ୟ ଅଧିକ ସହଜ ହେବ ବୋଲି ଆଶା କରାଯାଉଛି। ଏହି ପଦକ୍ଷେପକୁ ଗ୍ରାମବାସୀମାନେ ସ୍ୱାଗତ କରିଛନ୍ତି। ଏହି ରାସ୍ତା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଅଞ୍ଚଳରେ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଓ ଜେଏସଡବ୍ଲୁ ଫାଉଣ୍ଡେସନ୍ ପକ୍ଷରୁ ଜାରି ରହିଥିବା ସମାଜ ବିକାଶମୂଳକ କାର୍ଯ୍ୟକ୍ରମରେ ଆଉ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ସ୍ଥାନୀୟ ଜନସାଧାରଣ ଓ ଗ୍ରାମସ୍ତରୀୟ ସଂସ୍ଥାଗୁଡ଼ିକ ସହ ନିରନ୍ତର ସମନ୍ୱୟ ରକ୍ଷା କରି ଗ୍ରାମୀଣ ଭିତ୍ତିଭୂମିକୁ ସୁଦୃଢ଼ କରିବା, ଗମନାଗମନରେ ଉନ୍ନତି ଆଣିବା ଏବଂ ଅଞ୍ଚଳବାସୀଙ୍କ ଜୀବନଧାରଣର ମାନ ବୃଦ୍ଧି କରିବା ଦିଗରେ କମ୍ପାନୀ ପ୍ରତିବଦ୍ଧ ରହିଛନ୍ତି। ଏହି ଶିଳାନ୍ୟାସ ସମାରୋହରେ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍, ପାରାଦୀପର ଉପସଭାପତି ଶ୍ରୀ ମନୋଜ ସିଂହ, ଆସୋସିଏଟ୍ ଉପସଭାପତି ଶ୍ରୀ ସମରେନ୍ଦୁ ପଟ୍ଟନାୟକ ଏବଂ ଜେଏସଡବ୍ଲୁ ଫାଉଣ୍ଡେସନ୍, ପାରାଦୀପର ସିଏସଆର ମୁଖ୍ୟ ଶ୍ରୀ ଅଭିଜିତ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଢିଙ୍କିଆ ଗ୍ରାମର ପ୍ରତିନିଧି ଓ ସ୍ଥାନୀୟ ନେତୃବୃନ୍ଦଙ୍କ ମଧ୍ୟରେ ଢିଙ୍କିଆ ଗ୍ରାମ କମିଟିର ସଭାପତି ମୁରଲୀଧର ସାହୁ, ଢିଙ୍କିଆ ଗ୍ରାମ ପଞ୍ଚାୟତର ୱାର୍ଡ ସଭ୍ୟ ଅନିଲ ଭୋଲ, ଅନନ୍ତ ସ୍ୱାଇଁ ଓ ବସନ୍ତ ଗୋଚ୍ଛାୟତଙ୍କ ସମେତ ଅନ୍ୟାନ୍ୟ ସ୍ଥାନୀୟ ନେତୃବୃନ୍ଦ ମଧ୍ୟ ଯୋଗ ଦେଇଥିଲେ।

ନିଜ ମାଟିକୁ ଫେରାଇ ଆଣିବାରେ ସଫଳ ହେଲା ଜିଲ୍ଲା ପ୍ରଶାସନ

ଭୋଟ ଦେବାରୁ ଓହରିଲେ ଝୁମଡାଙ୍ଗବାସୀ, ଗ୍ରାମରେ ସ୍ୱତନ୍ତ୍ର ସେବା ଶୁଣାଣି ଶିବିର ଅନୁଷ୍ଠିତ

ମାଲକାନଗିରି,୬/୧୧ (ନି.ପ୍ର): :ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶ କ୍ରମେ ଚିତ୍ରକୋଣ୍ଡା ବ୍ଲକ ଅଧୀନସ୍ଥ ଧୂଳିପୁଟ ପଞ୍ଚାୟତର ଆନ୍ଧ୍ର ସୀମାବର୍ତ୍ତୀ ଝୁମଡାଙ୍ଗ ଗ୍ରାମରେ ଏକ ସ୍ୱତନ୍ତ୍ର ଜନଶୁଣାଣି ତଥା ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ସୀମାନ୍ତ ଅଞ୍ଚଳର ନାଗରିକଙ୍କ ନିକଟରେ ଓଡ଼ିଶା ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ମୌଳିକ ସେବା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ, ପୋଲିସ, ସ୍ଥାନୀୟ ଜନପ୍ରତିନିଧି, ଆଦିବାସୀ ସମାଜ ଏବଂ ଗଣମାଧ୍ୟମର ମିଳିତ ସହଯୋଗରେ ଏହି ବୃହତ ପ୍ରଶାସନିକ ପ୍ରୟାସ କରାଯାଇଛି। ଝୁମଡାଙ୍ଗ ଓଡ଼ିଶାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ଆଶ୍ୱାସନା ଦିଆଯାଇଛି। ଆୟୋଜିତ ଏହି ସ୍ୱତନ୍ତ୍ର ଶିବିରରେ ଅତିରିକ୍ତ



ଜିଲ୍ଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ବିଡିଓ ପ୍ରିତା କୁମାର୍ ଏବଂ ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡା ପ୍ରମୁଖ ଉପସ୍ଥିତ ଥିଲେ। ଶିବିର ପରିସରରେ ଗ୍ରାମବାସୀଙ୍କ ପାଇଁ ସାମାଜିକ ସୁରକ୍ଷା, ଆଧାର ପଞ୍ଜୀକରଣ, ଶ୍ରମ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ସ୍ୱାସ୍ଥ୍ୟ ବିଭାଗ ତରଫରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ ଭଳି ବିଭିନ୍ନ ସେବା କ୍ୟାମ୍ପ ଆୟୋଜନ କରାଯାଇଥିଲା।

ଶିବିରରେ ୫୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଯୋଗଦେଇ ନିଜ ନିଜର ସମସ୍ୟା ଉପସ୍ଥାପନ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ବମୋଟ ୧୩୭ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି, ଯେଉଁଥିରେ ୪ଟି ସାମୂହିକ ସମସ୍ୟା ଏବଂ ଅବଶିଷ୍ଟ ଜବ କାର୍ଡ, ରାସନ କାର୍ଡ ଓ ଆବାସ ଯୋଜନା ସମ୍ବନ୍ଧୀୟ ବ୍ୟକ୍ତିଗତ ଅଭିଯୋଗ ଅନ୍ତର୍ଭୁକ୍ତ। ପ୍ରଶାସନ ପକ୍ଷରୁ ସମସ୍ତ ଉପସ୍ଥିତ ଗ୍ରାମବାସୀଙ୍କ ପାଇଁ ମଧ୍ୟାହ୍ନ ଭୋଜନର ସୁବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ କହିଛନ୍ତି, ସୀମାନ୍ତ ଗ୍ରାମ ଝୁମଡାଙ୍ଗ ଓଡ଼ିଶାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଗ୍ରାମବାସୀଙ୍କ ପାଖରେ ଓଡ଼ିଶା ସରକାରଙ୍କ ପ୍ରତ୍ୟେକ କଲ୍ୟାଣକାରୀ ଯୋଜନା ଓ ମୌଳିକ ସୁବିଧା ପହଞ୍ଚାଇବା ଆମର ପ୍ରାଥମିକତା। ପ୍ରଶାସନ ସବୁସମୟରେ ଲୋକଙ୍କ ସହ ରହିଛି ଏବଂ କୌଣସି ବି ପରିସ୍ଥିତିରେ ଆମର ନିଜ ମାଟି ଓ ଲୋକଙ୍କ ବିକାଶରେ ଅବହେଳା କରାଯିବ ନାହିଁ।

ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ଦୃଷ୍ଟିରୁ ପୋଲିସ ପ୍ରଶାସନ ପକ୍ଷରୁ ଦୁଇ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବା ସହ ସୀମାନ୍ତ ଅଞ୍ଚଳରେ ବ୍ୟାରିକେଡିଂ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।ଆନ୍ଧ୍ରପ୍ରଦେଶରେ ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ଓଡ଼ିଶାର ସୀମାନ୍ତ ଗ୍ରାମ ଝୁମଡାଙ୍ଗ ବାସୀ ଭୋଟ ଦେବାକୁ ନ ଯାଇ ଏକ ବଡ଼ ଓ ସକାରାତ୍ମକ ନିଷ୍ପତ୍ତି ନେଇଛନ୍ତି। ପଢ଼ ?ଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ନିର୍ବାଚନରେ ଗ୍ରାମବାସୀ ସାମିଲ ହେବେ ବୋଲି ପୂର୍ବରୁ ଚର୍ଚ୍ଚା ଜୋର ଧରିଥିବା ବେଳେ, ମାଲକାନଗିରି ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନର ତୁରନ୍ତ ହସ୍ତକ୍ଷେପ, ବୁଝାସୁଝା ଓ ସଫଳ ଆଲୋଚନା ପରେ ଗ୍ରାମବାସୀମାନେ ସମ୍ପୂର୍ଣ୍ଣ ଭାବେ ଆନ୍ଧ୍ରକୁ ଭୋଟ ଦେବା ନିଷ୍ପତ୍ତିରୁ ଓହରିଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପ୍ରଶାସନିକ ସ୍ତରରେ ପ୍ରତିଶ୍ରୁତି ଦିଆଯିବା ପରେ ଗ୍ରାମବାସୀମାନେ ଏହାକୁ ଆଦରର ସହ ଗ୍ରହଣ କରିବା ସହ ଆନ୍ଧ୍ର ନିର୍ବାଚନରେ ସାମିଲ ନ ହେବା ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ମାଲକାନଗିରି ଜିଲ୍ଲାପାଳଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଓ ଜିଲ୍ଲା ପ୍ରଶାସନର ଏହି ନିଷ୍ପାପର ପ୍ରୟାସ ସୀମାନ୍ତବାସୀଙ୍କ ଆସ୍ଥା ଜିତିବା ସହ ନିଜ ମାଟିକୁ ଫେରାଇ ଆଣିବାରେ ଏକ ବିରାଟ ସଫଳତା ସାବ୍ୟସ୍ତ ହୋଇଛି।

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ



ବଳଙ୍ଗା, ୬/୧୧ (ନି.ପ୍ର): ବଳଙ୍ଗା ଥାନା ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତର ଗୋପୀନାଥ ପୁର ଉଚ୍ଚ ବିଦ୍ୟାଳୟ ଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚୁଆଲ ମାଧ୍ୟମରେ କରିଛନ୍ତି। ଆଜି ସମଗ୍ର ରାଜ୍ୟରେ ମୋଟ ୧୧୮ଟି ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କରି ଜଣେ ସାଧାରଣ ଆଦିବାସୀ ପରିବାର ଛାତ୍ର ଭାବେ ମୁଁ ପିଲାଦିନର ଅନୁଭୂତି ଏବଂ ଆଗାମୀ ପିଢ଼ି ପାଇଁ ଦେଖିଥିବା ଏକ ବଡ଼ ସ୍ୱପ୍ନର ସାକାର ହେବ। ଆମ ସରକାର ୨୨୦୦ ବିଦ୍ୟାଳୟକୁ ସୁଦୃଢ଼ ଓ ବିକଶିତ କରିବା ପାଇଁ ନିଷ୍ପତି ନେଇଛନ୍ତି। ଏହି ବିଦ୍ୟାଳୟ ଆଗାମୀ ଦିନରେ ଶିକ୍ଷା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ, ସ୍ଥାନୀୟ ସରପଞ୍ଚ ପ୍ରଭାତ ରାୟ, ସମିତି ସଭ୍ୟ ମୁକୁନ୍ଦ ମହାରଣା, ସାଇଁଶ ପଞ୍ଚାୟତ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ଗୋପୀନାଥ ପୁର ପଞ୍ଚାୟତ କାର୍ଯ୍ୟାଳୟ, ବ୍ୟାଙ୍କ ଓ ସୁବିଧା କେନ୍ଦ୍ର ନୂତନ ଗୃହର ଶୁଭ ଉଦଘାଟନ କରିଥିଲେ। ପିପିଲି ଏସ ଡି ପି ଓ ଦେବାଶିଷ ମିଶ୍ର, ବଳଙ୍ଗା ଥାନା ଆଇ ଆଇ ସି ସସ୍ମିତା ସାହୁଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ନିୟୋଜିତ ରହି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ।

ଜିଲ୍ଲା ସ୍ତରୀୟ ଶିଶୁ ସୁରଭି କାର୍ଯ୍ୟକ୍ରମ

ଜଗତସିଂହପୁର, ୬/୧୧ (ନି.ପ୍ର): ପୌର ପରିଷଦ ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଶିଶୁ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ମହାନ୍ତିଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର, ମୁଖ୍ୟ ବକ୍ତା ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜଶ୍ରୀ ସାହୁ, ସମ୍ମାନନୀୟ ଅତିଥି ଭାବରେ ଅନ୍ୟତମ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷେହୀରା ଲାବନ୍ୟବତୀ ବେହେରା, ମଣ୍ଡଳ ଶିକ୍ଷାଧିକାରୀ ମଧୁସ୍ମିତା ପତି, ସୂର୍ଯ୍ୟରଞ୍ଜନ ଦାଶ, ଚିନ୍ମୟ କୁମାର ରାଉତ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶିବ ପ୍ରସାଦ ନାୟକ ଆଦି ଯୋଗ ଦେଇ ଶିଶୁ ପ୍ରତିଭା ବିକାଶର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଜିଲ୍ଲାସ୍ତରୀୟ ଏହି ଶିଶୁ ସୁରଭି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକରୁ ସର୍ବମୋଟ ୨୯୬ ଜଣ ପ୍ରତିଭା ୧୧ଟି ବିଭାଗରେ ଭାଗନେଇ ନିଜନିଜର ପାରଦର୍ଶିତା ପ୍ରତିପାଦିତ କରିଥିଲେ। ଅପରାହ୍ନର ଉଦଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଆଗାମୀ ୧୨ ତାରିଖରୁ ୧୪ ତାରିଖ ମଧ୍ୟରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ। ଜିଲ୍ଲାସ୍ତରୀୟ ଏହି ଶିଶୁ ସୁରଭି କାର୍ଯ୍ୟକ୍ରମର ସଂଯୋଜନା ଓ ଅତିଥି ପରିଚୟ ପ୍ରଦାନ କୃତୀ ଶିକ୍ଷକ ଅଞ୍ଜନ କୁମାର ସାହୁ କରିଥିବା ବେଳେ କୃତୀ ପ୍ରଧାନ ଶିକ୍ଷକ ତୁଳସୀ ପ୍ରସାଦ ମହାପାତ୍ର କୃତୀ ପ୍ରତିଯୋଗୀମାନଙ୍କ ନାମ ତାଲିକା ଘୋଷଣା କରିଥିଲେ। ଉଦ୍ଘାଟନୀ ଉତ୍ସବରେ ବେଦପାଠ କରିଥିଲେ ଶିକ୍ଷକ ରାଜେନ୍ଦ୍ର ବାରିକ। ଏହି କାର୍ଯ୍ୟକ୍ରମକୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ, ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ସଂଯୋଜିକା ସସ୍ମିତା ବାରିକଙ୍କ ସମେତ ସମସ୍ତ କର୍ମଚାରୀ, ଶିକ୍ଷକ ଶିଶିର କୁମାର ତ୍ରିପାଠୀ, ନରେନ୍ଦ୍ର ପରିଡା, ବିଭୁଦତ୍ତ ମିଶ୍ର, ନରେଶ ସାହୁ, ବିନୋଦ ମିଶ୍ର, ମଞ୍ଜୁଲତା ସାହୁ ତଥା ସି. ଆର. ସି ସି ଆର୍ତ୍ତତ୍ରାଣ ଦାସ, ହରେକୃଷ୍ଣ ପରିଡା, ଅମୀୟ ଶୁଭଦର୍ଶନ ସ୍ୱାଇଁ, ପଞ୍ଚାନନ ପୃଷ୍ଟି, ଅବଦୁଲ କୁରବାନ, ଆଲୋକ ରଞ୍ଜନ ଦାସ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ଶେଷରେ ପୁଷ୍ପଲତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

୪୪ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

କଟକ, ୬/୧୧ (ନି.ପ୍ର) : କଟକ ଜିଲ୍ଲାରେ ୪୪ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ଜିଲ୍ଲାସ୍ତରୀୟ ଉତ୍ସବ ବେଣ୍ଟକାର ନୋଡାଲ ହାଇସ୍କୁଲ ପରିସରରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପଦକ୍ଷେପ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସହ ଶିକ୍ଷାର ମାନ ବୃଦ୍ଧିରେ ସହାୟକ ହେବ ବୋଲି କହିଥିଲେ। ସେହିପରି କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ରାଜ୍ୟ ସରକାରଙ୍କ ଏହି ଶିକ୍ଷାଭିତ୍ତିକ ପଦକ୍ଷେପକୁ ସ୍ୱାଗତ କରିବା ସହ ଏହା ଛାତ୍ରଛାତ୍ରୀଙ୍କୁ ବିକଶିତ ଓଡ଼ିଶା ଗଠନରେ ଏକ ଯୁଗାନ୍ତକାରୀ ଭୂମିକା ନିର୍ବାହ କରିବାକୁ ପ୍ରେରଣା ଯୋଗାଇବ



ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ସହ ଆଲୋଚନା କରିଥିଲେ। ଏଥିସହ ବେଣ୍ଟକାର ନୋଡାଲ ହାଇସ୍କୁଲର ସପ୍ତମ ଶ୍ରେଣୀ ଛାତ୍ର ସ୍ମୃତି ରଞ୍ଜନ ସାହୁଙ୍କ ସହ କଥା ହୋଇ ତାଙ୍କ ଜୀବନର ଲକ୍ଷ୍ୟ, ବିଦ୍ୟାଳୟରେ ଉପଲବ୍ଧ ସୁବିଧା ଓ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକଙ୍କ ସମେତ ବହୁ ଅଧିକାରୀ ଓ ଅତିଥି ଉପସ୍ଥିତ ଥିଲେ। ରାଜ୍ୟରେ ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ କରିବା ଏବଂ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କୁ ଉନ୍ନତ ଶିକ୍ଷା ସୁବିଧା ଯୋଗାଇଦେବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ଜିଲ୍ଲାସ୍ତରୀୟ ଯୁବ ଉତ୍ସବର ଉଦଯାପନୀ ସମାରୋହ

କଟକ,୬/୧୧ (ନି.ପ୍ର): ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା କଟକ ଜିଲ୍ଲାସ୍ତରୀୟ ଯୁବ ଉତ୍ସବର ଉଦଯାପନୀ ସମାରୋହ ଆଜି ଇଣ୍ଡୋର ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହେଇଯାଇଛି। ଯୁବବର୍ଗମାନଙ୍କର କାର୍ଯ୍ୟ ଦକ୍ଷତା ସହ ବିକାଶିତ ରାଜ୍ୟ ଓ ଦେଶ ଗଠନରେ ସେମାନଙ୍କୁ ସାମିଲ କରିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ବିଭିନ୍ନ କାର୍ଯ୍ୟକ୍ରମମାନ ଅୟୋଜନ କରାଯାଉଛି। ପଦକ୍ଷେପ ସ୍ୱରୂପ ଯୁବ ବର୍ଗଙ୍କ ପ୍ରୋତ୍ସାହନ ନିମନ୍ତେ କ୍ରୀଡ଼ା, କଳା, ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ



ବିଭିନ୍ନ ପ୍ରତିଯୋଗିତା କରାଯାଇ ସେମାନଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟ ନେଇ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଉତ୍ସବର ଆୟୋଜନ କରଯାଇଥିଲା । ଉଦଯାପନୀ ଉତ୍ସବ ଦିବସରେ ଆୟୋଜିତ ନୁକ୍କଡ ନୃତ୍ୟ ପ୍ରତିଯୋଗିତାରେ ରାଧାନାଥ ଇନଷ୍ଟିଚ୍ୟୁଟ ଅଫ ଏଡଭାନ୍ସ ଷ୍ଟଡି ଏଜୁକେସନ ପ୍ରଥମ, ଭୁବନାନନ୍ଦ ଦ୍ୱିତୀୟ ଓ ଖ୍ରୀଷ୍ଟ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ କବିତା ଲିଖନ ପ୍ରତିଯୋଗୀତାରେ ଇପ୍ସିତା ଜେନା ପ୍ରଥମ, ଆକାଂକ୍ଷା ମିଳନ ଦ୍ୱିତୀୟ ଓ ଶୁଭସ୍ମିତା ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରକାଶ ଥାଉକି ଦୁଇଦିନ ଧରି ଅନୁଷ୍ଠିତ ଉତ୍ସବରେ ଆୟୋଜିତ ହୋଇଥିବା ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନେ ରାଜ୍ୟ ସ୍ତରୀୟ ଯୁବ ଉତ୍ସବରେ ଯୋଗ ଦେବେ। ଉଦଯାପନୀ ସମାରୋହରେ ବରିଷ୍ଠ ସିନେ ଅଭିନେତା ଶ୍ରୀତମ ଦାସ ଅତିଥିଭାବେ ଯୋଗ ଦେଇ ଅଂଶ ଗ୍ରହଣକାରୀ ସମସ୍ତ ଯୁବବର୍ଗଙ୍କୁ ଉତ୍ସାହିତ କରିବା ସହ ସୁସ୍ଥ ସମାଜ ଓ ରାଜ୍ୟର ପ୍ରଗତିରେ ସେମାନଙ୍କର ସକ୍ରୀୟ ଭାଗିଦାରୀ ନିମନ୍ତେ ଆଶାବ୍ୟକ୍ତ କରିଥିଲେ।ମୋ ଭାରତ ଜିଲ୍ଲା ଯୁବ ଅଧିକାରୀ ଶ୍ରୀ ରୋଶନ କୁମାର ଏବଂ ଜିଲ୍ଲା କ୍ରୀଡା ଅଧିକାରୀ,ଶ୍ରୀ ଗଙ୍ଗାଧର ବେହେରା ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ।

ରାୟଗଡ ଜିଲ୍ଲାରେ ତିରିଶିଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପିତ

ରାୟଗଡ , ୬/୧୧ (ନି.ପ୍ର): ରାୟଗଡ ଜିଲ୍ଲାର ତିରିଶିଟି ଗ୍ରାମ ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନା ନିମନ୍ତେ ଶୁକ୍ରବାର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଠାରୁ ଆଭାସୀ ମାଧ୍ୟମରେ ତୃତୀୟ ପର୍ଯ୍ୟାୟରେ ମୋଟ ଛଅ ଶହ ତିରିଶି ଗୋଟି ମଧ୍ୟରୁ ରାୟଗଡ ଜିଲ୍ଲା ପାଇଁ ତିରିଶି ଗୋଟି ଆଦର୍ଶ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି । ସେଥି ମଧ୍ୟରୁ କଲ୍ୟାଣ ସିଙ୍ଗାପୁରରେ ଛଅ ଟି, ବିଷମକଟକ ରେ ପାଞ୍ଚ ?ଟି, ରାୟଗଡ ଓ ଚନ୍ଦ୍ରପୁର ରେ ଚାରୋଟି ଲେଖାଏଁ, ମୁନିଗୁଡା ରେ ତିନୋଟି, ଗୁଣୁପୁର ଓ କାଶୀପୁର ରେ ଦୁଇଟି ଓ କୋଲନରା ଓ ଗୁଡ଼ାରୀ ବ୍ଲକରେ ଗୋଟିଏ ଲେଖାଏଁ ଆଦର୍ଶ ବିଦ୍ୟାଳୟ



ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପିତ ହୋଇଛି । ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ଶ୍ରୀ ମଞ୍ଜୁଳା ମୀଣିଆକା ମିରାବାଲି ଠାରେ ଜିଲ୍ଲା ଶିକ୍ଷାଅଧିକାରୀ ଶ୍ରୀ ଭଜନଲାଲ ମାଝୀ ବୈରାଗୀ ହାଲୁଆ ଓ କାମ୍ପ ମାଲିଗାଁ ଠାରେ ଉପସ୍ଥିତ ରହି ରାଜ୍ୟ ସ୍ତରୀୟ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମର ସିଧା ପ୍ରସାରଣର ସାମିଲ ହୋଇଥିବା ବେଳେ ସମସ୍ତ ବ୍ଲକ ସ୍ତରୀୟ ବିଡ଼ିଓ ଏବଂ ଶିକ୍ଷା ବିଭାଗୀୟ ଅଧିକାରୀ ବୃନ୍ଦ ନିଜ ନିଜ ବ୍ଲକ ସ୍ତରୀୟ ବିଦ୍ୟାଳୟ ଗୁଡିକରେ ମୁଖ୍ୟମନ୍ତ୍ରୀଙ୍କ ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ରାୟଗଡ ଜିଲ୍ଲାରେ ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ଦୁଇଟି, ଦ୍ୱିତୀୟ ପର୍ଯ୍ୟାୟରେ ଛଅଟି ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟର ଘୋଷଣା କରାଯାଇଥିଲା । ପ୍ରତି ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ସ୍ଥାପନ ନିମନ୍ତେ ସରକାର ଲକ୍ଷ୍ୟ ରଖିଛନ୍ତି, ପ୍ରତିଟି ବିଦ୍ୟାଳୟ ପ୍ରାୟ ପାଞ୍ଚ ଏକର ପରିମିତ ଜମିରେ ନିର୍ମାଣ ହେବ, ଏଥିପାଇଁ ସରକାର ପ୍ରାୟ ପାଞ୍ଚକୋଟିରୁ ଆଠ କୋଟି ପର୍ଯ୍ୟନ୍ତ ଅର୍ଥ ବରାଦ କରିବେ । ଫଳରେ ବିଦ୍ୟାଳୟରେ ଶ୍ରେଣୀଗୃହ ସହ ଛାତ୍ରାବାସ, ଇ -ପାଠାଗାର, ବିଜ୍ଞାନାଗାର, ଖେଳପଡ଼ିଆ, ପାନୀୟଜଳର ବ୍ୟବସ୍ଥା, ଶୌଚାଳୟ, କର୍ମଚାରୀଙ୍କ ନିମନ୍ତେ ବାସଗୃହ ଆଦି ଭିତ୍ତିଭୂମି, ପର୍ଯ୍ୟାପ୍ତ ଶିକ୍ଷକ ଓ ଡିଜିଟାଲ ଶିକ୍ଷା ବ୍ୟବସ୍ଥା ପ୍ରଦାନ ସହ ଜିଲ୍ଲାର ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି କରିବା ସହ ରାୟଗଡ଼ାରେ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ପାଇଁ ଏହା ବିଶେଷ ସହାୟକ ହେବ ବୋଲି ଜିଲ୍ଲା ଶିକ୍ଷାଅଧିକାରୀ ଶ୍ରୀ ମାଝୀ କହିଛନ୍ତି । ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସରକାରଙ୍କ ଏହି ଅଭିନବ ପ୍ରୟାସକୁ ବୁଦ୍ଧିଜୀବୀ ଓ ଜନସାଧାରଣ ମହଲରେ ଭୂୟସୀ ପ୍ରଂଶସା କରାଯାଇଛି ।

ରୁଡ଼ସେଟରେ ଏସି ଓ ଫ୍ରିଜ ମରାମତି ତାଲିମ ଶିବିର ଉଦଯାପିତ



ଜଟଣୀ,୬/୧୧ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ପାତ୍ରପଡା ସ୍ଥିତ ୦୬ ନଭେମ୍ବର ୨୦୨୬ ଦିନ କାନାରା ବ୍ୟାଙ୍କ ଆୟୋଜିତ କରିଥିଲା, ଗ୍ରାମୀଣ ଉନ୍ନୟନ ଓ ଆତ୍ମନିଯୁକ୍ତି ପ୍ରତିଷ୍ଠାନ । ଏହାଥିଲା ରୁଡ଼ସେଟରେ ୩୦ ଦିନିଆ ଏସି ଓ ଫ୍ରିଜ ମରାମତି ତାଲିମ ଶିବିର ଆତ୍ମନିଯୁକ୍ତିର ପ୍ରୟାସ । ଏହି କାର୍ଯ୍ୟକ୍ରମଟି ସଫଳତାର ସହ ଆୟୋଜନ କରିଥିଲେ, ପ୍ରତିଷ୍ଠାନର ନିର୍ଦ୍ଦେଶକ ଶ୍ରୀ ଶେଖର ବେହେରା । ଶ୍ରୀ ବେହେରା ମହାଶୟଙ୍କ କରକମଳରେ ଆୟୋଜିତହୋଇ, ଉଦଯାପିତ ହୋଇଯାଇଛି । ସାରା ଓଡ଼ିଶାର ସମସ୍ତ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରୁ ଆସିଥିବା ୩୦ ଜଣ ଯୁବକ ଏହି ତାଲିମରେ ଅଂଶଗ୍ରହଣ କରିଥିଲେ । ୩୦ ଦିନ ଧରି ଚାଲିଥିବା ଏହି ତାଲିମରେ ଏସି ଓ ଫ୍ରିଜ ମରାମତି ସମ୍ବନ୍ଧୀୟ କୌଶଳ ଶିଖାଇବା ସହିତ ଉଦ୍ୟମିତା ବିକାଶ ତାଲିମ ମଧ୍ୟ ପ୍ରଦାନ କରାଯାଇଥିଲା । ଏହି ତାଲିମ ଗ୍ରାମୀଣ ବେରୋଜଗାର ଯୁବକ ମାନଙ୍କୁ ସ୍ୱରୋଜଗାରି କରାଇବାରେ ସାହାଜ୍ୟ କରିବା ସହିତ ରୁଡ଼ସେଟ୍ ରେ ସମ୍ପୂର୍ଣ୍ଣ ଦେୟମୁକ୍ତ ତାଲିମ ବେବସ୍ଥା କରାଯାଇଥିଲା । ଉକ୍ତ ତାଲିମ ଶିକ୍ଷାଧିକାରୀଙ୍କ ପାଇଁ ରହିବା ଓ ଖାଇବା ବ୍ୟବସ୍ଥା ସମ୍ପୂର୍ଣ୍ଣ ରୁଡ଼ସେଟ ଦ୍ୱାରା ଆୟୋଜନ ହୋଇଥିଲା । ଶିକ୍ଷାଧିକାରୀ ଯୁବପିଢ଼ିଙ୍କ ମଧ୍ୟରେ ଏହାର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି । ଆଗାମୀ ଦିନ ମାନଙ୍କରେ ରୁଡ଼ସେଟ ପ୍ରତିଷ୍ଠାନରେ ଏହିଭଳି ଅନେକ ବିଭିନ୍ନ ପ୍ରକାର ଆତ୍ମନିଯୁକ୍ତି ତାଲିମ ଦେବେରେ ପ୍ରତିଷ୍ଠାନର ଆୟୋଜକ ପ୍ରତିଶ୍ରୁତିବଦ୍ଧ । ଯେଉଭଳିକି ମହମବତୀ, ଫିନାଇଲ ଓ ଅନ୍ୟାନ୍ୟ ଘରୋଇ ସାମଗ୍ରୀ ସହିତ ଅଳଙ୍କାର ତିଆରି, କୃଷି ଉଦ୍ୟମୀ, ସିଲାଇ, ବିୟୁଟି ପାର୍ଲର ଆଦି ତାଲିମ ଦେବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ଏହି ଉଦଯାପନି ଉତ୍ଛବରେ ରୁଡ଼ସେଟର ବରିଷ୍ଠ ପ୍ରଶିକ୍ଷକ ଶ୍ରୀ ଦୀପକ ବ୍ରହ୍ମା, ପ୍ରଶିକ୍ଷକ ଶ୍ରୀ ରଜତ କୁମାର ଶତପଥୀ, ବରିଷ୍ଠ ସହାୟିକା ଶ୍ରୀମତୀ ପ୍ରଣିତା ପଣ୍ଡା, ବରିଷ୍ଠ ସହାୟକ ଶ୍ରୀ ସ୍ମୃତି ରଞ୍ଜନ ନାୟକ, ପରିକ୍ଷକ ମହମ୍ମଦ୍ କୁତବୁଦ୍ଦୀନ୍ ଖାନ୍ ଓ ପରିକ୍ଷକ ହିମାଂଶୁ ମୋହନ ରାଉତରାୟ ଉପସ୍ଥିତ ଥିଲେ । ଏଥିସହିତ ନଭେମ୍ବର ମାସ ୦୯ ତାରିଖରୁ ରୁଡ଼ସେଟରେ ଅନୁଷ୍ଠିତ ହେବାକୁ ଯାଉଥିବା ବିୟୁଟି ପାର୍ଲର ତାଲିମ ଶିବିରର ଘୋଷଣା ମଧ୍ୟ ଏହି ମଞ୍ଚରେ କରାଯାଇଥିଲା ।

ବାପି ସରଖେଲଙ୍କ ଭାନୁମତି ପେଡି ଖୋଲିଲେ ପ୍ରକାଶ

ଶ୍ରମିକ ମାନଙ୍କୁ ଶୋଷଣ କରୁଛନ୍ତି ସରଖେଲ : ସଚେତନତାର ବାର୍ତ୍ତା ଦେଲେ ପ୍ରକାଶ

ପାରାଦୀପ, ୬/୧୧ (ନି.ପ୍ର): ପାରାଦୀପ ତୈଳ ବିଶୋଧନାଗାର ଶ୍ରମିକଙ୍କ ସେଟେଲମେଣ୍ଟ ନେଇ ଶ୍ରମିକ ସଙ୍ଘ ଭିତରେ ଆରୋପ ପ୍ରତ୍ୟାରୋପ କମିବାର ନା ଧରୁନି। ଏହି ପରିପ୍ରେକ୍ଷୀରେ ଆଜି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଙ୍କ ନେତୃତ୍ୱାଧୀନ ପୂର୍ବ ଉପକୂଳ ଶ୍ରମିକ ସଙ୍ଘ ତରଫରୁ ରଙ୍ଗିଆଗଡ଼ ସ୍ଥିତ ସଙ୍ଘ କାର୍ଯ୍ୟାଳୟରେ ଆଇଓସିଏଲ ରେ କାର୍ଯ୍ୟରତ ଠିକା ଶ୍ରମିକ ମାନଙ୍କୁ ନେଇ ଏକ ସଭାର ଆୟୋଜନ କରାଯାଇଥିଲା। ପ୍ରକାଶ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ଆଇଓସିଏଲ ର ସେଟେଲମେଣ୍ଟ ରେ ଅହେତୁକ ବିଳମ୍ବ ପାଇଁ ବାପି ସରଖେଲ ଙ୍କୁ ଦାୟୀ କରିଥିଲେ। ପ୍ରକାଶ କହିବାନୁଯାୟୀ ଆଇଓସିଏଲ ରେ ପ୍ରଥମ ସେଟେଲମେଣ୍ଟ ୧୮/୨/୨୦୧୯ ମସିହାରେ ବାପି ସରଖେଲ ୟୁନିଅନ ମାତ୍ର ୪୦ ଟଙ୍କା ବୃଦ୍ଧି କରାଇଥିଲେ। କିନ୍ତୁ ସେତେବେଳେ ଆଇଓସିଏଲ ରେ କେବଳ ସରଖେଲ ଙ୍କ ୟୁନିଅନ ରେ ସମସ୍ତ ଶ୍ରମିକ ସଦସ୍ୟ ଥିଲେ। ତେଣୁ ସରଖେଲ ଚାହିଁଥିଲେ ଅତି ସହଜରେ ୪୦ ଟଙ୍କା ପାରିବର୍ତ୍ତେ ୧୦୦ ଟଙ୍କା କରିପାରିଥାନ୍ତେ। ଏହା ପର ସେଟେଲମେଣ୍ଟ ୧/୨/୨୦୨୨ ମସିହାରେ ହେବା କଥା, କିନ୍ତୁ ସେତେବେଳେ ସ୍ୱର୍ଗତ ଘନଶ୍ୟାମ ଜେନା ଙ୍କ ଏଫସିଆଇ ୟୁନିଅନ ରେ ବହୁ ଶ୍ରମିକ ସଭ୍ୟ ହୋଇସାରିଥିଲେ। ସ୍ୱର୍ଗତ ଘନଶ୍ୟାମ ଜେନା ସେତେବେଳେ ଆନ୍ଦୋଳନ କରି ୨୫୦ ଟଙ୍କା ବଢ଼ିବା ପାଇଁ ଜିଦ କରିଥିଲେ। ସରଖେଲ ସେତେବେଳେ ମ୍ୟାନେଜମେଣ୍ଟ ସହିତ ସଲାସୁତୁରା ହୋଇ ମାତ୍ର ୮୮ ଟଙ୍କାରେ ସେଟେଲମେଣ୍ଟ କରିଥିଲେ ଯାହାକୁ ପ୍ରତିବାଦ କରି ଏଫସିଆଇ ୟୁନିଅନ ଏହି ଶ୍ରମିକ ବିରୋଧୀ ସେଟେଲମେଣ୍ଟ ରେ ଦସ୍ତଖତ କରିନଥିଲେ। ସେହିପରି ତୃତୀୟ ସେଟେଲମେଣ୍ଟ ୧/୨/୨୦୨୫ ରେ ହେବା କଥା କିନ୍ତୁ ଦୀର୍ଘ ୨୨ ମାସ ହେବ ସେଟେଲମେଣ୍ଟ ହୋଇପାରୁନାହିଁ । ୨୩/୬/୨୫ ରେ ଆମ ପୂର୍ବ ଉପକୂଳ ଶ୍ରମିକ ସଙ୍ଘ ଆଇଓସିଏଲ ମୁଖ୍ୟ ଫାଟକ ସମ୍ମୁଖରେ ଆନ୍ଦୋଳନ କରିଥିଲୁ।



ଆଇଓସିଏଲ କର୍ତ୍ତୃପକ୍ଷ ଆମକୁ ଦୁଇମାସ ସମୟ ଦେଇଥିଲେ କ୍ଷ ଆମେ ବହୁବାର ଆଇଓସିଏଲ କର୍ତ୍ତୃପକ୍ଷ ଙ୍କୁ ଏବାବଦରେ ଚିଠି ମଧ୍ୟ ଦେଇଥିଲୁ। କିନ୍ତୁ ଆମ ସଂଘରେ ସଭ୍ୟ ସଂଖ୍ୟା କମ ଥିବାରୁ ଆମେ ପରବର୍ତ୍ତୀ ଆନ୍ଦୋଳନ କୁ ଯାଇପାରିନଥିଲୁ। ତେବେ ଏଫସିଆଇ ୟୁନିଅନ ଗତ ୨୭/୧୦/୨୦୨୬ ଷ୍ଟ୍ରାଇକ ନୋଟିସ ଦେବାପରେ ସେହିଦିନ ଭୁବନେଶ୍ୱର ସ୍ଥିତ ଡେପୁଟି ସିଏଲସି କାର୍ଯ୍ୟାଳୟରେ ଏଫସିଆଇ ୟୁନିଅନ ନେତୃମଣ୍ଡଳୀ ଓ ଆଇଓସିଏଲ କର୍ତ୍ତୃପକ୍ଷ ଙ୍କ ମଧ୍ୟରେ ଦୀର୍ଘ ଆଲୋଚନା ପରେ ୟୁନିଅନ ର ସର୍ବନିମ୍ନ ୧୭୦ ଟଙ୍କା ବୃଦ୍ଧି ପାଇଁ ପ୍ରସ୍ତାବ ରଖିଥିବା ବେଳେ ଆଇଓସିଏଲ ୯୦ ଟଙ୍କା ବୃଦ୍ଧି ପାଇଁ ପ୍ରସ୍ତାବ ରଖିଥିଲା। ତେବେ ଏହାର ପ୍ରତିବାଦ କରି ଏଫସିଆଇ ୟୁନିଅନ ସେହିଦିନ ଷ୍ଟ୍ରାଇକ ଘୋଷଣା ଅନ୍ୟପକ୍ଷରେ ଏହାକୁ ସମର୍ଥନ ଜଣାଇ ପ୍ରକାଶ ତ୍ରିପାଠୀ ଙ୍କ ପୂର୍ବ ଉପକୂଳ ଶ୍ରମିକ ସଙ୍ଘ ମଧ୍ୟ ଶ୍ରମିକ ସ୍ୱାର୍ଥ ସୁରକ୍ଷା ପାଇଁ ଆଇଓସିଏଲ ବିରୋଧରେ ଷ୍ଟ୍ରାଇକ ନୋଟିସ ପଠାଇଥିଲା। ଦୁଇ ଶ୍ରମିକ ସଂଘର ଆନ୍ଦୋଳନ ଡାକରା ପ୍ରଶାସନ ଓ ଆଇଓସିଏଲ ର ମୁଣ୍ଡବ୍ୟଥା ର କାରଣ ପାଲଟିଥିଲା। ଶେଷରେ ଆଲୋଚନା ପରେ ଗତ ଅକ୍ଟୋବର ୨୮ ତାରିଖରେ ଆଇଓସିଏଲ ଶ୍ରମିକଙ୍କ ସେଟେଲମେଣ୍ଟ ରେ ୧୩୨ ଟଙ୍କା ବୃଦ୍ଧି ଘୋଷଣା କରିଥିଲା। ଅନ୍ୟପକ୍ଷରେ ଏଫସିଆଇ ୟୁନିଅନ ଚେଷ୍ଟାରେ ଶ୍ରମିକ ଙ୍କ ୧୩୨ ଟଙ୍କା ବୃଦ୍ଧି ପାଇବା ଏବଂ ବାପି ସରଖେଲ ଙ୍କ ମିଛ ପ୍ରତିଶ୍ରୁତି ଧରା ପଡିଯିବା ପରେ ଏବେ ସେ ମିଛ ନାଟକ ଓ ପ୍ରତିଶ୍ରୁତି ଦଉଛି ବୋଲି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଅଭିଯୋଗ କରି ଏହାକୁ ଦୃଢ଼ ନିନ୍ଦା କରିବା ସହ ଶ୍ରମିକ ମାନେ ଏଭଳି ଛଦ୍ମବେଶି ଓ ଶ୍ରମିକ ବିରୋଧୀ ବ୍ୟକ୍ତି ଙ୍କ ପ୍ରତି ସଚେତନ ରହିବାକୁ ଆହ୍ୱାନ ଦେବାସହ କ୍ଷଣିକ ସୁଖ ପାଇଁ ଭବିଷ୍ୟତ କୁ ଅନ୍ଧାର ଭିତରକୁ ଠେଲି ନଦେବାକୁ ନିବେଦନ କରି କହିଛନ୍ତି। ଏପରିକି ପ୍ରକାଶ ବାପି ସରଖେଲର ଭାନୁମତି ପେଡି ପ୍ରକାଶ ଏପରି ଢଙ୍ଗରେ ଖୋଲିଲେ ଶ୍ରମିକ ମାନେ ତାଳି ମାରି ପ୍ରକାଶ ଙ୍କୁ ସ୍ୱାଗତ ଜଣାଇ ଥିଲେ ଏବଂ ଶ୍ରମିକ ମାନଙ୍କୁ ଯୋଉ ଭଳି ଶୋଷଣ କରୁଛି ଠିକଣା ଜାଗାରେ ଜବାବ ଦେବେ ବୋଲି ପ୍ରକାଶ ଚେତାବନୀ ଦେଇଥିଲେ।

ଅର୍ଣ୍ଣବ ବାତ୍ୟା କ୍ଷତିଗ୍ରସ୍ତ ଋଷୀଙ୍କୁ କ୍ଷତିପୂରଣ ଦିଅନ୍ତୁ ସରକାର

ନଚେତ ବଲାଙ୍ଗିର ରେ ହେବ ବିରାଟ ଋଷୀ ଆନ୍ଦୋଳନ : ଅମରେନ୍ଦ୍ର



ବଲାଙ୍ଗିର, ତା.୦୬.୧୧ – ଅର୍ଣ୍ଣବ ବାତ୍ୟାଜନିତ ବର୍ଷା ଓ ପବନ ଯୋଗୁଁ ଆମ ଜିଲ୍ଲାର ଋଷୀ ବହୁଳ ଭାବରେ କ୍ଷତିଗ୍ରସ୍ତ ହେଉଛନ୍ତି । କିଛି ଜମିରେ ଧାନ ଅମଳ ଶେଷ ପର୍ଯ୍ୟାୟରେ ଥିଲା । ପନିପରିବା ଋଷ ମଧ୍ୟ ବର୍ଷା ପାଣି ଜମି ଯିବାରୁ ପ୍ରାୟତଃ ପଚି ଯାଇଛି । କପା ଋଷ ମଧ୍ୟ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି । ରାଜ୍ୟ ର ଅଲଗା ଅଂଚଳ ଋଷୀଙ୍କ ପାଇଁ ସରକାର କ୍ଷତିପୂରଣ ପାଇଁ ପଦକ୍ଷେପ ନେଉଥିବା ବେଳେ କ୍ରମାଗତ ଭାବରେ ବଲାଙ୍ଗିର ଜିଲ୍ଲା ଋଷୀଙ୍କୁ କ୍ଷତିପୂରଣ ପାଇବାରୁ ବଂଚିତ କରାଯାଉଛି । ଏଣୁ ଏହି ଅର୍ଣ୍ଣବ ବାତ୍ୟା ଯୋଗୁଁ କ୍ଷୟକ୍ଷତି ହୋଇଥିବା ଋଷର ଭରଣା ପାଇଁ ଆମ ଜିଲ୍ଲାର ଋଷୀଙ୍କୁ ରାଜ୍ୟ ସରକାର ଶିଘ୍ର କ୍ଷତିପୂରଣ ପାଇବାର ବ୍ୟବସ୍ଥା କରନ୍ତୁ ନଚେତ ବଲାଙ୍ଗିର ରେ ପୁଣି ଏକ ବିରାଟ ଋଷି ଆନ୍ଦୋଳନ କରି ସରକାରୀ କଳକୁ ଅଚଳ କରିଦିଆଯିବ ବୋଲି ଆଜି ବାତ୍ୟା କ୍ଷତିଗ୍ରସ୍ତ ଋଷୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ହୋଇଥିବା ବିକ୍ଷୋଭ ସମାବେଶରେ ପ୍ରଦେଶ କଂଗ୍ରେସ ସାଧାରଣ ସଂପାଦକ ଅମରେନ୍ଦ୍ର ମିଶ୍ର ପ୍ରଶାସନ ଓ ସରକାରଙ୍କୁ ଚେତାବନୀ ଦେଇଛନ୍ତି । ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଏହି ବିକ୍ଷୋଭ ସମାବେଶରେ ସେ ଅମରେନ୍ଦ୍ର ଆହୁରି ମଧ୍ୟ କହିଥିଲେ ଯେ ଲୋକଙ୍କ ସରକାର କହୁଥିବା ଏହି ସରକାର ଋଷୀଙ୍କ ପ୍ରଧାନ ଶତ୍ରୁ ଅଟେ । ସାର କଳାବଜାରି ହେଉ କି ଧାନ କିଣା ଦୁର୍ନିତି ହେଉ ଯେତେ ଅଭିଯୋଗ କଲେ ମଧ୍ୟ ଏହି ସରକାର ଋଷୀଙ୍କ କଥା ଶୁଣୁ ନାହିଁ । ରାଜ୍ୟ ସରକାରଙ୍କ କୃଷି ମନ୍ତ୍ରୀ ଆମ ଜିଲ୍ଲାରେ ଥିଲେ ହେଁ ଆଜି ପର୍ଯ୍ୟନ୍ତ ଅର୍ଣ୍ଣବ କ୍ଷୟକ୍ଷତି ପାଇଁ ବିଭାଗୀୟ ଅଧିକାରୀ ଙ୍କୁ ନେଇ କୌଣସି ପ୍ରକାର କ୍ଷତି ଆକଳନ କରାଯାଇ ନାହିଁ । ତେଣୁ ଆମର ଦାବି ସରକାର ଯେତେ ଶିଘ୍ର ହେବ କୃଷି ଓ ରାଜସ୍ୱ ବିଭାଗକୁ ନେଇ ଏକ ଯୁଗ୍ମ ସର୍ବେକ୍ଷଣ ଜରିଆରେ ଋଷ ଜମିକୁ ଯାଇ ଶିଘ୍ର ଆକଳନ କରନ୍ତୁ ନଚେତ ଲୋକ ଓ ଋଷୀଙ୍କ ଆକ୍ରୋଶ ର ସମନା ହେବା ପାଇଁ ପ୍ରସ୍ତୁତ ରହନ୍ତୁ । ଜିଲ୍ଲା କୃଷକ ସଂଘ ସଭାପତି ସାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ସମାବେଶରେ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଜୟନ୍ତୀ ପଟେଲ, ଦେଓଗାଁ ବ୍ଲକ ଉପାଧକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ,ଓମ୍ ପ୍ରକାଶ କୁମ୍ଭାର, ମନମୋହନ ପଟେଲ, ରାଜ କିଶୋର ବାବୁ, ବୁଲୁ ଦାନୀ, ହୃଦାନନ୍ଦ ଭୋଇ, ଜ୍ୟୋତିଷ ମୁଗ୍ରୀ, ଶ୍ରୀଧର ବାରିକ, ସରୋଜ ରଥ, କାନ୍ତେଶ୍ୱର ପ୍ରଧାନ, ରାମ ପ୍ରସାଦ ମିଶ୍ର, ସରୋଜ ରଥ, ପପୁ ପାତ୍ର, ମନୀଷ ମିଶ୍ର, ଅସୀତ ମିଶ୍ର, ସନ୍ତକ ବହିଦାର, ଅଙ୍କିତ ମିଶ୍ର, ଉମାକାନ୍ତ ସାହୁ, ସୀତାରାମ କୁମ୍ଭାର, ସରୋଜ ମେଶ୍ରା ପ୍ରମୁଖ ସରକାରଙ୍କ ଋଷୀ ମାରଣ ମନୋଭାବ କୁ କଠୋର ସମାଲୋଚନା କରିଥିଲେ । ବିକ୍ଷୋଭ ପରେ ଋଷ କ୍ଷୟକ୍ଷତି ପ୍ରଦାନ ଦାବି ଓ ସାର ଦୁର୍ନିତି ର ଅନୁସନ୍ଧାନ ସହ ଦୋଷୀଙ୍କୁ ଦଣ୍ଡ ଦାବିରେ ଏକ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅନନ୍ତ ଚୌହାନ, ପ୍ରଫୁଲ୍ଲ ଦାଶ, ପ୍ରଦୋଶ ପାଣିଗ୍ରାହୀ, ଅର୍ଜୁନ ସାହୁ, ପ୍ରତାପ ଦୀପ, ପଦ୍ମନ ଛତ୍ରିଆ, ନିତନ ହୋତା, ଲଳିତ ପଟେଲ, ସମିର କୁମ୍ଭାର, ହରି ନନ୍ଦ, ବିରୋଧ ତାଣ୍ଡି, ଶ୍ୟାମ ସାଏ, ହିମାଂଶୁ ନାଏକ, କୈଳାସ ମିଶ୍ର, ମିଟୁ ସାହୁ, ଯୁଗନ ପଧାନ, ଲାଲୁ ପଧାନ, ଅବଦୁଲ ରଜାକ, ବୈଷ୍ଣବ ଧରୁଆ, ଫିରୋଜ ସାହୁ, ସଂକିର୍ତନ ମେହେର, ଜ୍ୟୋତିରଂଜନ ନାଗ, ସାନ୍ତନୁ ସିଂହ, ସଂଜିବ ପଧାନ, ଜୁଲୁ ପଟ୍ଟନାୟକ, ଅଶୋକ ପଟେଲ,ସୋହନ ନାଗ ପ୍ରମୁଖ ସାମିଲ ଥିଲେ ।

ଅନୁଗୋଳ ବିଜେପିର ମିଶ୍ରଣ ପର୍ବ



ଅନୁଗୋଳ: ସ୍ଥାନୀୟ ମିଶ୍ରପଡା ସ୍ଥିତ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟ ଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ମିଶ୍ରଣ ପର୍ବ ଆୟୋଜିତ ହୋଇଯାଇଛି । ଅନୁଗୋଳ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅଙ୍ଗାରବନ୍ଧ ଓ ତଳଗଡ ଗ୍ରାମ ପଞ୍ଚାୟତର ବହୁ ବିଜେଡି କର୍ମୀ ଓସମର୍ଥକ ବିଜେଡି ଦଳ ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଥିଲେ । ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ,ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝିଙ୍କ ବିକାଶମୁଖୀ କାର୍ଯ୍ୟଧାରା, ଓଡିଶା ମାଟିର ସୁପୁତ୍ର ମାନ୍ୟବର ସାଂସଦସମ୍ବଲପୁର ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନଙ୍କ ଓଡ଼ିଶାରେ ବିକାଶଧାରାରେ ସାମିଲ ହୋଇ କାର୍ଯ୍ୟ କରିବାକୁ ଓ ମାନ୍ୟବର ବିଧାୟକ ଅନୁଗୋଳଶ୍ରୀଯୁକ୍ତି ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ବଳିଷ୍ଠ ନେତୃତ୍ୱ ଉପରେ ଆସ୍ଥା ପ୍ରକାଟ କରି ବିଜେଡ଼ିର ବହୁ ନେତା ଓ କର୍ମୀ ଯୋଗଦେଇଥିଲେ । ଏହି ମିଶ୍ରଣପର୍ବରେ ମାନ୍ୟବର ବିଧାୟକ ଅନୁଗୋଳ ଶ୍ରୀଯୁକ୍ତି ପ୍ରତାପ ଚନ୍ଦ୍ର ପ୍ରଧାନ ନୂତନ ଭାବେ ଦଳରେ ଯୋଗଦେଇଥ ?ିବା ସମସ୍ତଙ୍କୁ କର୍ମୀଙ୍କୁ ଦଳୀୟଉତ୍ତରୀୟ ପକାଇ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ । ନୂତନ ସଦସ୍ୟମାନଙ୍କ ଯୋଗଦାନ ଫଳରେ ଅଙ୍ଗାରବନ୍ଧ ଓ ତଳଗଡପଞ୍ଚାୟତରେ ଦଳୀୟ ସଂଗଠନ ଓ ବିକାଶ ମୂଳକ କାର୍ଯ୍ୟକଳାପ ଆହୁରି ବୃଦ୍ଧି ପାଇବା ନେଇ ଶ୍ରୀଯୁକ୍ତ ପ୍ରଧାନ ଆଶା ପ୍ରକଟ କରିଥିଲେ ।

ଏହି ଅବସରରେ ଅଙ୍ଗାରବନ୍ଧ ଓ ତଳଗଡ ପଞ୍ଚାୟତର ସାମଗ୍ରିକ ବିକାଶ, ଜନସାଧାରଣଙ୍କ ସମସ୍ୟାର ସମାଧାନ, ସରକାରୀ ଜନକଲ୍ୟାଣକାରୀ ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚାଇବା ଏବଂ ସାଧାରଣ ଲୋକଙ୍କ ସହିତ ରହି କାର୍ଯ୍ୟ କରିବା ଉପରେ ଶ୍ରୀଯୁକ୍ତ ପ୍ରଧାନ ଗୁରୁତ୍ୱ ଦେଇଥିଲେ । ନୂତନ ଭାବେ ଦଳରେ ସାମିଲ ହୋଇଥିବା ସମସ୍ତ କର୍ମୀଙ୍କୁ ସ୍ୱାଗତ କରିବା ସହ ଆଗାମୀ ଦିନରେ ପଞ୍ଚାୟତର ବିକାଶ ଓ ଜନସେବା କାର୍ଯ୍ୟରେ ସମସ୍ତେ ମିଳିତ ଭାବେ ଯୋଗଦାନ କରିବାକୁ ଶ୍ରୀଯୁକ୍ତ ପ୍ରଧାନ ଆହ୍ୱାନ ଦେଇଥିଲେ ।

ଏହି ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ଅଙ୍ଗାରବନ୍ଧ ପଞ୍ଚାୟତର ସଭାପତି ଶରତ ଦାସ, ସରପଞ୍ଚ ଶ୍ରୀମତୀ ସୁଜାତା ସାହୁ, ବିଜେପି ନେତା ବିରଞ୍ଚି ସାହୁ, ଗିରିଶ ଚନ୍ଦ୍ର ସ୍ୱାଇଁ, କୁଳମଣି ଦାସ, କ୍ଷୀରୋଦ ପ୍ରଧାନ, ହାଡିବନ୍ଧୁ ବେହେରା, ଗଣେଶ୍ୱର ସାହୁ, ପ୍ରସନ୍ନ ସାହୁ, ସୁମନ ଦାସ, ନାଏବ ସରପଞ୍ଚ ସୁରଥ୍ ସୁଳ, କୀର୍ତ୍ତନ ଦାସ, ସୁରେଶ ଦାସ, ବିଷ୍ଣୁ ଦାସ, ଉତ୍ତଳାଦାସ, ପଞ୍ଚାଳି ଦାସ, ରଞ୍ଜିତା ଦାସ, ହେମଲତା ଦାସ, ଚଞ୍ଚଳା ଦାସ ଓମମତା ଦାସଙ୍କ ସମେତ ବହୁ ଯୁବ, ମହିଳା ଓ ଦଳୀୟ ସମର୍ଥକ ଉପସ୍ଥିତ ଥିଲେ ।ସେହିପରି ତଳଗଡ ପଞ୍ଚାୟତର ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ସରପଞ୍ଚ ଅରବିନ୍ଦ ପ୍ରଧାନ, ସମିତି ସଭ୍ୟ ପ୍ରଦ୍ୟୁମ୍ନ କୁମାର ସାହୁ, କୃତିବସ ପ୍ରଧାନ,ନରେଶ ସାହୁ, ପ୍ରସନ୍ନ କୁମାର ସାହୁ, ସିକୁ ସାହୁ, ମନୋଜ ପ୍ରଧାନ, ଜନାର୍ଦ୍ଦନ ଦେହୁରୀ, ପ୍ରକାଶ ଚନ୍ଦ୍ର ପ୍ରଧାନ, ଇଶ୍ୱର ଦେହୁରୀ, ଗିରୀଶ ନାଏକ,ନରେଶ ନାଏକ, ସୁମତି ନାଏକ, ଖୁଲଣା ନାଏକ, ଲକ୍ଷ୍ମୀ ନାଏକ, ସୁକାନ୍ତି ନାଏକ ଓ ନଳିନୀ ନାଏକଙ୍କ ସମେତ ବହୁ ପୁରୁଷ ଓ ମହିଳା ଓଦଳୀୟ କର୍ମୀ ଉପସ୍ଥିତ ଥିଲେ ।

ଜନ୍ମ ଦିନରେ ରୋଗୀଙ୍କୁ ଓ ବାଳାଶ୍ରମ ଅନ୍ତେବାସୀଙ୍କୁ ଶୁଖା ଖାଦ୍ୟ ଓ ଫଳ ବାଣ୍ଟିଲେ ଛାତ୍ରୀ


ଆଠମଲ୍ଲିକ(ନିପ୍ର): ଆଠମଲ୍ଲିକ ସହରରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ର ପଞ୍ଚମ ଶ୍ରେଣୀ ର ଛାତ୍ରୀ ହ୍ଲାଦିନୀ ଷଡ଼ଙ୍ଗୀ ୧୨ ତମ ଜନ୍ମ ଦିବସ ଏକ ନିଆରା ଢଙ୍ଗ ରେ ପାଳନ କରିଛନ୍ତି । ହ୍ଲାଦିନୀ ତାଙ୍କ ଜନ୍ମ ଦିବସ ରେ ଆଠମଲ୍ଲିକ ଉପଖଣ୍ଡ ଡାକ୍ତର ଖାନା ରେ ପହଞ୍ଚି ସମସ୍ତ ରୋଗୀ ଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରିଥିବାର ଜଣା ପଡିଛି ।ଏହି ସମୟରେ ଡାକ୍ତର କୁମାର ସୌରଭ ସବ୍ୟସାଚି ବେଉରା,କର୍ମଚାରୀ ବ୍ରଜ ମୋହନ ସାହୁ,ସେବିକା ସଂଘମିତ୍ରା ବେହେରା,ନର୍ସିଙ୍ଗ ଅଫିସର ରୁବି ବିଶ୍ୱାଳ, ମେଡିକାଲ କର୍ମଚାରୀ ଅନ୍ତର୍ଯ୍ୟାମୀ ରାଉଳ,ଗଣମାଧ୍ୟମ ପ୍ରତିନିଧି ସୁବାସ ଶତପଥୀ, ସୁବୋଧ ମିଶ୍ର, ବିନୟ ପଟ୍ଟନାୟକ,,ମେହେମୁଦ ଖାଁ, ଦେବବ୍ରତ ପ୍ରଧାନ, କମଳାକାନ୍ତ ମିଶ୍ର, , ସୁରମ୍ୟ ବଡ଼ମାଳି, ବିଶ୍ୱବିଜୟୀ ଷଡ଼ଙ୍ଗୀ,ଯୁବ ନେତା ଅବିନାଶ ଷଡ଼ଙ୍ଗୀ, ସୋମାଂଶ ଷଡ଼ଙ୍ଗୀ ଡାକ୍ତର ଖାନା ରେ ରୋଗୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରିଥିଲେ । ଏହା ପରେ ବାଳାଶ୍ରମ ରେ ଥିବା ଅନ୍ତେ ବାସି ମାନଙ୍କୁ ମଧ୍ୟ ହ୍ଲାଦିନୀ ଫଳ ବିସ୍କୁଟ ବଣ୍ଟନ କରିଥିବା ଜଣା ପଡିଛି ଏହି ସମୟରେ ବାଳାଶ୍ରମ କର୍ମଚାରୀ ରଞ୍ଜନ ଗଡୁଆ ପ୍ରମୁଖ ଉପସ୍ଥିତ ଥିଲେ ।

ଚାଷୀଙ୍କୁ ପାୱାର ଟିଲର ଯୋଗାଇବା ନାମରେ ଠକେଇ

କୁକୁଡାଖଣ୍ଡି,୬/୧୧ :ପାୱାର ଟିଲର ଯୋଗାଇ ଦେବା ନାମରେ ଜଣେ ଚାଷୀଙ୍କୁ ଠକେଇ ଅଭିଯୋଗରେ ନିମଖଣ୍ଡି ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ବ୍ରହ୍ମପୁର ବଡ଼ବଜାର ଥାନା ପୁରୁଣା ବ୍ରହ୍ମପୁର ନୀଳାଞ୍ଚଳ ସାହି ଦ୍ୱିତୀୟ ଲାଇନର ଅନୀଲ ଶଙ୍କର ମହାରଣା (୨୬) ସେ ଡିଲ୍ସ ଅଫ୍ ଆଗ୍ରୋ ସଂସ୍ଥାର ସିଇଓ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ, ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ଗୁଣ୍ଡିବିରା ଗ୍ରାମର ଅନୀଲ ନାଏକ (୨୮) ଏକ ପାୱାର ଟ୍ରଲର କିଣିବା ପାଇଁ ଅଭିଯୁକ୍ତ ଅନୀଲକୁ ୧ ଲକ୍ଷ ୩୪ ହଜାର ଟଙ୍କା ଅଗ୍ରିମ ଦେଇଥିଲେ ହ୍ଲ ଟଙ୍କା ନେବା ପରେ ଅଭିଯୁକ୍ତ ପାୱାର ଟ୍ରଲର୍ ? ଯୋଗାଇ ନଥିଲେ କି ଟଙ୍କା ଫେରସ୍ତ କରି ନଥିଲେ । ଗତ ଜୁଲାଇ ୧୭ରେ ସେ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ । ଏ ନେଇ ଥାନା ରେ ନଂ ୨୨୯/୨୬ ରେ ଏକ ମାମଲା ରୁଜୁ କରିବା ସହ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ କୃଷ୍ଣ ଶାହା ସୂଚନା ଦେଇଛନ୍ତି ।

ପାଟଣେଶ୍ୱରୀ ମନ୍ଦିର ପରିଷଦରେ କାଳିପୂଜା ରୋକ ଲଗାଇଲା ପ୍ରଶାସନ

ବଲାଙ୍ଗିର,୬।୧୧(ନି.ପ୍ର.): ବଲାଙ୍ଗିର ପାଟଣେଶ୍ୱରୀ ମନ୍ଦିର ଗତ ଦୁଇ ତିନି ଦିନ ହେବ କାଳିପୂଜାକୁ ନେଇ ଦେବୋତ୍ତର ବିଭାଗ ଓ ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ଭକ୍ତଙ୍କ ସହ ଦ୍ୱନ୍ଦ ଜୁଟିଲା ।



ମନ୍ଦିର ପରିସରରେ ମାଁ କାଳିପୂଜା ରୋକ ଲଗାଇଲା ଦେବୋତ୍ତର ବିଭାଗ । ପାଟଣେଶ୍ୱରୀ ଦେବୀ ହେଉଛନ୍ତି ଦକ୍ଷିଣେଶ୍ୱରୀ କାଳି ରୂପେ ପୂଜା ପାଇ ଆସୁଛନ୍ତି ପାଟଣା ଶାସନ ସମୟରେ । ପୂର୍ବ ବର୍ଷରେ କିଛି ଭକ୍ତମାନେ ମାଟିର ପ୍ରତିମୂର୍ତ୍ତି ମାଁ କାଳିଙ୍କ ପୂଜା କରିଥିଲେ ଏ ନେଇ ଭକ୍ତଙ୍କ ମନରେ ଦ୍ୱନ୍ଦ ସୃଷ୍ଟି ହୋଇଥିଲା । ଏ ନେଇ ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ପୁର୍ନର୍ବାର ବିଚର କରିବା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହୋଇଥିଲା । ମନ୍ଦିର ପରିସରରେ ମୂର୍ତ୍ତି ସ୍ଥାପନା ନେଇ ଭକ୍ତଙ୍କ ମନରେ ଦ୍ୱନ୍ଦ ସୃଷ୍ଟି ହୋଇଥିବା ବେଳେ ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହୋଇ ପରଂପରା ଓ ସଂସ୍କୃତି କୁ ବଂଚାଇବା ପାଇଁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବି ଜଣାଇଥିଲେ । ଏ ନେଇ ଦେବୋତ୍ତର କାର୍ଯ୍ୟାଳୟ ୮୭/୨୦୨୬ତା.୦୫.୧୧.୨୦୨୬ ରୋକ ଲଗାଇଲା କାଳିପୂଜା ପାଇଁ ଆୟୋଜିତ ହେବାକୁ ଥିବା ଯଜ୍ଞ ମଣ୍ଡପ ଠାରେ ମାଁ ଦକ୍ଷିଣେଶ୍ୱରୀ କାଳି ଅସ୍ଥାୟୀ ମାଟି ପ୍ରତିମୂର୍ତ୍ତି ପୂଜା କରିବା ପାଇଁ ଅଦ୍ୟାବଧି ପରବର୍ତ୍ତି ଆଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଗଲା ବୋଲି ସୂଚନା ଦେଇଛି । ଦେବାଳୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ର, ସଂପାଦକ ପ୍ରଶାନ୍ତ ମହାକୁର, ଶମ୍ଭୁ ପ୍ରସାଦ ଶତପଥି ଓ ରିଣ୍ଟୁ ସାହୁ ଏ ନେଇ ଏକ ପ୍ରେସ ବିବୃତି ମାଧ୍ୟମରେ ଜଣାଇଛନ୍ତି ।

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଉଦଘାଟନ ଉତ୍ସବ

ଜଗତସିଂହପୁର,୬।୧୧(ନି.ପ୍ର.): ବାଲିକୁଦା ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନହରଣାକୁ ୩ୟ ପର୍ଯ୍ୟାୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ମାନ୍ୟତା ପ୍ରଦାନ କରାଯାଇଛି । ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେରଙ୍କ ଅଧକ୍ଷତାରେ ଆୟୋଜିତ ସ୍ୱତନ୍ତ୍ର ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷ ଓ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ସମ୍ମାନିତ ଅତିଥି ଭାବେ ବାଲିକୁଦା ପଞ୍ଚାୟତ ସମିତି ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି ସରକାରଙ୍କର ଏହି ଅଭିନବ କାର୍ଯ୍ୟକ୍ରମକୁ ଭୁୟସୀ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଓ ବିଦ୍ୟାଧର ଦଣ୍ଡପାଟ, ଜିଲ୍ଲା ପରିଷଦ ସଭ୍ୟା ତଟିନା ସ୍ୱାଇଁ , ସାଂସଦ ପ୍ରତିନିଧି ପ୍ରଶାନ୍ତ କୁମାର ସ୍ୱାଇଁ, ପ୍ରଧାନ ଶିକ୍ଷକ ଅଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଯୋଜନାର ସଫଳତା କାମନା କରିଥିଲେ । ଶିକ୍ଷକ ତପନ କୁମାର ନାୟକ ସଭା ସଞ୍ଚାଳନ କରିଥିଲେ । ବରିଷ୍ଠ ଯନ୍ତ୍ରୀ ଶୁଭେନ୍ଦୁ ବରାଳ, କନିଷ୍ଠ ଯନ୍ତ୍ରୀ ସଂଗ୍ରାମ ପୃଷ୍ଟି, ବିଇଓ ବିଶ୍ୱମ୍ବର ମଲ୍ଲିକ, ଶିକ୍ଷକ ପ୍ରଦୀପ୍ତ କୁମାର ରାଉତ, ଜୀବନ ପ୍ରସାଦ ସାହୁ, ସ୍ମିତାଞ୍ଜଳି ମହାନ୍ତି, କବିତା ବିଶ୍ୱାଳ,ନମିତା ଓଝା, ଉତ୍କଳମଣି ଗୋପବନ୍ଧୁ ବିଦ୍ୟାପୀଠ ନହରଣାର ଶିକ୍ଷକ ସୁଶାନ୍ତ ଶତପଥୀ ଓ ବିଶ୍ୱଜିତ ବେହେରା ଓ ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ହେବ କେବେ ?

ଅସ୍ତରଙ୍ଗ,୬।୧୧(ନି.ପ୍ର.): ଅସ୍ତରଙ୍ଗ ତହସିଲ ଅଧୀନରେ ରହିଛି ବିଭିନ୍ନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ।ମୁଖ୍ୟତଃ ଅସ୍ତରଙ୍ଗ ଓ ନଗର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନରେ ରହିଥିବା ଅଞ୍ଚଳରେ ହଜାର ହଜାର ଏକର ବେଆଇନ ଚିଙ୍ଗୁଡ଼ି ଘେରି କରି ବହୁତ ବାହାର ମାଫିଆ ମାନେ କୋଟି କୋଟି ଟଙ୍କା ଲୁଟି ନେଇଯାଉଛନ୍ତି ।ସରକାରୀ ଜମିରେ ଚାଷ କରି ରାଜସ୍ୱ ନ ଦେଇ ସ୍ଥାନୀୟ ପ୍ରଶାସନକୁ ଠକି ଚାଲିଛନ୍ତି ।ବାରମ୍ବାର ଗଣମାଧ୍ୟମରେ ଖବର ବାହାରିବା ପରେ ଅସ୍ତରଙ୍ଗ ତହସିଲଦାର ଓ ପୁରୀ ଜିଲ୍ଲା ପ୍ରଶାସନ କଣ ପାଇଁ ନୀରବ ରହୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ଜଳ ନିଷ୍କାସନ ନ ହୋଇ ପାରିବାରୁ ଚାଷ ପାଇଁ ଚାଷୀ ମାନେ ହାହାକାର ହେଉଛନ୍ତି ।ଅସ୍ତରଙ୍ଗ ତହସିଲ କାର୍ଯ୍ୟାଳୟରେ ପ୍ରଚୁର ଅର୍ଥ କାରବାର ହେଉଥିବା ଅନନ୍ତ ପ୍ରସାଦ ଛାଟୋଇ, ସରୋଜ କୁମାର ବସ୍ତିଆ ପ୍ରମୁଖ ଅଭିଯୋଗ କରିଛନ୍ତି ।

ବିଶେଷ କରି ଅସ୍ତରଙ୍ଗ,ନଗର, ନୂଆଗଡ଼, ଝାଡ଼ଲିଙ୍ଗ, ଛୁରୀଅନା, କୋରଣା, ଶିଶୁଅ, କେନ୍ଦ୍ରାପଟି, ଆଲଙ୍ଗପୁର ପଞ୍ଚାୟତ ଅଧୀନରେ ଥିବା ହଜାର ହଜାର ଏକର ସରକାରୀ ଜମିକୁ ଜବରଦସ୍ତ ଅବରୋଧ କରି ଚିଙ୍ଗୁଡ଼ି ଚାଷ କରିବା ଦ୍ୱାର ପରିବେଶ ପ୍ରଦୂଷଣ ହେବା ସହ ଦେବୀ ନଦୀ ଓ ତାର ପାର୍ଶ୍ୱବର୍ତି ନଦୀ ଗୁଡିକ ପ୍ରଦୂଷଣ ହେବାରେ ଲାଗିଛି ।ରାଜ୍ୟ ପ୍ରଦୂଷଣ ବୋର୍ଡ଼ ପକ୍ଷରୁ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ କିମ୍ବା ନିୟନ୍ତଣ କରାଯାଉ ନଥିବା ଦେଖାଯାଉଛି ।ବେଆଇନ ଚିଙ୍ଗୁଡ଼ି ଘେରି ଓ ଚାଷ ସମ୍ପର୍କରେ ଜିଲ୍ଲା ପ୍ରଶାସନ ତଥା ଜିଲାପାଳଙ୍କୁ ଅତୀତରେ ବାରମ୍ବାର ଲିଖିତ ଅଭିଯୋଗ ଓ ସାଧାରଣ ଜନଶୁଣାଣୀରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ କିମ୍ବା ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ ।ପ୍ରଶାସନିକ ଅବହେଳାର ସୁଯୋଗ ନେଇ ବାହାରର ଚିଙ୍ଗୁଡ଼ି ମାଫିଆମାନେ ସରକାରଙ୍କୁ ରାଜସ୍ୱ ଫାଙ୍କି ମାଲା ମାଲ ହେବା ସହ ସ୍ଥାନୀୟ ଅଞ୍ଚଳକୁ ପ୍ରଦୂଷଣର ବଳୟ ମଧ୍ୟକୁ ଠେଲି ଦେଉଛନ୍ତି ।ଯାହା ଫଳରେ ସ୍ଥାନୀୟ ଜନସାଧାରଣ ମାନଙ୍କ ଜୀବନ ଜୀବିକା ଗୁରୁତ୍ୱର ଭାବେ ପ୍ରଭାବିତ ହେବାରେ ଲାଗିଛି ।ଚିଙ୍ଗୁଡ଼ି ଘେରିରୁ ନିର୍ଗତ ହେଉଥିବା ବିଷାକ୍ତ ରାସାୟନିକ ପଦାର୍ଥ ନଦୀ, ନାଳ ,ଚାଷ ଜମିରେ ମିଶିବା ଫଳରେ ମାଛ ଓ ଯାଆଁଳ ମରିଯାଉଥିବା ବେଳେ ଧାନ ଫସଲ ବିଶେଷ ଭାବେ ପ୍ରଭାବିତ ହେଉଥିବା ପରିବେଶବିତ୍ ଓ ଅସ୍ତରଙ୍ଗ ଗ୍ରାମର ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି ।ଅସ୍ତରଙ୍ଗ ଅଞ୍ଚଳରେ ବିଷାକ୍ତ ରାସାୟନିକ ପଦାର୍ଥ ଓ ଚିଙ୍ଗୁଡ଼ି ଘେରିର ଲୁଣା ପାଣି ଯୋଗୁଁ ହଜାର ହଜାର ହେକ୍ଟର ଚାଷଜମି ପ୍ରଭାବିତ ହେବା ସହିତ ଚାଷ ଜମିରେ ଧାନ ଚାଷ ହେଉ ନଥିବା ଚାଷୀମାନେ ଗୁରୁତ୍ୱର ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ।ବର୍ଷ ବର୍ଷ ଧରି ଚାଷୀମାନେ ବେଆଇନ ଘେରି ପାଇଁ ନିର୍ଯାତିତ ହୋଇଆସୁଛନ୍ତି ।

‘ଓଡିଶାରୁ ଇଞ୍ଚେମାଟି ଦିଆଯିବ ନାହିଁ’

କୋରାପୁଟ,୬।୧୧(ନି.ପ୍ର.): କୋଟିଆ ସୀମା ବିବାଦକୁ ନେଇ ଦୀର୍ଘ ଦିନ ଧରି ଚାଲିଥିବା ବିବାଦ ମଧ୍ୟରେ, ଓଡ଼ିଶା ପ୍ରଶାସନକୁ ସମର୍ଥନ ଜଣାଇ ଆଗକୁ ଆସିଛନ୍ତି ଆଇନଜୀବୀମାନେ । ଆନ୍ଧ୍ର ପ୍ରଦେଶ ସରକାର ବିବାଦୀୟ ଗ୍ରାମଗୁଡ଼ିକରେ ପଞ୍ଚାୟତ ନିର୍ବାଚନ ଆୟୋଜନ କରିବା ପରେ, କୋରାପୁଟ ଜିଲ୍ଲା ଓକିଲ ସଂଘ ଏହାର ଦୃଢ଼ ବିରୋଧ କରିଛି



ଏବଂ “ଆନ୍ଧ୍ର ଫେରିଯାଅ” ବୋଲି ସ୍ଲୋଗାନ ଦେବା ସହ ଓଡ଼ିଶାରୁ ଇଞ୍ଚେମାଟି ଦିଆଯିବ ନାହିଁ ନାରା ଦେଇଥିଲେ ।

କୋରାପୁଟ ଜିଲ୍ଲା କୋଟିଆ ପଞ୍ଚାୟତ ଅନ୍ତର୍ଗତ ଫାଟୁସିନେରୀ ଏବଂ ନେରେଡିବାଲସା ଗ୍ରାମରେ ଆନ୍ଧ୍ରର ସାଲୁର ମଣ୍ଡଳ ଅଧିକ ଗ୍ରାମରେ ଭୋଟ୍ ଗ୍ରହଣ ଚାଲିଥିବା ବେଳେ ଓକିଲମାନେ ଏହି ବିରୋଧ ପ୍ରଦର୍ଶନ କରିଥିଲେ । ଏହି ସମୟରେ ଅଭିଯୋଗ ହୋଇଥିଲା ଯେ, ସ୍ଥାନୀୟ ଭୋଟରମାନଙ୍କୁ ଆନ୍ଧ୍ର ପ୍ରଦେଶର ନିର୍ବାଚନରେ ଭୋଟ୍ ଦେବା ପାଇଁ ଚାପ ପକାଯାଉଥିଲା । ଯଦିଓ କିଛି ସ୍ଥାନୀୟ ବାସିନ୍ଦା ଏଥିରେ ଅଂଶଗ୍ରହଣ କରିଥିବା ଖବର ମିଳିଛି, ତଥାପି ଆଇନଜୀବୀମାନଙ୍କର ଏହି ବିରୋଧ ଓଡ଼ିଶାର ସଂଘର୍ଷକୁ ଏକ ଗୁରୁତ୍ୱପୂର୍ଣ୍ଣ ନୈତିକ ଓ ସାମ୍ବିଧାନିକ ମାନ୍ୟତା ପ୍ରଦାନ କରିଛି ।ଏହି ବିରୋଧରେ କେବଳ ଓକିଲମାନେ ନୁହଁନ୍ତି, ବରଂ ଅନ୍ୟ ବର୍ଗର ଲୋକମାନେ ମଧ୍ୟ ସାମିଲ ହୋଇଥିଲେ । କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ସୂଚନା ଦେଇଛନ୍ତି ଯେ, ଓକିଲ, ଡାକ୍ତର ଏବଂ ବିଭିନ୍ନ ରାଜନୈତିକ ଦଳର କର୍ମୀମାନେ ବିବାଦୀୟ ଅଞ୍ଚଳରେ ଏକତ୍ରିତ ହୋଇଥିଲେ । ଓଡ଼ିଶା ଯେଉଁ ନିର୍ବାଚନ ପ୍ରକ୍ରିୟାକୁ ବେଆଇନ ବୋଲି ମାନୁଛି, ସେଥିରେ ଅଂଶଗ୍ରହଣ ନକରିବା ପାଇଁ ସେମାନେ ସ୍ଥାନୀୟ ଲୋକଙ୍କୁ ସଚେତନ କରାଇଥିଲେ । କଂଗ୍ରେସ, ବିଜେପି ଏବଂ ବିଜେଡିର ନେତା ଓ କର୍ମୀମାନଙ୍କ ଉପସ୍ଥିତି ସୀମାନ୍ତରେ ଏକ ବିରଳ ଏକଜୁଟ୍ ମଞ୍ଚ ସୃଷ୍ଟି କରିଥିଲା । ଏହା ରାଜ୍ୟ ପ୍ରଶାସନକୁ ଓଡ଼ିଶାର ଭୌଗୋଳିକ ସ୍ୱାର୍ଥ ରକ୍ଷା କରିବା ଏବଂ ପରିସ୍ଥିତିକୁ ଅଧିକ ଉତ୍ତ ?ଜନାପୂର୍ଣ୍ଣ ହେବାରୁ ରୋକିବା ପାଇଁ ସକ୍ରିୟ ହେବାକୁ ପ୍ରେରିତ କରିଥିଲା ।ଏହି ବିରୋଧର ସକାରାତ୍ମକ ପ୍ରଭାବ ମଧ୍ୟ ଦେଖିବାକୁ ମିଳିଥିଲା । ଦୁଇ ରାଜ୍ୟର ଦାବି ମଧ୍ୟରେ ଫସି ରହିଥିବା ସ୍ଥାନୀୟ ବାସିନ୍ଦାଙ୍କ ପାଇଁ, ଓକିଲମାନଙ୍କ ପ୍ରତିବାଦ ଏବଂ ପ୍ରଶାସନର ସତର୍କତା କିଛି ମାତ୍ରାରେ ଆଶ୍ୱସ୍ତି ଆଣିଦେଇଥିଲା,କିନ୍ତୁ ଗଭୀର ଅନିଶ୍ଚିତତା ଏବେ ମଧ୍ୟ ରହିଯାଇଛି । ଯେହେତୁ ଆଇନଜୀବୀମାନେ ମଧ୍ୟ ଏହି ବିବାଦରେ ସାମିଲ ହୋଇଛନ୍ତି, ଓଡ଼ିଶା ପକ୍ଷରୁ ଏକ ସ୍ପଷ୍ଟ ବାର୍ତ୍ତା ମିଳୁଛି: କୋଟିଆ କୌଣସି ବୁଝାମଣା କିମ୍ବା ସୌଦାବାଜିର ବିଷୟ ନୁହେଁ । ଏଠାରେ ଦିଆଯାଉଥିବା ‘ଆନ୍ଧ୍ର ଫେରିଯାଅ’ ସ୍ଲୋଗାନ୍ କେବଳ ଏକ ରାଜନୈତିକ ମୋଟ ହୋଇ ରହିନାହିଁ ! ସାମିଲ ହୋଇଥିବା ଓକିଲ ସଙ୍ଘର ସେମିଳିଗୁଡା ସଭାପତି ସନ୍ତୋଷ କୁମାର ଦାଶ, ସୁରେନ୍ଦ୍ର କୁମାର ଖରା, ରମେଶ ଚନ୍ଦ୍ର ସାହୁ, ସୀତାରାମ ପଟ୍ଟନାୟକ, ରଞ୍ଜନ ଜେନା ଓ ଅନ୍ୟାନ୍ୟ ସଭ୍ୟ, ସେହିଭଳି ଜୟପୁର ବାର ଓକିଲ ସଙ୍ଘର ସଭାପତି ବିଜୟ କୁମାର ରାୟ ଜେନାଦେଓ, ବରିଷ୍ଠ ଆଇନଜୀବି ବିରେନ୍ ପଟ୍ଟନାୟକ, ଇ.ଏନ୍.ରାମାନୁଜ୍ ପ୍ରସାଦ ଓ ଅନ୍ୟାନ୍ୟ ସଭ୍ୟ, କୋରାପୁଟ ଓକିଲ ସଙ୍ଘର ଉପସଭାପତି ନିତ୍ୟାନନ୍ଦ ମହାନ୍ତି, ବରିଷ୍ଠ ଆଇଞ୍ଜୀବି ଗୁପ୍ତ ?ଶ୍ୱର ପାଣିଗ୍ରାହି,ମନୋ ରଞ୍ଜନ ରାଉତ ରାୟ, ପ୍ରଶାନ୍ତ କୁମାର ସିଆଲ୍. ଅଶ୍ୱିନୀ ପଟ୍ଟନାୟକ ସମେତ ଉପସ୍ଥିତ ରହିଥିଲେ ।

ଐତିହ୍ୟ ଖୋରଧା କ୍ଲବ ନାଁରେ ୨.୫ ଏକର ସାର୍ବଜନୀନ ସମ୍ପତ୍ତି ହଡ଼ପ !

ଖୋରଧା,୬।୧୧(ନି.ପ୍ର.): ଐତିହାସିକ ଖୋରଧା କ୍ଲବର ସମ୍ପତ୍ତିକୁ ନେଇ ଖୋରଧା ସହରରେ ଏବେ ବଡ଼ ବିବାଦ । ଶୈଳବାସିନୀ ଅଫିସର୍ସ ଆମେଚର୍ କ୍ଲବ ନାମରେ ଥିବା ପ୍ରାୟ ଅଢେଇ ଏକର ଜମି କିପରି ଖୋରଧା କ୍ଲବ ନାମକୁ ଆସିଲା, ତାହାକୁ ନେଇ ଉଠିଛି ସାଂଘାତିକ ପ୍ରଶ୍ନ । ବିନା ଆବଶ୍ୟକ ପ୍ରସ୍ତାବ ଓ ବୈଧ ହସ୍ତାନ୍ତର ଦଲିଲରେ ଜମିର ନାମଜାରି କରାଯାଇଥିବା ଏବଂ ପରବର୍ତ୍ତୀ ସମୟରେ ବିଭିନ୍ନ ଦଲିଲ ଜରିଆରେ ସମ୍ପତ୍ତି ହସ୍ତାନ୍ତର ହୋଇଥିବା ନେଇ ଅଭିଯୋଗ ଆସିଛି । ଏହାକୁ କେବଳ ଜମି ମାଲିକାନା ବିବାଦ ନୁହେଁ, ବରଂ ଏକ ଐତିହାସିକ ଅନୁଷ୍ଠାନର ସମ୍ପତ୍ତି ଓ ପରିଚାଳନାର ସ୍ୱଚ୍ଛତାକୁ ନେଇ ଗୁରୁତର ପ୍ରଶ୍ନ ଭାବେ ଦେଖାଯାଉଛି ।ଏନେଇ ଖୋରଧା ସହରର ଜଣେ ବାସିନ୍ଦା ତଥା ଖୋରଧା କ୍ଲବର ସଦସ୍ୟ ଗତ ଅକ୍ଟୋବର ୧୩ ତାରିଖରେ ଜିଲାପାଳ ଓ ମହାନିରୀକ୍ଷକ ପଞ୍ଜୀକରଣ (ଆଇଜିଆର)ଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ମୂଳ ଜମି ରେକର୍ଡଠାରୁ ଆରମ୍ଭ କରି ନାମଜାରି, ହସ୍ତାନ୍ତର ଦଲିଲ ଓ କ୍ଲବର ଆର୍ଥିକ କାରବାର ପର୍ଯ୍ୟନ୍ତ ସମସ୍ତ ଦିଗର ନିରପେକ୍ଷ ତଦନ୍ତ ସହ ସମ୍ପତ୍ତି ସୁରକ୍ଷା ପାଇଁ ସେ ଦାବି କରିଛନ୍ତି ।

ଅଭିଯୋଗ ଅନୁସାରେ, ୧୯୧୬ ମସିହାରେ ଶୈଳବାସିନୀ ଅଫିସର୍ସ ଆମେଚର୍ କ୍ଲବର ସମ୍ପତ୍ତି ବୃଦ୍ଧି ଉଦ୍ଦେଶ୍ୟରେ କେତେକ ବ୍ୟକ୍ତି ପ୍ରାୟ ୨.୫ ଏକର ଜମି ଦାନ କରିଥିଲେ । ୧୯୬୨ ମସିହାରେ ଜଜାରସିଂହ ମୌଜାର ଖାତା ନଂ. ୬୨୫ ଓ ୯୭୪ ରେ ଏହି ଜମି କ୍ଲବର ସମ୍ପାଦକଙ୍କ ନାମରେ ରେକର୍ଡଭୁକ୍ତ ହୋଇଥିଲା । ପରବର୍ତ୍ତୀ ସମୟରେ ଶୈଳବାସିନୀ କ୍ଲବର କାର୍ଯ୍ୟକଳାପ ବନ୍ଦ ହେବା ପରେ ଏହାର ସମ୍ପତ୍ତି ଖୋରଧା କ୍ଲବ ନିୟନ୍ତ୍ରଣକୁ ଯାଇଥିବା ଅଭିଯୋଗକାରୀ ଦର୍ଶାଇଛନ୍ତି ।ଏହାପରେ ଜମିର ମାଲିକାନା ଓ ହସ୍ତାନ୍ତରକୁ ନେଇ ଆହୁରି ଗୁରୁତର ଅଭିଯୋଗ ଆସିଛି । ବିକ୍ରି ଦଲିଲ, ଲିଜ୍ ଦଲିଲ, ଚୁକ୍ତିନାମା, ବିକାଶ ଚୁକ୍ତି ଓ ସାଧାରଣ କ୍ଷମତାପତ୍ର ଭଳି ବିଭିନ୍ନ ଆଇନଗତ ଦସ୍ତାବିଜ ଜରିଆରେ ସମ୍ପତ୍ତି ହସ୍ତାନ୍ତର ହୋଇଥିବା ଅଭିଯୋଗକାରୀ ଦର୍ଶାଇଛନ୍ତି । କେତେକ ଦଲିଲରେ ଶୈଳବାସିନୀ କ୍ଲବକୁ ବିକ୍ରେତା ବା ପ୍ରଥମ ପକ୍ଷ ଭାବେ ଦର୍ଶାଯାଇଥିବା ସତ୍ତ୍ୱେ ଖୋରଧା କ୍ଲବ ପକ୍ଷରୁ ଏହି କାରବାର କାର୍ଯ୍ୟକାରୀ ହୋଇଥିବା ନେଇ ପ୍ରଶ୍ନ ଉଠାଯାଇଛି । ଏ ସମ୍ପର୍କିତ କେତେକ ଦଲିଲର ନକଲ ମଧ୍ୟ ଅଭିଯୋଗପତ୍ର ସହ ସଂଲଗ୍ନ କରାଯାଇଛି ।

କେବଳ ଜମି କାରବାର ନୁହେଁ, କ୍ଲବର ଆଭ୍ୟନ୍ତରୀଣ ପରିଚାଳନାକୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି । ଦୀର୍ଘବର୍ଷ ଧରି ସାଧାରଣ ସଭା ଓ ନିର୍ବାଚନ ହୋଇନଥିବା, ବୈଠକର ବିବରଣୀ, ହିସାବ ଖାତା ଓ ଅଡିଟ୍ ରିପୋର୍ଟ ଠିକ୍ ଭାବେ ସଂରକ୍ଷିତ ହେଉନଥିବା ଅଭିଯୋଗ ରହିଛି । ସରକାରୀ ଅନୁଦାନ, ସଦସ୍ୟ ଚାନ୍ଦା ଓ ଦାନ ଅର୍ଥର ଆୟବ୍ୟୟ ସମ୍ପର୍କରେ ସଦସ୍ୟମାନଙ୍କୁ ସ୍ପଷ୍ଟ ତଥ୍ୟ ଦିଆଯାଉନଥିବା ମଧ୍ୟ ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି । ଏପରିକି କ୍ଲବର ଲେଟରପ୍ୟାଡ୍ ?ରେ ଥିବା ପଞ୍ଜୀକରଣ ସଂଖ୍ୟାକୁ ନେଇ ମଧ୍ୟ ସନ୍ଦେହ ପ୍ରକାଶ କରାଯାଇଛି ।ଅଭିଯୋଗକାରୀଙ୍କ ଦାବି ଅନୁଯାୟୀ, ୧୯୯୨ ମସିହାରୁ କୌଣସି ନିର୍ବାଚନ ନକରି ଜଣେ ସମ୍ପାଦକ ଦୀର୍ଘବର୍ଷ ଧରି ପଦବୀରେ ରହିଆସିଛନ୍ତି । ଏହି ଦୀର୍ଘକାଳୀନ ଅବ୍ୟବସ୍ଥା ଯୋଗୁଁ କ୍ଲବର ସମ୍ପତ୍ତି ଓ ଆର୍ଥିକ ପରିଚାଳନାରେ ଅନିୟମିତତା ହୋଇଥିବା ତାଙ୍କର ଅଭିଯୋଗ ।

ଏହି ପରିପ୍ରେକ୍ଷୀରେ ମୂଳ ଜମି ରେକର୍ଡ, ୨୦୧୮ର ନାମଜାରି ମାମଲା, ପରବର୍ତ୍ତୀ ସମସ୍ତ ହସ୍ତାନ୍ତର ଦଲିଲ ଏବଂ କ୍ଲବର ଆର୍ଥିକ କାରବାରର ନିରପେକ୍ଷ ତଦନ୍ତ ଦାବି କରାଯାଇଛି । ଏଥିସହ ରସିଦ ବହି, କ୍ୟାସ୍ ?ବୁକ୍ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ସୁରକ୍ଷିତ ରଖିବା, ବ୍ୟାଙ୍କ ଖାତାର କାରବାର ଯାଞ୍ଚ କରିବା ଏବଂ ସରକାରୀ ଅଧିକାରୀ ଓ ସହରର ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ନୂତନ ପରିଚାଳନା କମିଟି ଗଠନ ପାଇଁ ନିବେଦନ କରାଯାଇଛି ।

ଜିଲ୍ଲାସ୍ତରୀୟ ‘ମାଣ୍ଡିଆ ଦିବସ’ ପାଳିତ

ଅନୁଗୋଳ,୬।୧୧(ନିପ୍ର) : ଜିଲ୍ଲା କୃଷି ବିଭାଗ ତରଫରୁ ସ୍ଥାନୀୟ ବ୍ଲାକ୍ ଡାଇମଣ୍ଡ ସଭାଗୃହଠାରେ ଜିଲ୍ଲାସ୍ତରୀୟ ‘ମାଣ୍ଡିଆ ଦିବସ’ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମାନ୍ୟବର ଢେଙ୍କାନାଳ ସାଂସଦ ଶ୍ରୀ ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାଣ୍ଡିଆର ଉପକାରିତା ସମ୍ପର୍କରେ ବର୍ଣ୍ଣନା କରିବା ସହ ସାର୍ବଜନୀନ ସ୍ଥାନରେ ଏହାର ବ୍ୟାପକ ପ୍ରସାର କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ମାନ୍ୟବର ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟଗୁଡ଼ିକର ମଧ୍ୟାହ୍ନ ଭୋଜନରେ ମାଣ୍ଡିଆ ଲଡୁର ଅନ୍ତର୍ଭୁକ୍ତୀକରଣକୁ ଉଚ୍ଚ ପ୍ରଶଂସା କରିବା ସହ ବିଦ୍ୟାଳୟ ପରିଦର୍ଶନ ସମୟରେ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଉପରେ ଏହାର ସକାରାତ୍ମକ ପ୍ରଭାବ ଦେଖି ସନ୍ତୋଷ ବ୍ୟକ୍ତ କରିଥିଲେ ।ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ ଯୋଗ ଦେଇ ମାଣ୍ଡିଆ ଚାଷ ପାଇଁ କମ୍ ପାଣି ଓ କମ୍ ସାରର ଦରକାର ହେଉଥିବାରୁ ଏହା ଚାଷୀଙ୍କ ପାଇଁ ବେଶ୍ ଲାଭଦାୟକ ବୋଲି ମତ ଦେଇ ଏହି ଚାଷ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ ।

ପରିବର୍ତ୍ତିତ ଜଳବାୟୁ ପରିସ୍ଥିତିରେ ଚାଷୀଙ୍କ ବିକାଶ, ଜନସ୍ୱାସ୍ଥ୍ୟରେ ପୁଷ୍ଟିକର ମାଣ୍ଡିଆର ଭୂମିକା ଏବଂ ଶସ୍ୟ ପର୍ଯ୍ୟାୟରେ କ୍ଷୁଦ୍ର ଶସ୍ୟର ସମ୍ପ୍ରସାରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉପରେ କାର୍ଯ୍ୟକ୍ରମରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଜିଲ୍ଲାରେ ‘ଶ୍ରୀଅନ୍ନ ଅଭିଯାନ’ର ସଫଳତା ଉପରେ ପ୍ରସ୍ତୁତ ଏକ ପ୍ରାମାଣିକ ଚିତ୍ର (ଡକ୍ୟୁମେଣ୍ଟାରୀ) ମଧ୍ୟ ପ୍ରଦର୍ଶନ କରାଯାଇଥିଲା । ଏହା ସହ ମାଣ୍ଡିଆ ଓ କ୍ଷୁଦ୍ର ଶସ୍ୟର ମୂଲ୍ୟଯୁକ୍ତ ଉତ୍ପାଦକୁ ଗୁରୁତ୍ୱ ଦେବା ଏବଂ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏକ ‘ ମାଣ୍ଡିଆ ଖାଦ୍ୟ ମେଳା’ର ଆୟୋଜନ କରାଯାଇ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଓ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ମାନ୍ୟବର ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ମାନ୍ୟବର ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ପ୍ରଭାତ ପ୍ରଧାନ ଏବଂ ମାନ୍ୟବର ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଚୌଧୁରୀ ପ୍ରଧାନଙ୍କ ସମେତ ବିଭାଗୀୟ ଅଧିକାରୀ, ଜିଲ୍ଲାର ୫ଟି ମିଲେଟ ବ୍ଲକର କୃଷକ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଦିବ୍ୟ ସ୍ୱରୂପ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ କୃଷି ସହକାରୀ ନିର୍ଦ୍ଦେଶିକା ପ୍ରଭାତୀ ରାମ ଧନ୍ୟବାଦ ଅର୍ପଣ କରିଥିଲେ ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104 , Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ